NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
9 FEBRUARY 2026
ସୋମବାର
୯ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 264 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୨୬୪ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

### ଅଶୁଭ ରବିବାର

## ଦୁର୍ଘଟଣାରେ ଗଡ଼ିଲା ୬ ମୁଣ୍ଡ

**ବଲାଙ୍ଗୀର,କୋରାପୁଟ,୮।୨/ଏନ୍‌ଏନ୍‌ଏସ୍‌:**

ଅଶୁଭ ସାଜିଲା ରବିବାର। ବଲାଙ୍ଗୀର ଓ କୋରାପୁଟରେ ରବିବାର ସନ୍ଧ୍ୟାରେ ଦୁଇଟି ପୃଥକ ଦୁର୍ଘଟଣାରେ ମୋଟ୍ ୬ଜଣଙ୍କ ଜୀବନ ଯାଇଛି। ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କୋରାପୁଟରେ ୨ଜଣଙ୍କ ମୃତ୍ୟୁ ହୋଇଛି। ରବିବାର ସନ୍ଧ୍ୟାରେ ବଲାଙ୍ଗୀର ତୁରେକେଲା-ମହଖଣ୍ଡ ରାସ୍ତାର ପଣ୍ଡେନ ଗାଁ ନିକଟରେ ଅଜଣା ଗାଡ଼ି ଏକ ବାଇକ୍‌କୁ ଧକ୍କା ଦେବାରୁ ୪ ଜଣଙ୍କ ଜୀବନ ଯାଇଛି। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ମେଡିକାଲ୍‌ରେ ଆଉ ୨ ଜଣ ଆଖି ବୁଜିଛନ୍ତି। ମୃତକଙ୍କ ମଧ୍ୟରେ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ତୁରେକେଲା ଗାଁର ୩ ଜଣ ଥିବା ବେଳେ ଅନ୍ୟ ଜଣେ ବେଲପଡ଼ା ବ୍ଲକ ଧଅରାଖମନ ଗାଁର। ମୃତକମାନେ ହେଉଛନ୍ତି ତୁରେକେଲା ଗାଁର କ୍ଷୀର ପୁଟେଲ, ତାଙ୍କ ସ୍ତ୍ରୀ ଫୁଲମତି ପୁଟେଲ, ନାତି ଦେବାଶିଷ ପୁଟେଲ ଓ ବେଲପଡ଼ା ବ୍ଲକ ଧଅରାଖମନ ଗାଁର ମୋହନ ପୁଟେଲ। ସେହିପରି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି-ଅମ୍ବାବଲି ରାସ୍ତାର ପେଟୁରୁ ଛକ ▶▶ ୫

## ବ୍ରିଜ୍ ତଳୁ ମିଳିଲା ୨ଯୁବକଙ୍କ ମୃତଦେହ

**କୋରାପୁଟ,୮।୨/ଏନ୍‌ଏନ୍‌ଏସ୍‌:**

କୋରାପୁଟ ଜିଲ୍ଲା ନନ୍ଦପୁର ଅଞ୍ଚଳରେ ଥିବା ଖ୍ରିଲିବା ବ୍ରିଜ୍ ତଳୁ ଉଦ୍ଧାର ଦୁଇ ଜଣ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ନନ୍ଦପୁର ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିବା ଭଗବାନ ଖିଲ। ଅନ୍ୟ ମୃତକଙ୍କ ନାଁ ଉଗ୍ରସେନ ପାଙ୍ଗି। ତାଙ୍କ ଘର ହିକିମପୁଟ ଗାଁରେ। ରବିବାର ଅପରାହ୍ଣରେ ନନ୍ଦପୁର ଥାନା ଅନ୍ତର୍ଗତ ଖ୍ରିଲିବା ବ୍ରିଜ୍ ତଳେ ଦୁଇଟି ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ନନ୍ଦପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଦୁଇଟିକୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି। ତେବେ ଏହା ଏକ ଦୁର୍ଘଟଣା ନା ହତ୍ୟାକାଣ୍ଡ, ସେ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ବ୍ରିଜ୍ ଉପରେ ଏକ ବାଇକ୍ ପଡ଼ିଥିଲା। ଯାହା ଦୁର୍ଘଟଣାର ସଙ୍କେତ ଦେଉଛି। ତେବେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ▶▶ ୫

### ୧୧ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ

# ଭାରତ-ମାଲେସିଆ ସମ୍ପର୍କ ଶିଖର ଛୁଇଁବ: ମୋଦୀ

**ନୂଆଦିଲ୍ଲୀ,୮।୨/ଏନ୍‌ଏନ୍‌ଏସ୍‌:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଲେସିଆ ଗସ୍ତ ପରିପ୍ରେକ୍ଷୀରେ ରବିବାର ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହୋଇଛି । ପ୍ରତିନିଧି ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୋଦୀ ଓ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଦ୍ୱିପାକ୍ଷିକ ବୈଠକ କରି ନିବେଶ, ବାଣିଜ୍ୟ, ପ୍ରତିରକ୍ଷା ଭଳି କ୍ଷେତ୍ରରେ ସମ୍ପର୍କ ବଢ଼ାଇବା ନେଇ ଚର୍ଚ୍ଚା କରିଛନ୍ତି। ଆଲୋଚନା ପରେ ଉଭୟ ପକ୍ଷ ମଧ୍ୟରେ ଡିଜିଟାଲ ପେମେଣ୍ଟ, ସୁରକ୍ଷା ସହଯୋଗ, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟ ଓ ଔଷଧ, ବିପର୍ଯ୍ୟୟ ପରିଚାଳନା, ଦୁର୍ନୀତି ମୁକାବିଲାରେ ସହଯୋଗ, ଅଡିଓ-ଭିଜୁଆଲ୍ ସହ-ପ୍ରଯୋଜନା, ବୈଷୟିକ ଓ ବୃତ୍ତିଗତ ଶିକ୍ଷା, ଜାତିସଂଘ ଶାନ୍ତିରକ୍ଷା ସହଯୋଗ ଏବଂ ଭାରତୀୟ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଚୁକ୍ତିନାମା ଆଦାନପ୍ରଦାନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ୧୧ଟି ବୁଝାମଣା ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ, ରଣନୈତିକ ବୋଲି କହିଛନ୍ତି ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ। ଅନ୍ୟପକ୍ଷରେ ଭାରତ-ମାଲେସିଆ ସମ୍ପର୍କ ଶିଖର



ଛୁଇଁବ ବୋଲି ମୋଦୀ କହିଛନ୍ତି।

ମାଲେସିଆ ଗସ୍ତର ଦ୍ୱିତୀୟ ଦିନରେ ନରେନ୍ଦ୍ର ମୋଦୀଙ୍କୁ ଆଜି ମାଲେସିଆର ପ୍ରଧାନମନ୍ତ୍ରୀ ପେରଡାନା ପୁତ୍ରା ପରିସରରେ ସ୍ୱାଗତ କରିଥିଲେ। ସେଠାରେ ତାଙ୍କୁ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହା ପରେ ଦୁଇ ନେତା ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସରକାରୀ ବାସଭବନ ସେରୀ ପେରଡାନାରେ ସୀମିତ ଏବଂ ପ୍ରତିନିଧିସ୍ତରୀୟ ଆଲୋଚନା କରିଥିଲେ। ଦୁଇ ନେତା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ଏବଂ ୨୦୨୪ରେ ଦୁଇ ଦେଶ ମଧ୍ୟରେ ପ୍ରତିଷ୍ଠିତ ବ୍ୟାପକ ରଣନୀତିକ ସହଭାଗୀତାକୁ ଆହୁରି ମଜଭୁତ କରିବାକୁ ସହମତ ହୋଇଥିଲେ। ସେମାନେ ଶହ ଶହ ବର୍ଷ ପୁରୁଣା ଭାରତ-ମାଲେସିଆ ସମ୍ପର୍କ ଏବଂ ଏହି ସହଭାଗିତାର ଆଧାର ହୋଇଥିବା ଦୃଢ଼ ଲୋକସମ୍ପର୍କକୁ ସ୍ମରଣ କରିଥିଲେ। ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗକୁ ବିସ୍ତୃତ ଭାବରେ ସମୀକ୍ଷା କରିଥିଲେ। ଏଥିରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସୁରକ୍ଷା, ସାମୁଦ୍ରିକ ସହଯୋଗ, ସ୍ୱଚ୍ଛ ଶକ୍ତି, ଭିତ୍ତିଭୂମି, ଷ୍ଟାର୍ଟଅପ୍ସ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆୟୁର୍ବେଦ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ସମ୍ପର୍କ ଭଳି ପ୍ରାଥମିକତା କ୍ଷେତ୍ର ଅନ୍ତର୍ଭୁକ୍ତ। ସେମାନେ ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭଳି ଉଦୀୟମାନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ନେତାମାନେ ▶▶ ୫

**ଡିଜିଟାଲ୍ ସହଯୋଗରେ ନିରନ୍ତର ପ୍ରଗତିକୁ କଲେ ପ୍ରଶଂସା**

**ଯୁବ ସମ୍ପର୍କକୁ ସୁଦୃଢ଼ କରିବାକୁ ମୋଦୀଙ୍କ ଆହ୍ୱାନ**

**ଦୁଇ ଦିନିଆ ଗସ୍ତସାରି ଦିଲ୍ଲୀ ଫେରିଲେ ପ୍ରଧାନମନ୍ତ୍ରୀ**

## ବାପାର ଛୁରାମାଡ଼ରେ ପୁଅ ମୃତ

**କାମାକ୍ଷାନଗର, କଙ୍କଡ଼ାହାଡ଼,୮।୨/ଏନ୍‌ଏନ୍‌ଏସ୍‌:**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ କମ୍ପୁଲେଇ ଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ରବିବାର ଜଣେ ବ୍ୟକ୍ତି ତାଙ୍କ ପୁଅଙ୍କୁ ଛୁରୀ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାଁ କ୍ଷୀରୋଦ ସାହୁ। ତାଙ୍କ ବାପା ତଥା ଅଭିଯୁକ୍ତଙ୍କ ନାଁ ବିଭୂତି ସାହୁ। ତେବେ ଘଟଣା ଭିଆଇବା ପରେ ଅଭିଯୁକ୍ତ ବାପା ଫେରାର ହୋଇଯାଇଥିବା ଜଣାଯାଇଛି। ଶନିବାର କୌଣସି କାରଣକୁ ନେଇ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ବିଭୂତି ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିବା ସହ ପୁଅ କ୍ଷୀରୋଦଙ୍କୁ ମାରିବା ପାଇଁ ଇଟା ଓ ପଥର ଆଦି ଫୋପାଡ଼ିଥିଲେ। ଏ ନେଇ କ୍ଷୀରୋଦ କଙ୍କଡାହାଡ଼ ଥାନାରେ ଅଭିଯୋଗ କରିଥିଲେ। ▶▶ ୫

### ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ..

## ମାଲକାନଗିରିରେ ରହିବେ ଛତିଶଗଡ଼ ବିଧାୟକ

**ମାଲକାନଗିରି,୮।୨/ଏନ୍‌ଏନ୍‌ଏସ୍‌:**

ଛତିଶଗଡର ପୂର୍ବତନ ଅବକାରୀ ମନ୍ତ୍ରୀ ତଥା ଏବେର କଣ୍ଟା ନିର୍ବାଚନମଣ୍ଡଳୀର ବିଧାୟକ କବାସି ଲକ୍ଷ୍ମା। ଦୁର୍ନୀତି ମାମଲାରେ ୧୩ ମାସ ଧରି ରାୟପୁର ଜେଲ୍‌ରେ ରହିବା ପରେ ସୁପ୍ରିମକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କେସ୍ ଚାଲିବା ପର୍ଯ୍ୟନ୍ତ କବାସି ଛତିଶଗଡ଼ ମାଟି ମାଡିବେ ନାହିଁ। ଯେଉଁଥିପାଇଁ ସେ ପଡ଼ୋଶୀ ମାଲକାନଗିରି ଜିଲ୍ଲାକୁ ନିଜର ଆଶ୍ରୟସ୍ଥଳୀ ଭାବି ବାଛି ନେଇଛନ୍ତି।

ଛତିଶଗଡ଼ର ମଦ ଘୋଟାଲା ମାମଲାରେ ଗିରଫ ହୋଇ ରାୟପୁର କେନ୍ଦ୍ରୀୟ ଜେଲରେ ଦୀର୍ଘଦିନ ଧରି ବିଚାରାଧୀନ ବନ୍ଦୀ ଭାବେ ରହିଥିବା କବାସୀ ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତାଙ୍କର ମାମଲା



ବର୍ତ୍ତମାନ ମଧ୍ୟ ହାଇକୋର୍ଟରେ ବିଚାରାଧୀନ ରହିଛି। ଏହି କାରଣରୁ ସେ ଛତିଶଗଡ଼ ରାଜ୍ୟରେ ରହିପାରିବେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି। ଫଳରେ କବାସୀ ଲାଖମା ଓଡ଼ିଶାର ମାଲକାନଗିରି ଜିଲ୍ଲାକୁ ଆସି ଆଶ୍ରୟ ନେଇଛନ୍ତି। ପଡ଼ୋଶୀ ତେଲେଙ୍ଗାନାରେ ମଧ୍ୟ କଂଗ୍ରେସ ଶାସନ ରହିଛି ଏବଂ ସେଠାରେ ମଧ୍ୟ ସେ ରହିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିଲା। କିନ୍ତୁ ମାଲକାନଗିରି ଜିଲ୍ଲା ▶▶ ୫

**ମଦ ଘୋଟାଲା ମାମଲାରେ ଜାମିନ ମଞ୍ଜୁର, ହେଲେ ଘରକୁ ମନା**

**ମାମଲା ଚାଲିବା ଯାଏ ନିଜ ରାଜ୍ୟରେ ରହିପାରିବେନି**

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା

## 'ମୁଁ ନିର୍ଦ୍ଦୋଷ, ମୋତେ ଫସାଯାଇଛି'

**ବ୍ରହ୍ମପୁର,୮।୨/ଏନ୍‌ଏନ୍‌ଏସ୍‌:**

ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଜେଲରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ମୁହଁରେ ଅଭିଯୋଗର ଲମ୍ବା ଫର୍ଦ୍ଦ। ସେ ନିର୍ଦ୍ଦୋଷ ଆଉ ତାଙ୍କୁ ଫସାଇ ଦିଆଯାଇଥିବା କହି ଗଣମାଧ୍ୟମ ଆଗରେ ବାଢ଼ିଛନ୍ତି ଗୋଟିଏ ପରେ ଗୋଟିଏ ଅଭିଯୋଗ।ସ୍ୱାସ୍ଥ୍ୟ ସମସ୍ୟା ନେଇ ବ୍ରହ୍ମପୁର ଜେଲ୍‌ରୁ ଆଜି କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଏମ୍‌କେସିଜି ମେଡିକାଲ୍ ଆସିଥିଲେ ବିକ୍ରମ। ଏହି ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ବିକ୍ରମ କହିଛନ୍ତି ଯେ ତାଙ୍କୁ ଓ ବିଜୁ ଜନତା ଦଳକୁ ବଦନାମ କରିବାକୁ ଏହି ଷଡ଼ଯନ୍ତ୍ର ହୋଇଛି। ରାଜନୈତିକ ଉଦ୍ଦେଶ୍ୟରୁ ହିଁ ତାଙ୍କୁ ଫସାଇ ଦିଆଯାଇଛି। ତେବେ ନ୍ୟାୟିକ ବ୍ୟବସ୍ଥା ଓ ନ୍ୟାୟପାଳିକା ଉପରେ ତାଙ୍କର ଭରସା ଓ ବିଶ୍ୱାସ ଥିବା ବିକ୍ରମ କହିଛନ୍ତି।ସେପଟେ ବ୍ରହ୍ମପୁର ଜେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ବି ବିକ୍ରମ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଗଲା ୪ ମାସ ହେଲା ଜେଲ୍ ଭିତରେ ତାଙ୍କୁ ହଇରାଣ କରାଯାଉଛି। ଯାହାର ଅନୁସନ୍ଧାନ କଲେ ସବୁ ଜଣାପଡ଼ିବ। ତାଙ୍କୁ ୪ ମାସ ଧରି ▶▶ ୫



ହସ୍ପିଟାଲ୍‌ରେ ବିକ୍ରମ ପଣ୍ଡା

## ଟ୍ରେନି ଏୟାର୍‌କ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ

### ପ୍ରଶିକ୍ଷକ ଏବଂ କ୍ୟାଡେଟ୍ ଆହତ

**ବିଜୟପୁରା,୮।୨/ଏଜେନ୍ସି:**

କର୍ଣ୍ଣାଟକାର ବିଜୟପୁରା ଜିଲ୍ଲାର ମାଙ୍ଗାଲୁରୁ ଗାଁରେ ରବିବାର ଅପରାହ୍ଣରେ ଏକ ଟ୍ରେନି ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଏୟାରକ୍ରାଫ୍ଟ ଟ୍ରେନିଂ ପାଇଁ ଯାଉଥିବା ବେଳେ ବବଲେଶ୍ୱରରେ କ୍ରାସ୍ ହୋଇଛି। ଏହା ଏକ ଚାଷ ଜମିରେ ଖସି ପଡ଼ିଥିଲା। ଏଥିରେ ବିମାନର କ୍ୟାପଟେନ(ପ୍ରଶିକ୍ଷକ ) କୁନାଲ ମାଲହୋତ୍ରା ଓ ଟ୍ରେନି ପାଇଲଟ(କ୍ୟାଡେଟ) ଗୌତମ ଶଙ୍କର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରେଡ୍ ବାର୍ଡ ଆଭିଏସନର ଏହି ଟ୍ରେନି ଏୟାରକ୍ରାଫ୍ଟଟି କାଲାବୁରାଗିରୁ ବେଲାଗାବିକୁ ଯାଉଥିଲା। ମାଙ୍ଗାଲୁରୁ ଗାଁରେ ଚାଷ ଜମିରେ ଏହା ଖସି ପଡ଼ିବା ପରେ ଗାଁ ଲୋକେ ସେଠାକୁ ଧାଇଁ ଯାଇଥିଲେ। ସେମାନଙ୍କ ସୂଚନା ଅନୁଯାୟୀ,ସେମାନେ ପହଞ୍ଚିଲା ବେଳକୁ ଟ୍ରେନି ପାଇଲଟ ଜଣଙ୍କ ବିମାନ ପାଖରେ ଶୋଇ ରହିଥିଲେ। ପାଇଲଟ ଜଣଙ୍କ ଛିଡ଼ା ହୋଇଥିଲେ। ଆମ୍ବୁଲାନ୍ସ ଡକା ଯାଇ ସେମାନଙ୍କୁ ଡାକ୍ତରଖାନା ପଠା ଯାଇଥିଲା। ବିମାନଟି ଚାଷ ▶▶ ୫



### ଆନ୍ଧ୍ରରେ ଟ୍ରକ୍‌କୁ ପିଟିଲା ସ୍କର୍ପିଓ

## ୨ ଓଡ଼ିଆ ମୃତ, ୬ ଆହତ

**ବ୍ରହ୍ମପୁର,୮।୨/ଏନ୍‌ଏନ୍‌ଏସ୍‌:**

ରୋଗୀକୁ ଡାକ୍ତରଖାନା ନେବା ବେଳେ ଜାତୀୟ ରାଜପଥରେ ଏକ ଟ୍ରକ୍‌କୁ ସ୍କର୍ପିଓ ପିଟିବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଟେକଲିସ୍ଥିତ ପାଲଭାଲସା ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତାହତ ସମସ୍ତେ ଓଡ଼ିଶାର। ସେମାନଙ୍କ ଘର ଗଞ୍ଜାମ ଜିଲ୍ଲାର ଚିକିଟିର ପାଟିସୁନପୁରରେ। ମୃତକ ଦୁଇ ଜଣ ହେଲେ ଡବ୍ଲ୍ୟୁ ଡାଲୟା ଓ ଡବ୍ଲ୍ୟୁ ମୋହିନାମ୍ମା। ପାଟିସୁନାପୁରର ଆହତ ୬ ଜଣଙ୍କ ମଧ୍ୟରେ ଗାଡ଼ିର ଡ୍ରାଇଭର ଡି.ଭେଙ୍କଟସ, ବି. ଭାରତୀ, ଡବ୍ଲ୍ୟୁ. ନୀଳାଦ୍ରି, ଡି. ରାମରାଓ, ମୃତକ ଡାଲୟାଙ୍କ ସ୍ତ୍ରୀ ଡବ୍ଲ୍ୟୁ ମୁତ୍ୟାଲମ୍ମା ଓ ବି. ଚନ୍ଦ୍ରମଣି ରହିଛନ୍ତି।

ଏହି ଗାଁର ଗୋଟିଏ ପରିବାରର ଜଣେ ସଦସ୍ୟ ପକ୍ଷାଘାତର ଶିକାର ହୋଇଥିଲେ। ତାଙ୍କର ଚିକିତ୍ସା ପାଇଁ ଏକ କାରରେ ପରିବାର ଲୋକେ ଯାଉଥିବା ବେଳେ ଘଟିଥିଲା ଦୁର୍ଘଟଣା। ପ୍ରକାଶ ଯେ ଶନିବାର ମଧ୍ୟରାତ୍ରିରେ ଡବ୍ଲ୍ୟୁ ଡାଲୟା ପକ୍ଷାଘାତର ଶିକାର ହୋଇଥିଲେ। ବିଳମ୍ବିତ ରାତିରେ ପରିବାର ଲୋକେ ଡାଲୟାଙ୍କୁ ଚିକିତ୍ସା ପାଇଁ ▶▶ ୫

**ସିଏମ୍‌ଆର୍‌ଏଫ୍‌ରୁ ୪ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା ଘୋଷଣା**



### ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

## ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ: ଧର୍ମେନ୍ଦ୍ର

**ଅନୁଗୁଳ,୮।୨/ଏନ୍‌ଏନ୍‌ଏସ୍‌:**

ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ। ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଭଳି ଜନନାୟକମାନେ ବିଶ୍ୱାସ କରୁଥିଲେ ଯେ କେବଳ ପାଠ ପଢ଼ିବା ଶିକ୍ଷା ନୁହେଁ, ବରଂ ଶିକ୍ଷା ହେଉଛି ଅନ୍ଧକାରରୁ ଆଲୋକକୁ ଯିବାର ଏକ ମାଧ୍ୟମ। ଏହି ବିଚାରରେ ସେ କଣିହାଁ ଠାରେ ଏକ ଶିକ୍ଷାନୁଷ୍ଠାନ ସଦୃଶ ଏକ ମଞ୍ଜି ବୁଣିଥିଲେ, ଯାହା ଏବେ ପିଏମ୍ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ନାମିତ ହୋଇ ବଟ ବୃକ୍ଷର ରୂପ ନେଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଅନୁଗୁଳ ଜିଲ୍ଲା କଣିହାଁ ସ୍ଥିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ତଥା 'ପ୍ଲାଟିନମ୍ ଜୁବିଲି' ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି



ଯେ ଆଜି କେବଳ ଏହି ଅନୁଷ୍ଠାନର ୭୫ ବର୍ଷ ପୂର୍ତ୍ତିର ଉତ୍ସବ ନୁହେଁ, ବରଂ ଆଜି ହେଉଛି ଏହି ମାଟିର ମହାନ ସଂଗ୍ରାମୀ, ଆମ ସମସ୍ତଙ୍କର ପ୍ରେରଣାର ସ୍ରୋତ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ପବିତ୍ର ଜୟନ୍ତୀ। ତାଙ୍କ ଦ୍ୱାରା ଗଢ଼ା ହୋଇଥିବା ଶିକ୍ଷାନୁଷ୍ଠାନରୁ ପାଠପଢ଼ି ଆମ ଅଞ୍ଚଳର ପିଲାମାନେ ଡାକ୍ତର ହେବା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି, ଯାହା ଏକ ବଡ଼ ଉପଲବ୍ଧି ।

ନିଜ ଅଭିଭାଷଣରେ ଶ୍ରୀ ପ୍ରଧାନ ଆଗାମୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ୨୦୩୬ ମସିହାରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ଶତାବ୍ଦୀ ପୂରଣ କରିବ । ସେହି ସମୟରେ ଏହି ଶିକ୍ଷାନୁଷ୍ଠାନର ଦାୟିତ୍ୱ ▶▶ ୫

**ଯୁବପିଢ଼ି ଚାକିରି ପଛରେ ନଗୋଡ଼ାଇ 'ୱେଲଥ୍ କ୍ରିଏଟର୍' ହେବାକୁ ପ୍ରୟାସ କରିବା ଉଚିତ**

## ନିବେଶ ନାଁରେ ୫୦ ଲକ୍ଷ ଠକେଇ

### କୋଲ୍‌କାତାରୁ ବନ୍ଧା ହେଲେ ସାଇବର୍ ଠକ

**ଭୁବନେଶ୍ୱର,୮।୨/ଏନ୍‌ଏନ୍‌ଏସ୍‌:**

ନିବେଶ କରିବା ନାଁରେ ୫୦ ଲକ୍ଷ ଟଙ୍କା ଠକେଇ। ଆଉ ଏହି ମାମଲାରେ ଭୁବନେଶ୍ୱରର ସାଇବର ଥାନା ପୁଲିସ କୋଲକାତାରୁ ଜଣେ ସାଇବର ଠକଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ଅରବିନ୍ଦ ପାଲ।

ହ୍ୱାଟ୍‌ସ ଆପ୍‌ରେ ଲୋଭନୀୟ ଅଫର ଦେଇ ସାଇବର ଠକ ଅରବିନ୍ଦ ପାଲ ଲୋକଙ୍କୁ ଲୁଟୁ ଥିଲେ। ଭୁବନେଶ୍ୱରର ତମାଣ୍ଡୋ ଅଞ୍ଚଳର ଭାଗୀରଥୀ ମହାନ୍ତଙ୍କୁ ଏହିଭଳି ଅଫର ଦେଇ ଚୂନ ଲଗାଇ ଥିଲେ। ସେ ୫୦ ଲକ୍ଷ ୧୬ ହଜାର ଟଙ୍କା ନିବେଶ କରିଥିଲେ। କିନ୍ତୁ କିଛି ରିଟର୍ଣ୍ଣ ପାଇନଥିଲେ। ଅଭିଯୋଗ ପାଇବା ପରେ ସାଇବର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଭାଗୀରଥୀ ମହାନ୍ତି ଯେଉଁ ୫୦ ଲକ୍ଷ ୧୬ ଲକ୍ଷ ଟଙ୍କା ନିବେଶ କରିଥିଲେ ତାହା ୬ଟି ଆକାଉଣ୍ଟକୁ ଯାଇଥିଲା। ସେହି ଆକାଉଣ୍ଟଗୁଡ଼ିକ ମହାରାଷ୍ଟ୍ର ଓ ଗୁଜରାଟ ଭଳି ବିଭିନ୍ନ ରାଜ୍ୟରେ ରହିଛି। ତେଣୁ ସେମାନଙ୍କ ନେଟୱ୍ୱର୍କରେ ଏକାଧିକ



ଲୋକ ଥିବା ପୁଲିସ ଅନୁମାନ କରୁଛି। ଗିରଫ ଅଭିଯୁକ୍ତ ସାଧାରଣତଃ ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନଙ୍କୁ ଟାର୍ଗେଟ କରୁଥିଲେ। ତାଙ୍କ ହ୍ୱାଟ୍‌ସ ଆପ୍ ଗ୍ରୁପ୍‌ରେ ଲୋକେ ସାମିଲ ହେବା ପରେ ସେ ଟ୍ରେଡିଂ ଓ ଅଧିକ ଲାଭର ଲୋଭ ଦେଖାଉଥିଲେ। ଥରେ ଲୋକଙ୍କଠାରୁ ଟଙ୍କା ନେଇଗଲା ପରେ ସେମାନଙ୍କୁ ଅରବିନ୍ଦ ପାଲ ବ୍ଲକ୍ କରି ଦେଉଥିଲେ।

## ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ସମାପ୍ତ




**ଫୁଲବାଣୀ,୮।୨/ଏନ୍‌ଏନ୍‌ଏସ୍:** ସରକାରୀ ସ୍ୱାୟତ୍ତ ମହାବିଦ୍ୟାଳୟ, ଫୁଲବାଣୀର ଜାତୀୟ ସେବା ଯୋଜନା ପକ୍ଷରୁ କାଲାଡି ଗ୍ରାମରେ ଆୟୋଜିତ ସପ୍ତାହବ୍ୟାପୀ ଶୀତକାଳୀନ ବିଶେଷ ଶିବିର ସମାପ୍ତ ହୋଇଛି। ଶିବିରର ସମାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସୁବାଷ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର ଓ ମା' ବାରାଲଦେବୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ବିପିନ କୁମାର ବେହେରା ପରିଚାଳନା କରିଥିଲେ। ଶଙ୍କର ଦଳାଇ ସହଯୋଗ ପ୍ରଦାନ କରିଥିଲେ। ସମାପନୀ ସଭାରେ ମିସ୍ ଜ୍ୟୋତିର୍ମୟୀ ମହାନ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ। ସପ୍ତାହବ୍ୟାପୀ ଶିବିର ସମୟରେ ଏନଏସଏସ ସ୍ୱେଚ୍ଛାସେବକମାନେ ଗ୍ରାମ ସଫା, ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ, ସାମାଜିକ ସର୍ବେକ୍ଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ସଚେତନତା ଭଳି ବିଭିନ୍ନ ସାମାଜିକ ସେବାମୂଳକ କାର୍ଯ୍ୟ କରିଥିଲେ, ଯାହାକୁ ଗ୍ରାମବାସୀମାନେ ଉଚ୍ଚ ପ୍ରଶଂସା କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ଫୁଲବାଣୀ,୮।୨/ଏନ୍‌ଏନ୍‌ଏସ୍:** ଟାଉନ ଥାନା ଅନ୍ତର୍ଗତ ପଟାବାଲି ସାହିରେ ପାରିବାରିକ ଅଶାନ୍ତିକୁ ନେଇ ଜନୈକା ବିବାହିତା ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଜଣକ ପଟାବାଲି ସାହିର ଗୋଲୋକ ବିହାରୀ ପ୍ରଧାନଙ୍କ ସ୍ତ୍ରୀ ପ୍ରିୟମ୍ବଦା ମଲ୍ଲିକ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ପରିବାରରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ପ୍ରିୟମ୍ବଦା ରାଗିଯାଇ ହଠାତ ନିଜ କୋଠରୀ ଭିତରକୁ ପଶି କବାଟ ବନ୍ଦ କରି ଦେଇଥିଲେ। ଅନ୍ୟ ମାନେ ଡାକିବା ସତ୍ତ୍ୱେ ସେ କବାଟ ଖୋଲି ନ ଥିଲେ। ବହୁ ସମୟ ଧରି ସେ କବାଟ ନ ଖୋଲିବାରୁ ଘରଲୋକେ କବାଟ ଭାଙ୍ଗିବା ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ଖବର ପାଇ ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଟାଉନ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପି ସ୍ୱରୂପ କିଶନ ସୂଚନା ଦେଇଛନ୍ତି।

### ଆସିକାରେ ରେକର୍ଡ଼ ପରିମାଣର ଟମାଟୋ ଉତ୍ପାଦନ

# ସଂରକ୍ଷିତ ପାଇଁ ଶୀତଳଭଣ୍ଡାର ସ୍ଥାପନ ଦାବି

**ଆସିକା,୮।୨/ଏନ୍‌ଏନ୍‌ଏସ୍:** ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଚଳିତ ବର୍ଷ ରେକର୍ଡ ପରିମାଣର ଟମାଟୋ ଉତ୍ପାଦନ ହୋଇଥିବା ଜଣାପଡିଛି। ଆସିକା ଅଞ୍ଚଳର ବହୁ ଟମାଟୋ ଚାଷୀ କ୍ଷେତରେ କିଲୋ ପ୍ରତି ୫ ଟଙ୍କାରୁ ୭ ଟଙ୍କା ଦରରେ ବେପାରୀଙ୍କୁ ବିକ୍ରୀ କରୁଥିଲା ବେଳେ ବେପାରୀ ମାନେ କିଲୋ ପ୍ରତି ୧୫ ରୁ ୧୮ଟଙ୍କା ଦରରେ ଗ୍ରାହକଙ୍କୁ ଟମାଟୋ ବିକ୍ରୀ କରୁଥିବା ଆଲୋଚିତ ହେଉଛି। ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ଟମାଟୋର ବହୁଳ ବିକ୍ରିବଟା ହେଉଥିବା ଦେଖିବାକୁ ମିଳିଛି। ଚାଷୀ ବର୍ଷ ତମାମ କଠିନ ପରିଶ୍ରମ କରି ଚଳିତ ବର୍ଷ ଭଲ ଟମାଟୋ ଉତ୍ପାଦନ କରିଥିଲେ ମଧ୍ୟ ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳୁନଥିବା ଯୋଗୁଁ ଚାଷୀ କ୍ଷତିର ସମ୍ମୁଖିନ ହେଉଥିବା ଜଣାପଡିଛି। ଚଳିତ ବର୍ଷ ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ଦୈନିକ ଶହଶହ ଟନ ଟମାଟୋ ଉତ୍ପାଦନ ହେଉଥିବା ବେଳେ ଶୀତଳ ଭଣ୍ଡାର ଓ ସଂରକ୍ଷଣ ବ୍ୟବସ୍ଥା ଅଭାବରୁ ଚାଷୀ ଉତ୍ପାଦିତ ଟମାଟୋକୁ ଶାଗମାଛ ଦରରେ ବେପାରୀଙ୍କୁ ବିକ୍ରୀ କରୁଥିବା ଅଭିଯୋଗ ହେଉଛି। ଚଳିତବର୍ଷ ଟମାଟୋ ଉତ୍ପାଦନରେ ଆସିକା ପୂର୍ବବର୍ଷ ମାନଙ୍କ ରେକର୍ଡ ଭାଙ୍ଗିବାରେ ସକ୍ଷମ ହୋଇପାରିଛି। ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଟମାଟୋ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା କେତେକ ଚାଷୀଙ୍କ ଚିନ୍ତା ବଢିଯାଇଛି। ଗୋଟିଏ ପଟେ



ଜମିରେ ମାଙ୍କଡ ଓ ବାର୍‌ହା ପଲଙ୍କ କବଳରୁ ଫସଲକୁ ବଞ୍ଚାଇବାକୁ ଚାଷୀ ଦିନରାତି ଏକ କରି କଠିନ ପରିଶ୍ରମରେ ଭଲ ଟମାଟୋ ଫସଲ ଉତ୍ପାଦନ କରିଥିଲା ବେଳେ ଅନ୍ୟପଟେ ଫସଲ ସଂରକ୍ଷଣ ପାଇଁ ଆସିକାରେ ଶୀତଳ ଭଣ୍ଡାରର ସୁବିଧା ନାହିଁ। ଯାହାରି ଫଳରେ କେତେକ ଚାଷୀ କମ୍ ମୁଲ୍ୟରେ ଟମାଟୋ ପରିବା ବେପାରୀଙ୍କୁ ବିକ୍ରୀ କରୁଥିବା ଅଭିଯୋଗ ହେଉଛି। ଏପରିକି ମୁଣ୍ଡର ଝାଳକୁ ତୁଣ୍ଡରେ ମାରି କଠିନ ପରିଶ୍ରମ କରି ଭଲ ଟମାଟୋ ଫସଲ ଉତ୍ପାଦନ କରିଥିବା ଚାଷୀଙ୍କୁ ଉଚିତ୍ ଦର ମିଳିବା ତ ଦୂରର କଥା ସାର ଓ ଔଷଧ ବାବଦର ଖର୍ଚ୍ଚ ବି ବାହାରୁ ନଥିବା କେତେକ ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଟମାଟୋ ଉତ୍ପାଦନ ପାଇଁ ଅଧିକାଂଶ ଚାଷୀଙ୍କୁ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ମିଳୁଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ ଲାଭ କମ୍ ମିଳୁଥିବାରୁ କେତେକ ଚାଷୀ ଜମି ମାଲିକଙ୍କୁ ସେମାନଙ୍କ କର ବି ଦେଇପାରୁ ନାହାନ୍ତି। ଚାଷୀଙ୍କ ଠାରୁ କମ୍ ମୁଲ୍ୟରେ ଟମାଟୋ କିଣି କେତେକ ବେପାରୀ ଗ୍ରାହକଙ୍କୁ ଚଢା ଦରରେ ସେହି ଟମାଟୋକୁ ବିକ୍ରୀ କରି ମାଲାମାଲ୍ ହେଉଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନର ନିଘୋଡ ନିଦ୍ରା ଭାଙ୍ଗୁ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଦୁଗ୍ଧ ସଂଗ୍ରହ ପାଇଁ ଯେପରି ବ୍ୟବସ୍ଥା କରିଛନ୍ତି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଚାଷୀଙ୍କ ଉତ୍ପାଦିତ ପରିବା ସଂଗ୍ରହ ପାଇଁ ମଧ୍ୟ ସେପରି ବ୍ୟବସ୍ଥା ନକଲେ ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ଆଲୋଚିତ ହେଉଛି। ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ନିତ୍ୟ ବ୍ୟବହାର୍ଯ୍ୟ ପରିବା ରୂପେ ବ୍ୟବହାର ହେଉଥିବା ଟମାଟୋର ଦର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। କ୍ଷେତରେ ଟମାଟୋ ପରିବା ତୋଳିଲେ ଶ୍ରମିକ ମଜୁରୀ ବି ଉଠୁ ନଥିବା ଚାଷୀ ମହଲରେ ମତ ପ୍ରକାଶ ପାଉଛି। ପନିପରିବାକୁ ସତେଜ କରି ରଖିବା ପାଇଁ ଆସିକା ଅଂଚଳରେ ଶୀତଳଭଣ୍ଡାର କିମ୍ବା ସଂରକ୍ଷଣ ପାଇଁ ବ୍ୟବସ୍ଥା ନଥିବା ଯୋଗୁଁ ବହୁ ଚାଷୀ ପ୍ରଭୁତ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସିକାରେ ଏକ ଶୀତଳଭଣ୍ଡା ନିର୍ମାଣ କରିବା ସହ ଚାଷୀଙ୍କୁ ଉଚିତ ବଜାର ଦର ସୃଷ୍ଟି ଦିଗରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ମହଲରେ ଦୃଢ ମତ ପ୍ରକାଶ ପାଉଛି। ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ଟମାଟୋର ଅଭାବୀ ବିକ୍ରୀକୁ ନେଇ କେତେକ ଚାଷୀ ଚିନ୍ତାରେ ପଡିଯାଇଥିବା ଲକ୍ଷ୍ୟ କରାଯାଇଛି। ଗୋଟିଏ ପଟେ ଭରଣ ଜମିରେ ଯେତିକି ଅର୍ଥ ବିନିଯୋଗ କରି ଟମାଟୋ ଚାଷ କରାଯାଉଛି ଚାଷୀ ସଂପ୍ରତିକ ପରିସ୍ଥିତିରେ ସେତିକି ମୂଲ୍ୟ ବି ପାଇପାରୁନି। ଆଉମାତ୍ର କିଛି ଦିନ ପରେ ଗ୍ରୀଷ୍ମର ତାପ ବଢିଲେ ପୁଣି ଟମାଟୋ ଦର ଉଚ୍ଚା ହେବା ସମ୍ଭାବନାକୁ ଏଡାଇ ହେଉ ନାହିଁ। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ କୃଷି ବହୁଳ ଆସିକା ଅଂଚଳର ଚାଷୀ ସମାଜର ବୃହତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଆସିକାରେ ଏକ ଶୀତଳ ଭଣ୍ଡାର ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସମାଜସେବୀ ପ୍ରସନ୍ନ କୁମାର ତ୍ରିପାଠୀ ଅନୁରୋଧ କରିଛନ୍ତି।

## କାହ୍ନା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସାମୂହିକ ବିବାହ ଉତ୍ସବ ଆୟୋଜନ

**ବ୍ରହ୍ମପୁର,୮।୨/ଏନ୍‌ଏନ୍‌ଏସ୍:** ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ କାହ୍ନା ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆସନ୍ତା ଦିନରେ ସାମୁହିକ ବିବାହ ଉତ୍ସବ ଗୀତ ଭବନ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଆଜି ଷ୍ଟେସନ୍ ରୋଡ ସର୍କିଟ ହାଉସଠାରେ ଟ୍ରଷ୍ଟ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜରେ ପ୍ରଚଳିତ କୁସଂସ୍କାର ଯୌତୁକ ପ୍ରଥା ଏବଂ ବାଲ୍ୟ ବିବାହ ପ୍ରଥା ଦୂର କରିବା ଏବଂ ଯେଉଁ ପରିବାରର ଝିଅ ଓ ପୁଅ ମାନଙ୍କ ପାଇଁ ବିବାହରେ ସମସ୍ୟା ସୃଷ୍ଟି ହେଉଛି, ସେମାନଙ୍କ ମୁହଁରେ ହସ ଫୁଟାଇ ଏକ ନୂତନ ବୈବାହିକ ଜୀବନ ଆରମ୍ଭ କରିବା ପାଇଁ ପ୍ରେରଣା ଦେବା ଏହି ସାମୁହିକ ବିବାହ ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଟ୍ରଷ୍ଟ ସଭାନେତ୍ରୀ ରଞ୍ଜନା ମିଶ୍ର ପ୍ରକାଶ କରିଛନ୍ତି। ବନ୍ଧୁତା ଓ ସେବା ମନୋବୃତି ନେଇ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଅଧିକ ତ୍ୱରାନ୍ୱିତ କରାଯିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରକାଶ କୁହାଯାଇଛି। ରଞ୍ଜନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟର ୩୦ରୁ ଅଧିକ ସଦସ୍ୟ ସଦସ୍ୟାଙ୍କ ସହଯୋଗ କରିଥିଲେ। ଟ୍ରଷ୍ଟର ଏଭଳି ସେବା କାର୍ଯ୍ୟକୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ଉଚ୍ଚ ପ୍ରଶଂସା କରିଥିଲେ।




## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ବୁଗୁଡା,୮।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୧୯ତମ ବାର୍ଷିକ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ୟୁ .ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆବାହକ ଶଶଧର ବେହେରା, କଳପଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିକାଶ ରଞ୍ଜନ ପରିଡା, ସମ୍ମାନିତ ଅତିଥି ଭାବେ ଖଲିକୋଟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରତ୍ନପ୍ରଭା ଦାସ, ମାତୃପ୍ରେମୀ କିର୍ତ୍ତନ ପ୍ରଧାନ, ଆର୍ଯ୍ୟ ସମାଜ ସମ୍ପାଦକ ବିପିନ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ପାଢୀ, ସମ୍ପାଦକ ପ୍ରଭାତ କୁମାର ଦାସ ମଞ୍ଚାସୀନ ରହିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ହରିହର ମହାରଣା ବାର୍ଷିକ ବିବରଣୀ ପଠନ, ଶିକ୍ଷୟିତ୍ରୀ ରଶ୍ମିତା ପାଢୀ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବ ପରିଚାଳନାରେ ଶିକ୍ଷାକେନ୍ଦ୍ରର ସମସ୍ତ ଅପାଭାଇ ସକ୍ରିୟ ସହଯୋଗ କରିଥିଲେ।

### ଜଙ୍ଗଲରେ ପୁଲିସର ଚଢ଼ଉ

## ୧୬ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

**ଫୁଲବାଣୀ,୮।୨/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ତରଫରୁ ଅପରେସନ ନୀଳ ଜହର ଅଭିଯାନ ଜାରି ରହିଥିବା ବେଳେ ଗୋଟେ ପଟେ ଦୁଇମାସ ଧରି ପୋଲିସ ବିଭିନ୍ନ ଜଙ୍ଗଲରେ ଚଢ଼ାଉ କରି ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିବାରେ ଲାଗିଛି। ଅନ୍ୟପଟେ ବିଭିନ୍ନ ଜଙ୍ଗଲ ମାନଙ୍କରେ ଅତର୍କିତ ଚଢ଼ାଉ କରି ବିକ୍ରି ପାଇଁ ପ୍ରସ୍ତୁତି କରାଯାଇ ଗଛିତ କରାଯାଇଥିବା କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇକୁ ଜବତ କରୁଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଫିରିଙ୍ଗିଆ ଥାନା ତରଫରୁ ମଧ୍ୟ ଦୁଇଦିନ ହେଲା ଲଗାତାର ଭାବରେ ବଣ ପାହାଡ଼ ଘେରା ଜଙ୍ଗଲ ମାନଙ୍କରେ ଚଢ଼ାଉ କରାଯାଇ ଗଛିତ ରଖାଯାଇଥିବା ପ୍ରାୟ ଷୋହଳ କୁଇଣ୍ଟାଲ ଗଞ୍ଜେଇ କୁ ଜବତ କରାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ଦୁଇଦିନ ହେଲା ଥାନାରେ ନୂତନ ଭାବରେ ଯୋଗ ଦେଇଥିବା ଥାନା ଅଧିକାରୀ ମୁରଲିଧର ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ ଜାରିରହିଥିବା ବେଳେ ପ୍ରଥମ ଦିନରେ ଏହୁ ଥାନା ଅଧୀନରେ ଥିବା କାଶିନୀପଦର ପଂଚାୟତ ମାଝିପଡ଼ା ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ାଉ କରି ୯ କ୍ୱିଣ୍ଟାଲ ରୁ ଅଧିକ ଗଞ୍ଜେଇ ଜବତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପୁଣି ଏହି ଥାନା ଅଧୀନରେ ଥିବା ବନ୍ଧଗଡ଼ ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ାଉ କରାଯାଇ ୭ କ୍ୱିଣ୍ଟାଲ ରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ଅନ୍ୟପଟେ ଏହି ଗଞ୍ଜେଇ ଚଢ଼ାଉକୁ ନେଇ ଫିରିଙ୍ଗିଆ ଥାନାରେ ୦୩/୨୦୨୬ ଓ ୨୯/୨୦୨୬ ରେ ପୃଥକ ପୃଥକ ଦୁଇଟି ମାମଲାବୃଜୁ କରାଯାଇ ଜବତ ଗଞ୍ଜେଇ କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ମୁରଲି ଧର ସାହୁ। ଏହି ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରିରହିବ ବୋଲି ଥାନା ଅଧିକାରୀ ସୂଚନା ଦେଇଥିବା ବେଳେ ଏହି ଅଭିଯାନ ରେ ଥାନାରେ କାର୍ଯ୍ୟରତ ଏସଆଇ ଅଜୟ କୁମାର ସାହୁ, ଦିପକ କୁମାର ରାଉତ, ପ୍ରମୋଦ କୁମାର ବେହେରାଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ଜଣାପଡିଛି।



### ନବନିଯୁକ୍ତ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ରଙ୍କୁ ଶୁଭେଚ୍ଛା

# ବିଜୁ ଯୁବ-ଛାତ୍ର ସଂଗଠନକୁ ଆସିକାରେ ସୁଦୃଢ଼ କରିବାକୁ ପରାମର୍ଶ

**ଆସିକା,୮।୨/ଏନ୍‌ଏନ୍‌ଏସ୍:** ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳର ସଂଗଠନକୁ ଆସିକାରେ ଆହୁରି ସୁଦୃଢ କରିବାକୁ ବିଜୁ ଜନତା ଦଳର ନବନିଯୁକ୍ତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପରାମର୍ଶ ଦେଇଥିବା ଜଣାପଡିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ସଂଗଠନକୁ ଗଞ୍ଜାମ ଜିଲ୍ଲାରେ ପୁନଃ ଶକ୍ତିଶାଳୀ ଓ ସୁଦୃଢ କରିବା ପାଇଁ ପ୍ରଥମ ଥର ପାଇଁ ୨ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ଦେଇଛନ୍ତି। ପୂର୍ବତନ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ବିଜେଡି ନେତା ଭଗବାନ ଗନ୍ତାୟତଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗତ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରୂପେ ଦାୟିତ୍ୱ ଦେଇଛନ୍ତି। ବିଜୁ ଜନତା ଦଳର ନବନିଯୁକ୍ତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତି ପାଇଥିବା ସୋରଡାର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଭବ୍ୟ ଶୁଭେଚ୍ଛା ଜ୍ଞାପନ କରାଯାଇଥିବା ଜଣାପଡିଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରାଙ୍କ ନେତୃତ୍ୱରେ ଆସିକା ବ୍ଲକର ଚଢେୟାପଲ୍ଲୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଜୟସେନ ସ୍ୱାଇଁ, ଆସିକା ଏନ୍‌ଏସି କାଉନସିଲର ନିଗମାନନ୍ଦ ରାଉତ, ବିଜୁ ଯୁବ-ଛାତ୍ର ଜନତା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର କୁମାର ମହାରଣା, କାହ୍ନୁଚରଣ ଦଳେଇ, ବିମଳ ପ୍ରଧାନ, ରବିନ୍ଦ୍ର ସାହୁ, ସାଇରାଜ ଦଳେଇ, ସଂଜୀବ କୁମାର ମହାରଣା, ମନୋଜ ପ୍ରଧାନ, ସନ୍ତୋଷ ନାହାକ, ସୁନିଲ୍ ପାଣିଗ୍ରାହୀ, ମନୋଜ ପ୍ରଧାନ, ଶଙ୍କର ନାହାକ, କେଶବ ଦାଶଙ୍କ ସମେତ ବହୁ ଦଳୀୟ ନେତା ନବନିଯୁକ୍ତ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ଦେଖିବାକୁ ମିଳିଛି। ଅତୀତରେ ବିଜୁ ଜନତା ଦଳର ଏକ ଅଭେଦ୍ୟ ଦୁର୍ଗ ରୂପେ ପରିଚିତ ଥିବା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଯୁବ-ଛାତ୍ର ଦଳର ସଂଗଠନକୁ ଆହୁରି ସୁଦୃଢ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ନବନିଯୁକ୍ତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପରାମର୍ଶ ଦେଇଥିବା ଜଣାପଡିଛି।






# ଧାନକିଣାକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ରାଜ୍ୟରେ ଧାନ କିଣାକୁ ନେଇ ତେଜୁଛି ଅସନ୍ତୋଷ। ଅନେକ ମଣ୍ଡିରେ ଚାଷୀ ଧାନ ବିକ୍ରି କରିବାକୁ ହନ୍ତସନ୍ତ ହେଉଛନ୍ତି। ମିଲରଙ୍କ ମନମାନି ଯୋଗୁଁ ମଣ୍ଡିରେ ଅମଳ ଧାନ ବର୍ଷା କାକର ଖାଉଛି। କେଉଁଠି କଟନିଛଟନି ବି ଚାଷୀଙ୍କ ଦୁଃଖକୁ ଦୁଇଗୁଣା କରୁଛି। ଏହାକୁ ନେଇ ବିରୋଧୀ ବିଜେଡି ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ତାଙ୍କୁ ଚେକ୍ ଦେଇଛନ୍ତି ଶାସକ ଦଳ।**

## ‘ସରକାରଙ୍କୁ ବଦ୍‌ନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି’



**ଭୁବନେଶ୍ୱର,୮।୨/ଏନ୍‌ଏନ୍‌ଏସ୍:** ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି। କେବଳ ବଡ଼ ଚାଷୀ ବିରୋଧ କରୁଛନ୍ତି। ଗତବର୍ଷ ସେମାନେ ୫୦୦ କ୍ୱିଣ୍ଟାଲ ଧାନ ବିକିଥିଲେ। ଏଥର କ୍ୟାପ୍ସ ୧୫୦ କ୍ୱିଣ୍ଟାଲ ହୋଇଥିବାରୁ ସେମାନେ ଟିକେ ଅସୁବିଧା ଭୋଗୁଛନ୍ତି। ଆସନ୍ତାବର୍ଷ ସେଥିପ୍ରତି ଦୃଷ୍ଟି ଦିଆଯିବ। ମିଲରଙ୍କ ପାଖେ ଜାଗା ନଥିବାରୁ କିଛି ସ୍ଥାନରେ ଧାନ କିଣା ପ୍ରକ୍ରିୟା ଟିକେ ଧିରେ ହେଉଛି । ପରବର୍ତ୍ତୀ ସମୟରେ ସେ ଧାନକୁ ଉଠାଯାଉଛି । ଯେଉଁ ମାନଙ୍କର ଟୋକେନ୍ ଲାପ୍ସ ହେଉଛି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ୧୫ ଦିନ ଟୋକାନ ଅବଧି ବୃଦ୍ଧି କରାଯାଉଛି। ଚଳିତବର୍ଷ ଅଧିକ ଚାଷ ହୋଇଛି। ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି। ସେମାନଙ୍କୁ ନୋଟିସ ହୋଇଛି, ଏଥିରୁ ନ ଚେତିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ସରକାରଙ୍କୁ ବଦନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି। ସେଥିରେ ସେମାନେ ସଫଳ ହେବେନି। ସମସ୍ତ ଚାଷୀଙ୍କ ଧାନ ଉଠିବ।

## ‘ରାଜ୍ୟ ସରକାର ଧାନ କିଣାରେ ବିଫଳ’

**ଭୁବନେଶ୍ୱର,୮।୨/ଏନ୍‌ଏନ୍‌ଏସ୍:** ଅନ୍ୟପଟେ ଏ ପ୍ରସଙ୍ଗରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ସରକାର ଏକ ମିଛ ଚାଷୀଙ୍କ ତାଲିକା ଦିଅନ୍ତୁ। ପ୍ରକୃତ ଚାଷୀଙ୍କ ତାଲିକା ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି। ସରକାର ଧାନ କିଣାରେ ବିଫଳ। ଚାଷୀ ଆକ୍ରୋଶର ଶିକାର ହେଲେଣି ସରକାର। ବିଜେପିରେ କେହି ଚାଷୀ ନଥିବେ। ହେଲେ ଛୋଟ ହେଉ କି ବଡ଼ ହେଉ, ରାଜ୍ୟରେ ଚାଷୀ ଅଛନ୍ତି। ସେହିପରି କଂଗ୍ରେସ ବିଧାୟକ ନୀଳ ମାଧବ ହିକକା ମଧ କହିଛନ୍ତି ଯେ, ଚାଷୀଙ୍କୁ ନକଲି କହି ସରକାର ଅନ୍ନଦାତାଙ୍କୁ ଅପମାନ କରୁଛନ୍ତି। ଏହା ବଡ଼ ଅପରାଧ ଓ ନିନ୍ଦନୀୟ। ଅନ୍ନଦାତା ଦେଶ ଚଳାଉଛନ୍ତି। ତାଙ୍କୁ କେମିତି ନକଲି କହୁଛନ୍ତି ସରକାର ? ସରକାର କ’ଣ ଯାଞ୍ଚ କରିଛନ୍ତି। ୩୧୦୦ ଟଙ୍କାରେ ଧାନ କିଣିବାର ମିଛ କହିଲେ ସରକାର । କାହିଁକି ବାହୋସ୍କୋଟ ମାରୁଥିଲେ ? ମଣ୍ଡିରେ ଧାନ ପଡ଼ିଛି, ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଶ୍ରୀ ହିକକା ଚେତାବନୀ ଦେଇଛନ୍ତି।



**୧୮ରୁ ଯୁକ୍ତ ୨, ୧୯ରୁ ମାଟ୍ରିକ ପରୀକ୍ଷା**

# ପରୀକ୍ଷା ପରିଚାଳନାରେ ଅବହେଳାକୁ ବର୍‌ଦାସ୍ତ କରାଯିବନି: ମୁଖ୍ୟ ସଚିବ



**ଭୁବନେଶ୍ୱର,୮।୨/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ(ଯୁକ୍ତ ୨) ପରୀକ୍ଷା ଆସନ୍ତା ଫେବୃୟାରୀ ୧୮ ତାରିଖରୁ ଏବଂ ବାର୍ଷିକ ମାଧ୍ୟମିକ ପରୀକ୍ଷା(ମାଟ୍ରିକ) ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଏବଂ ମଧ୍ୟମା ପରୀକ୍ଷା ଫେବୃୟାରୀରୁ ୧୯ରୁ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକମାନେ ଯୋଗଦେଇଥିଲେ।

ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍ ତିରୁମାଳା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା, ଉପ ଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଉପ ସଭାପତି ଅମୂଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ ଯେ, ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୬ ରେ ଏ ବର୍ଷ ୨ ଲକ୍ଷ ୫୬ ହଜାର ୭୦୭ ଜଣ କଳା, ବାଣିଜ୍ୟରେ ୨୪ ହଜାର ୬୨୧ ଏବଂ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ଏହିପରି ମୋଟ ୪ ଲକ୍ଷ ୧୬ ହଜାର ୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ୨୧୧ ଟି ପରୀକ୍ଷା ପରିଚାଳନା ହବ୍, ୧୩୫୭ ଟି ପରୀକ୍ଷା କେନ୍ଦ୍ର ସହ ୭ ଟି ଉପ-କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ୧୮ ଫେବୃଆରୀ ୨୦୨୬ ରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୩ ଦିନ ଧରି ଚାଲିବ।

ସେହିପରି ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ର ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ୨ ମାର୍ଚ୍ଚ ୨୦୨୬ ରେ ସରିବ। ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷାରେ ୫ ଲକ୍ଷ ୪୬ ହଜାର ୮୭୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା, ମଧ୍ୟମାକୁ ମିଶାଇ ମୋଟ୍ ୫ ଲକ୍ଷ ୬୧ ହଜାର, ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥି ପାଇଁ ସମସ୍ତ ଜିଲ୍ଲାରେ ମୋଟ୍ ୩୨୨ ଟି ନୋଡାଲ ସେଣ୍ଟର, ୩୦୮୨ ଟି ପରୀକ୍ଷା କେନ୍ଦ୍ର ଓ ୫୦ ଟି “ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର” ରହିଛି। ପରୀକ୍ଷା ସୁପରିଚାଳନା ନେଇ ମାଧ୍ୟମିକ ଶିକ୍ଷା ପରିଷଦ, କଟକର ଷ୍ଟ୍ରଙ୍ଗ ରୁମରୁ ନୋଡାଲ କେନ୍ଦ୍ରଗୁଡିକୁ ଡେସ୍ପାଚ୍ ଟିମ୍ ସହିତ ଶସ୍ତ୍ରଧାରୀ ଆରକ୍ଷୀ କର୍ମଚାରୀ ନିୟୋଜିତ ରହିବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରଗୁଡିକରେ ସୁଚାରୁରୂପେ ପରୀକ୍ଷା ପରିଚାଳନା, ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ସମସ୍ତ ନୋଡାଲ୍ କେନ୍ଦ୍ର ଏବଂ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ଗ୍ରହଣରୁ ଆରମ୍ଭ କରି ଉତ୍ତର ପୁସ୍ତିକା ସଂଗ୍ରହ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନିରୀକ୍ଷଣ ଅଧିନରେ ରଖାଯିବା ନେଇ ପ୍ରସ୍ତୁତି ହୋଇଥିବା ସମ୍ପର୍କରେ ପ୍ରସ୍ତୁତି ଆଲୋଚନା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରାନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି। ପରୀକ୍ଷା ପରିଚାଳନା ସମ୍ପର୍କିତ ନିୟମ ବା ବିଧାନର ଉଲଙ୍ଘନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଏବଂ ଭାରତରେ ନ୍ୟାୟ ସଂହିତା ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି। ଗାଇଡଲାଇନ୍ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲା ନୋଡାଲ ଅଧିକାରୀଙ୍କ ପାଖରେ ପରୀକ୍ଷା ପରିଚାଳନା ମାର୍ଗଦର୍ଶିକା ନିଶ୍ଚିତ ଭାବେ ରହିବା ଓ ଏହାକୁ ଅନୁସରଣ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।






# ଓଡ଼ିଶା ଜାପାନ ସାଂସ୍କୃତିକ ମହୋତ୍ସବ ଶୁଭାରମ୍ଭ




**ପୁରୀ,୮।୨/ଏନ୍ଏନ୍ଏସ୍:** ପାରସ୍ପରିକ ସଦଭାବନା ଓ ଭାଇଚାରା କୁ ସମୃଦ୍ଧ କରେ ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଏ କ୍ଷେତ୍ରରେ ଭାଷା ଆଦୌ ପ୍ରତବନ୍ଧକ ହୁଏନାହିଁ। ଏହାକୁ ଆଜି ପ୍ରମାଣ କରିଛନ୍ତି ଓଡିଶା ଜାପାନ କଳାକାରମାନେ। ତାଳବଣିଆ ପଡିଆରେ ଆଜି ଠାରୁ ଆରମ୍ଭ ହୋଇଛି ଦୁଇ ଦିନିଆ ଓଡିଶା ଜାପାନ ସାଂସ୍କୃତିକ ମହୋତ୍ସବ। ଏହି ଅବସରରେ ଏସପି ପ୍ରତୀକ ସିଂ ଉପସ୍ଥିତ ରହି କଳାକାର ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧି ରେ ଏହା ସହାୟକ ହେବ ବୋଲି କହିଥିଲେ। ଜାପାନ ଏକ ସାହସୀ ଓ କଠିନ ପରିଶ୍ରମ କରୁଥିବା ଜାତି। ଦିତୀୟ ବିଶ୍ୱ ଯୁଦ୍ଧରେ ବ୍ୟାପକ କ୍ଷତି ସହିଥିଲେ ମଧ୍ୟ ସେମାନେ ସଂଘର୍ଷ ରୁ ଆଜି ସଫଳତା ପାଇ ଏକ ବିକଶିତ ରାଷ୍ଟ୍ରର ସୁନାମ ଅର୍ଜନ କରିଛନ୍ତି। ଓଡ଼ିଶା ମଧ୍ୟ ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ରାଜ୍ୟ। ଏହା ସହ କଳାର ଆଦାନ ପ୍ରଦର୍ଶନ ଉଭୟ ଭାରତ ଓ ଜାପାନର ସମ୍ପର୍କକୁ ଆହୁରି ମଜବୁତ କରିବ। ଆୟୋଜକ ଶ୍ରୀମନ୍ତ ଦାସ ଓ ତାଙ୍କ ଭାଇ କୁନା ଦାସଙ୍କ ସହଯୋଗରେ ଜାପାନରୁ ଅନେକ ପର୍ଯ୍ୟଟକ ଓ କଳାକାର ଓଡିଶା ବିଶେଷ କରି ପୁରୀ ଆସୁଛନ୍ତି। ସେମାନେ ମଧ୍ୟ ରଥଯାତ୍ରା, ଦୀପାବଳି, ହୋଲି ଇତ୍ୟାଦି ଓଡ଼ିଆ ପର୍ବରେ ସାମିଲ ହୋଇ ଆମ ସଂସ୍କୃତିକୁ ଭଲ ପାଇବା ଦେଉଛନ୍ତି। ଏହି ସମ୍ପର୍କ ଆହୁରି ଋଦ୍ଧିମନ୍ତ ହେଉ ବୋଲି ସେ କହିଥିଲେ। ପରେ ଜାପାନ କଳାକାର ମାନେ ସେମାନଙ୍କ ପାରମ୍ପରିକ ଜାପାନୀ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ବିଶେଷକରି ଜାପାନ କଳାକାର ବଲିଉଡ଼ ସଙ୍ଗୀତ ଓ ନୃତ୍ୟକୁ ନିଖୁଣ ଭାବେ ପରିବେଷଣ କରି ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। ଇଣ୍ଡୋ-ଜାପାଳ ଫ୍ରେଣ୍ଡସିପରର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ଉପ ନିର୍ଦ୍ଦେଶକ ରଶ୍ମି ସୋନିଆ ତୋମୀ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଦେବୀ ପ୍ରସାଦ ପ୍ରତାପ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ପେଣ୍ଠକଟା ମେରାଇନ ଥାନା ଅଧିକାରୀ ବିକ୍ରମ କେଶରୀ ଜେନା, ଚନ୍ଦନପୁର ଥାନାଧିକାରୀ ଭୁବନ ମୋହନ ସାମନ୍ତରାୟ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଆରପି ଆଇଆଇସି ସନ୍ତୋଷ କୁମାର ବାହିନୀପତି, ସହକାରୀ ଫାୟାର ଅଫିସର ପ୍ରଭାତ କୁମାର ରାଉତ, ସିବିଚ ଆଉଟ୍‌ପୋଷ୍ଟର ଷ୍ଟେସନ ଅଫିସର ଜିଜ୍ଞାସୁ ବେହେରାଙ୍କୁ ସେମାନଙ୍କ ଉଲ୍ଲେଖଯୋଗ୍ୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କଳା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘୋଷକ ଡା. ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷା, ପର୍ଯ୍ୟଟନ, ଓଡିଶା ହସ୍ତ ଶିଳ୍ପ ଓ ଜାପାନିଜ୍ ଖାଦ୍ୟ ଷ୍ଟଲ୍‌ର ମଜା ନେଇଥିଲେ ଉପସ୍ଥିତ ଦର୍ଶକ।

# ଡିଜିଟାଲ୍ ମାଧ୍ୟମରେ ଏପ୍ରିଲ୍ ୧୬ରୁ ଜନଗଣନା

**ନୟାଗଡ଼,୮।୨/ଏନ୍ଏନ୍ଏସ୍:** ଆଗାମୀ ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଚାଲିଛି। ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କହିଲେ ଯେ, ପ୍ରଥମ ପର୍ଯ୍ୟାୟ ଜନଗଣନା କାର୍ଯ୍ୟକ୍ରମ ଆଗାମୀ ଏପ୍ରିଲ ୧୬ ତାରିଖରୁ ଆରମ୍ଭହୋଇ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ କରାଯିବ। ଏଥିରେ କେବଳ ଘରଗୁଡ଼ିକ ଗଣାଯିବ। ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି।ପ୍ରଥମ ଥର ପାଇଁ ଏଥର ଡିଜିଟାଲ ମାଧ୍ୟମରେ ଜନଗଣନା ହେବାକୁ ଯାଉଛି। ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରେ ସ୍ୱଜନଗଣନାର ସୁବିଧା ଲପଲବ୍ଧ ହୋଇଛି। ଯେଉଁଥିରେ ସେନସସ୍ ପୋର୍ଟାଲରେ ଲଗ୍-ଇନ୍ କରି ଯେକୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ଆଗାମୀ ଫେବ୍ରୁଆରି ୨୦୨୭ରେ ଆରମ୍ଭ ହେବା ଏହାସହ ପ୍ରଥମଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଯୋଗଦେଇ କହିଲେ ଯେ ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ। ଏଥିରେ କେବଳ ବ୍ୟକ୍ତିବିଶେଷଙ୍କର ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ ଓ ସାମାଜିକ ଅବସ୍ଥାର ସମ୍ପୂର୍ଣ ବିବରଣୀ ପ୍ରଦର୍ଶିତ ହୋଇଥାଏ। ଏଥର ଜନଗଣନାକାରୀମାନେ ପ୍ରତ୍ୟେକ ଘର ବୁଲି ମୁରବିମାନଙ୍କୁ ସମସ୍ତ ବିଷୟ ଓ ସମ୍ପୂର୍ଣ ବିବରଣୀ ପାଇଁ ୩୩ଟି ପ୍ରଶ୍ନ ପଚାରିବେ ଏଣୁ ସମସ୍ତେ ସଠିକ୍ ତଥ୍ୟ ପ୍ରଦାନ କରିବା ଆବଶ୍ୟକ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଉପନିର୍ଦ୍ଦେଶକ ପବିତ୍ର କୁମାର ମହଲା ପ୍ରଶିକ୍ଷଣ ଅଧିକାରୀ ଭାବେ ଯୋଗ ଦେଇ ଅଧିକାରୀମାନଙ୍କୁ ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣର ବ୍ୟବହାର, ଗୃହ ତାଲିକା ଏବଂ ସେମାନଙ୍କର ଦାୟିତ୍ୱ ତଥା ଆଗାମୀ ଜନଗଣନାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ଏନ୍ଏସି ୱାର୍ଡ ଗଠନ ତାଲିକାକୁ ନେଇ ଅସନ୍ତୋଷ




**ସାଲେପୁର,୮।୨/ଏନ୍ଏନ୍ଏସ୍:** କଟକ ଜିଲ୍ଲା ସାଲେପୁରକୁ ନୂତନ ଏନ୍ଏସି ଘୋଷଣା ହେବା ପରେ ବର୍ତ୍ତମାନ ୱାର୍ଡ ଗଠନକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନୂତନ ଭାବେ ଘୋଷଣା କରାଯାଇଥିବା ଏନ୍ଏସି ଗୁଡ଼ିକର ଗଠନ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରସ୍ତାବିତ ୱାର୍ଡ ଗଠନ ତାଲିକାରେ ବିଭ୍ରାଟ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ ଏବେ ସାଲେପୁରର ତିନୋଟି ପଞ୍ଚାୟତକୁ ନେଇ ସାଲେପୁର ଏନ୍ଏସି ଘୋଷଣା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନଯାୟୀ ଏବେ ୱାର୍ଡ ଗଠନ କାର୍ଯ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରସ୍ତାବିତ ତାଲିକାରେ ପ୍ରଶାସନ ପକ୍ଷରୁ ଯେଉଁ ୱାର୍ଡ ଗଠନ କରାଯାଉଛି ତାହା ସଠିକ ଭାବେ କରାଯାଉ ନଥିବା ସ୍ଥାନୀୟ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭୌଗଳିକ ସ୍ଥିତି ଅନୁଯାୟୀ ୱାର୍ଡ ଗଠନ କରାଯାଇଥିବା ବେଳେ ଭୋଟର ମାନଙ୍କ ସଂଖ୍ୟାକୁ ନେଇ ୱାର୍ଡ ଗଠନ କରାଯାଉ ନାହିଁ। ଫଳରେ ଗୋଟିଏ ଗାଁର ଭୋଟର ଅନ୍ୟ ଏକ ୱାର୍ଡରେ ସାମିଲ ହେବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଭୌଗଳିକ ସ୍ଥିତିରେ ୱାର୍ଡ ଗଠନ ନ କରି ଭୋଟର ସଂଖ୍ୟା ଓ ଗ୍ରାମକୁ ନୂତନ ୱାର୍ଡ ଗଠନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି। ରୋଧପୁର୍ ଗ୍ରାମର କିଛି ଅଂଶକୁ ମାଛୁଆତି ଗ୍ରାମକୁ ୱାର୍ଡ ଗଠନ ପାଇଁ ଦେଇଥିବା ପ୍ରସ୍ତାବରେ ସାମିଲ କରାଯାଉଥିବା ବେଳେ ରୋଧପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ରୋଧପୁରର ତିନୋଟି ୱାର୍ଡକୁ ନେଇ ଗୋଟିଏ ଏନ୍ଏସି ୱାର୍ଡ ଗଠନ କରାଯାଉ ବୋଲି ଗ୍ରାମବାସୀମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଉପଭୋକ୍ତାଙ୍କୁ ବିଦ୍ୟୁତ୍ ନିୟମାବଳୀ ପୁସ୍ତକ ଯୋଗାଇବାକୁ ଦାବି



**ଫୁଲନଖରା,୮।୨/ଏନ୍ଏନ୍ଏସ୍:** ରାଜ୍ୟର ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ସଂକ୍ରାନ୍ତୀୟ ନିୟମାବଳୀ ପୁସ୍ତକ ଯୋଗାଇଦେବାକୁ ଦାବି ହୋଇଛି। ଏ ନେଇ ଗୋପାଳପୁର ଉପଖଣ୍ଡ ବିଦ୍ୟୁତ ଉପଭୋକ୍ତା ସଂଘ ତରଫରୁ ଆୟୋଜିତ ଏକ ପ୍ରେସମିଟରେ ଏପରି ଦାବି କରାଯାଇଛି। ସିଏମସି ୫୯ନମ୍ବର ୱାର୍ଡ଼ ତେଲେଙ୍ଗାପେଣ୍ଠ ଅନ୍ତର୍ଗତ ଗାନ୍ଧୀପୀଠରେ ଏକ ସଭା ଆୟୋଜନ ହୋଇଥିଲା। ସଂଘ ଉପ ସଭାନେତ୍ରୀ ତଥା ପ୍ରାକ୍ତନ କର୍ପୋରେଟର ରାଜକୁମାରୀ ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ବେହେରା, ସମ୍ପାଦକ ଚତୁର୍ଭୁଜ ମହାପାତ୍ର, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ସୁଶାନ୍ତକୁମାର ମହାନ୍ତି, ପ୍ରମୋଦ ମହାନ୍ତି, ତୁଷାରକାନ୍ତ ସ୍ୱାଇଁ, ଗୋବିନ୍ଦଚନ୍ଦ୍ର ରାଉତ, ଦାମୋଦର ସାହୁ, ରଞ୍ଜନକୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ସମସ୍ତ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ସେବା ସମ୍ପର୍କୀୟ ସ୍ୱୟଂ ସହାୟକ ପୁସ୍ତିକା ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କଦ୍ୱାରା ଜାରି ନିୟମାବଳୀ-୨୦୨୪ ପୁସ୍ତକକୁ ବିନା ମୂଲ୍ୟରେ ଯୋଗାଇ ଦେବାକୁ ଦାବି କରିଥିଲେ। ଏହା ହେଲେ ବିଦ୍ୟୁତ ସେବା ସମ୍ପର୍କିତ ମାମଲାର ତ୍ୱରିତ ସମାଧାନ ହେବା ସହିତ ଗ୍ରାହକ ସର୍ବୋତ୍ତମ ସେବା ପାଇବାକୁ ସକ୍ଷମ ହୋଇପାରିବ। ଅନ୍ୟ ପକ୍ଷରେ ବିଦ୍ୟୁତ ସେବା ସମ୍ବନ୍ଧିତ ଜରୁରୀ ସୂଚନା ବାବଦରେ ଜନସାଧାରଣଙ୍କୁ ସଚେତନ କରିବା, ନିୟାମକ ପୁସ୍ତକ ପ୍ରତି ଥାନାକୁ ଯୋଗାଇଦେବା, ବିଦ୍ୟୁତ ସମସ୍ୟା ଜନିତ କ୍ଷତିପୂରଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବା ଏବଂ ସର୍ବୋପରି ଘରୋଇ ବିତରଣ କମ୍ପାନୀ ପରିବର୍ତ୍ତେ ସରକାର ବିଦ୍ୟୁତ ପରିଚାଳନା ଦାୟିତ୍ୱ ନିଜ ହାତକୁ ନେବାକୁ ଏହି ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ଦାବି କରାଯାଇଥିଲା। ବିଷ୍ଣୁଚରଣ ମହାନ୍ତି, ଦୁଃଶାସନ ଓଝା, ଅମୂଲ୍ୟ କୁମାର ନାୟକ, ଅକ୍ଷୟ କୁମାର ରାଉତ, ବିରଞ୍ଚି ନାରାୟଣ ବେଜ ଓ ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ୩ ବଖରା ପାଉଁଶ

**ଦଶପଲ୍ଲା,୮।୨/ଏନ୍ଏନ୍ଏସ୍:** ବାଣୀଗୋଛା ଥାନା ତାକୁଡ଼ା ଗ୍ରାମରେ ନିଆଁ ଲାଗି ୩ବଖରା ଘର ପୋଡି ପାଉଁଶ ହୋଇଯାଇଛି। ରବିବାର ମଧ୍ୟାହ୍ନ ସମୟ ରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମର ଭଞ୍ଜକିଶୋର ବିନ୍ଧାଣି ପରିବାର ଘରେ ଖାଇ ବସିଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଘର ପଛପଟୁ ଏହି ନିଆ ଲାଗିଥିବା ବେଳେ ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାପତ୍ର ଓ ଖାଦ୍ୟସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳ



ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲା। ମାତ୍ର ଦମକଳ ବାହିନୀ ପହଁଚିବା ପୂର୍ବରୁ ସେହି ଗ୍ରାମର କୃଷ୍ଣ ନାଏକ ନିଆଁକୁ ଲିଭାଇବା ପାଇଁ ଘର ଉପରେ ଚଢ଼ି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଥିବା ବେଳେ ଚାଳ ଘର ଉପରୁ ପଡି ତାଙ୍କର ଅଣ୍ଟା ଭାଙ୍ଗିଯିବା ସହ ଗୋଟିଏ ହାତର ହାଡ଼ ଫାଟିଯାଇଛି। କୃଷ୍ଣଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ତାଙ୍କ ପୁଅ କେଦାର ନାଏକ ବାପାଙ୍କୁ ଦେଖା କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଟାକେରା ନିକଟରେ ଏକ କାର୍ ସହ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ କେଦାରଙ୍କ ଗୋଟିଏ ଗୋଡ଼ ପାଦ ଛିଣ୍ଡି ଗୁରୁତର ହୋଇପଡ଼ିଛି। ଉଭୟ ବାପା କୃଷ୍ଣ ଓ ପୁଅ କେଦାରଙ୍କୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁକରି କାର୍‌କୁ ଜବତ କରିଛି। ଉଭୟ ଅଗ୍ନି ବିପନ୍ନ ପରିବାର ଓ ନିଆଁକୁ ଲିଭାଇବାକୁ ଯାଇ ଚାଳରୁ ଖସି ପଡିଥିବା କୃଷ୍ଣଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

# ନିଖିଳ ଉତ୍କଳ କଂସାରୀ ସମାଜର ପ୍ରସ୍ତୁତି ବୈଠକ



**କଣ୍ଟିଲୋ,୮।୨/ଏନ୍ଏନ୍ଏସ୍:** ଦୀର୍ଘ ୬ ବର୍ଷର ନିରବତା ପରେ ପ୍ରଭୁ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଆଜି ରବିବାର ପୂର୍ବାହ୍ନରେ ଅଲ ଓଡିଶା ନିଖିଳ ଉତ୍କଳ କଂସାରୀ ସମାଜର ୬୦ରୁ ଊର୍ଦ୍ଧ୍ୱ ବରିଷ୍ଠ ସଦସ୍ୟମାନଙ୍କ ଏକ ପ୍ରସ୍ତୁତି ବୈଠକ ପୁରୀ ଶ୍ରୀକ୍ଷେତ୍ର ଏଚ୍‌ଆର୍ ଲଜ୍‌ଠାରେ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୯ ମସିହାରେ ଗଠିତ ଏହି ସଂଘ ସମ୍ପାଦକଙ୍କ ଅବହେଳାରୁ ୨୦୨୫ ପର୍ଯ୍ୟନ୍ତ ଆଦୌ କୌଣସି ବୈଠକ ହୋଇପାରି ନଥିବା ଯୋଗୁ ଆଜିର ଉପସ୍ଥିତ ସଦସ୍ୟମାନେ ଘୋର ଉଦ୍‌ବେଗ ପ୍ରକାଶ କରିବା ସହିତ ହଜାର ହଜାର କାରିଗର ଓ ଅଣ କାରିଗର ତଥା ବରିଷ୍ଠ ଜାତି ଭାଇମାନଙ୍କର ବିକାଶ ଓ ଉନ୍ନତି ଦିଗ ରେ ବାଧା ସୃଷ୍ଟି ହୋଇଥିବା ବର୍ଣ୍ଣନା କରିଥିଲେ। ସମୟାନୁସାରେ ସରକାରଙ୍କ ତରଫରୁ ପ୍ରତ୍ୟେକ କାରିଗର ମାନଙ୍କୁ ମିଳୁଥିବା ପ୍ରୋତ୍ସାହନରୁ ମଧ୍ୟ କଂସାରୀ କାରିଗର ମାନେ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଆଜିର ସଭାରେ ପ୍ରଭୁ ମହାପାତ୍ର, ସୁରେଶ କୁମାର ସାହୁ, ସୁରଦେବ ସାହୁ, ମଦନ ମୋହନ ଦାସ, ଦଣ୍ଡପାଣି ସାହୁ, ମୃତ୍ୟୁଞ୍ଜୟ ସାହୁ, ଶ୍ରୀପତି ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସଂଘ ରେଜିଷ୍ଟ୍ରେସନ୍ ପାଇଁ ୧୧ଜଣିଆ କମିଟି ସଦସ୍ୟ ଚୟନ କରିଛନ୍ତି। ସଂଘ ଗୃହ ପାଇଁ ଭୁବନେଶ୍ୱରରେ ଅଖିଳ କୁମାର ମହାରଣା ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଲେ। ଗୋଟିଏ ମାସ ମଧ୍ୟରେ ରେଜିଷ୍ଟ୍ରେସନ କରିବା ପାଇଁ ପ୍ରତ୍ୟେକ କାଗଜାତ ବିବରଣୀମାନ ପ୍ରସ୍ତୁତ କରିବା ଏବଂ ପ୍ରତ୍ୟେକ ଦିଗରୁ ଯାଞ୍ଚ କରି କାର୍ଯ୍ୟ କରିବା ପାଇଁ ଆଜିକାର ସଭା ସୁରେଶ କୁମାର ସାହୁଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ୍ କରି ଦାୟିତ୍ୱ ଅର୍ପଣ କରିଛନ୍ତି।

# ତମାଣ୍ଡୋ ପ୍ରିମିୟର ଲିଗ୍: ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଦିତ୍ୟ ଏକ୍ସଆଇ ବିଜୟୀ



**ମୁଣ୍ଡମୁହାଣ,୮।୨/ଏନ୍ଏନ୍ଏସ୍:** ତମାଣ୍ଡୋ ଖେଳ ପଡିଆରେ ଆଜି ଆରମ୍ଭ ହୋଇଛି ତମାଣ୍ଡୋ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଆଜି ଉଦ୍ଘାଟନୀ ମ୍ୟାଚରେ ଆଦିତ୍ୟ ଏକ୍ସଆଇ ଓ ଏମଏମସିସି ସମ୍ବଲପୁର ପରସ୍ପରକୁ ଭେଟିଥିଲେ। ଏହି ଉଦ୍ଘାଟନୀ ମ୍ୟାଚରେ ଆଦିତ୍ୟ ଏକ୍ସଆଇ ୭ ୱିକେଟରେ ଏମଏମସିସି ସମ୍ବଲପୁର ପରାସ୍ତ କରିଛି। ଆଦିତ୍ୟ ଏକ୍ସଆଇ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ହରାଇ ୨୩୬ ରନ୍ ସଂଗ୍ରହ କରିଥିଲେ।ଦଳ ପକ୍ଷରୁ ସରୋଜ ପଣ୍ଡା ୫୫ଟି ବଲ ଖେଳି ଧୁଆଁଧାର ୧୪ ଛକା, ୫ ଚୌକା ବଳରେ ୧୨୦ ରନ୍ କରିଥିବା ବେଳେ ବିବେକ କୁମାର ୩୪ ବଲ ଖେଳି ୭ ଚୌକା, ୭ ଛକା ବଳରେ ୭୪ ରନ୍ ସଂଗ୍ରହ କରି ଦଳକୁ ମଜଭୁତ ସ୍ଥିତିକୁ ଆଣିଥିଲେ। ଆଦିତ୍ୟ ଏକ୍ସଆଇ ପକ୍ଷରୁ ସାନ୍ତାନୁ ୩ ଓଭର ବୋଲିଂ କରି ୧୯ ରନ ଦେଇ ଦୁଇଟି ଉଇକେଟ ନେଇଥିଲେ।ଖେଳର ଦ୍ୱିତୀୟ ଇନିଙ୍ଗସରେ ଆଦିତ୍ୟ ଏକ୍ସଆଇ ୨୩୭ ରନର ବିଜୟ ଲକ୍ଷ ନେଇ ୧୬.୫ ଓଭରରେ ୩ ୱିକେଟ ହରାଇ ୨୪୧ ରନ କରି ସହଜ ବିଜୟ ହାସଲ କରିଥିଲେ। ଆଦିତ୍ୟ ଏକ୍ସଆଇ ପକ୍ଷରୁ ମରୋଜୁ ପ୍ରଶାନ୍ତ ୪୭ ଟି ବଲ ଖେଳି ଧୁଆଁଧାର ବ୍ୟାଟିଂ କରି ୧୪ ଛକା ,୭ ଚୌକା ବଳରେ ୧୨୬ ରନ କରିଥିବା ବେଳେ ଅମିତ ରାଠୋଡ ୨୫ ବଲରେ ୩୮ ରନ କରି ଦଳକୁ ସହଜ ବିଜୟ ଆଡକୁ ଟାଣି ନେଇଥିଲେ। ସମ୍ବଲପୁର ଦଳ ପକ୍ଷରୁ ଖେଳାଳି ମାନେ ଆକ୍ରମଣାତ୍ମକ ଢଙ୍ଗରେ ବୋଲିଂ କରିଥିଲେ ଆଦିତ୍ୟ ଏକ୍ସଆଇ ବ୍ୟାଟ୍ସମ୍ୟାନଙ୍କୁ ଧରାସାଇ କରିବାରେ ବିଫଳ ହୋଇଥିଲେ। ଆଦିତ୍ୟ ଏକ୍ସଆଇ ଦଳର ମରୋଜୁ ପ୍ରଶାନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଟମାଣ୍ଡୋ କ୍ରିକେଟ କ୍ଲବ ସଭାପତି ଆଶିଷ କୁମାର ପଟ୍ଟନାୟକ ପୁରସ୍କୃତ କରିଥିଲେ।

ଆଜିର ମ୍ୟାଚ ପରିଚାଳନା କରିଥିଲେ ବିଶ୍ୱଜିତ ଅଧିକାରୀ ଓ ଅବଦୁଲ ରହିମ ଖାଁନ। ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ଏହି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନି ଉତ୍ସବରେ ଓଡିଶାର ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ଓ ଉତ୍ତର ବିଧାୟକ ଅନନ୍ତ ନାରାୟଣ ଜେନା, ଶୁସାନ୍ତ ରାଉତ, ଜଟଣୀର ପୂର୍ବତନ ବିଧାୟକ ଶୁରେସ କୁମାର ରାଉତରାୟ, ବିଜେପି ନେତା ବିଶ୍ୱ ରଞ୍ଜନ ବଡ଼ଜେନା, ୬୫ ନମ୍ବର କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ।

# ଓୟୁଜେ ଜିଲ୍ଲା ୟୁନିଅନ ପକ୍ଷରୁ ସାଧାରଣ ପରିଷଦ ବୈଠକ



**ଖୋର୍ଦ୍ଧା,୮।୨/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତିର ସ୍ଥିତ ମା ରାମଚଣ୍ଡୀଙ୍କ ପବିତ୍ର ପୀଠରେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟ କ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ଯୋଗଦେଇ ଜିଲ୍ଲା ସଂଗଠନର କାର୍ଯ୍ୟ ପନ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଉପସଭାପତି ସୟଦ ଅନସର୍ ଅଲ୍ଲୀ, ବେଗୁନିଆ ବ୍ଲକ ସମ୍ପାଦକ ଚନ୍ଦନ କୁମାର ସୁନ୍ଦରାୟ,ଜଟଣୀ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ, ଟାଙ୍ଗୀ ବ୍ଲକ ସମ୍ପାଦକ ହିମାଂଶୁ ଭୂଷଣ ଚମ୍ପତିରାୟ ନିଜ ନିଜ ବ୍ୟକ୍ତବ୍ୟରେ ସଂଗଠନକୁ ପୂର୍ବାପେକ୍ଷା କିଭଳି ଆହୁରି ମଜଭୁତ କରାଯାଇ ପାରିବ ସେ ସମ୍ପର୍କରେ ଉଦବୋଧନ ଦେଇଥିଲେ। ପ୍ରାରମ୍ଭରେ ଖୋର୍ଦ୍ଧା ବ୍ଲକ ସମ୍ପାଦକ ରାଜେଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଧାନ କରିଥିବାବେଳେ ପରିଶେଷରେ ବେଗୁନିଆ ବ୍ଲକ ସମ୍ପାଦକ ଚନ୍ଦନ ସୁନ୍ଦରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ବୈଠକ ଓ ବନ୍ଧୁମିଳନ କାର୍ଯ୍ୟ କ୍ରମରେ ଅଶୋକ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ, ସତ୍ୟ ନାରାୟଣ ସାମନ୍ତରାୟ, ସନ୍ଦୀପ କୁମାର ବର୍ମନ୍, ରମେଶ ସାମନ୍ତରାୟ, ଅଜିତ ମିଶ୍ର, ସେକ୍ ଅନୱର୍ ଅଲ୍ଲୀ, ତ୍ରିଲୋଚନ ବାଘସିଙ୍ଗ, ସିଦ୍ଧାର୍ଥ ମହାନ୍ତି, ପ୍ରକାଶ ପଟ୍ଟନାୟକ, ସୁଭଲକ୍ଷ୍ମୀ ସାମନ୍ତରା, ମହମ୍ମଦ ଫଜଲୁର୍ ରହମନ୍ ଏବଂ ନୂତନ ସଦସ୍ୟ ରୂପେ ସଞ୍ଜୟ କୁମାର ଦାସ ଓ ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇଥିଲେ।

# ନନ୍ଦିଘୋର ଚାମ୍ପିଅନ୍ ଟ୍ରଫି: ଶାଳଝରିଆ ଚାମ୍ପିଅନ୍



**ଓଡ଼ଗାଁ,୮।୨/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ନନ୍ଦିଘୋର କ୍ରିକେଟ କ୍ଲବ୍ ତରଫରୁ ଅନୁଷ୍ଠିତ ହେଉଥିବା ନନ୍ଦିଘୋର ଚମ୍ପିୟାନ ଟ୍ରଫି -୨୦୨୬ ରବିବାର ଉଦଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚ ଇଟାମାଟି ଓ ଶାଳଝରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଶାଳଝରିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ଟି ୱିକେଟ ବିନିମୟରେ ୧୭୦ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଇଟିମାଟି ଦଳ ସେହି ନିର୍ଦ୍ଧାରିତ ୧୫ ଓଭରରେ ୮ଟି ୱିକେଟ ବିନିମୟରେ ୧୪୫ ରନ୍ ସଂଗ୍ରହକରି ପରାଜୟ ବରଣ କରିଥିଲେ। ଚଳିତବର୍ଷ ବିଜେତା ଶାଳଝରିଆ ଦଳ ଚମ୍ପିୟାନ ହୋଇ ଟ୍ରଫି ହାସଲ କରିଥିଲେ। ଶାଳଝରିଆ ଦଳର କୁନା ୩୭ ବଲରେ ୭୦ ରନ୍ ସଂଗ୍ରହକରି ମ୍ୟାନ ଅଫ୍ ଦି ମ୍ୟାଚ ହେବାସହିତ ସିରିଜରେ ସର୍ବାଧିକ ୧୬୧ ରନ୍ ସଂଗ୍ରହ କରିବା ସହିତ ୮ ଟି ୱିକେଟ ହାସଲକରି ମ୍ୟାନ ଅଫ୍ ଦି ସିରିଜ ଭାବେ ଟ୍ରଫି ଗ୍ରହଣ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ରାମକୃଷ୍ଣ ପରିଡ଼ା ଯୋଗଦେଇ ବିଜେତା ଶାଳଝରିଆ ଦଳକୁ ଟ୍ରଫି ପ୍ରଦାନ କରିବା ସହିତ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରମୋଦ ପାଳ, ଦୀପକ କୁମାର ସ୍ୱାଇଁ ଓ ସାମ୍ବାଦିକ ଭାସ୍କର ସ୍ୱାଇଁ ଯୋଗଦେଇ ଥିବାବେଳେ ଆଜିର ଖେଳକୁ ଆନନ୍ଦ ଦୋରା,ରିତେଶ ମାର୍ଥା, ଆଦର୍ଶ,ବବୁଲ ଓ ଗିରିଜା ଶଙ୍କର ପରିଚାଳନା କରିଥିବା ଜଣାପଡ଼ିଛି।

# ବେଗୁନିଆ ସାହିତ୍ୟାନୁଷ୍ଠାନ ବାର୍ଷିକୋତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ



**ବେଗୁନିଆ,୮।୨/ଏନ୍ଏନ୍ଏସ୍:** ଚଳିତ ଫେବୃଆରୀ ମାସ ୨୨ ତାରିଖ (ରବିବାର) ପୂର୍ବାହ୍ନ ୧୧ଟାରେ ବେଗୁନିଆ ସାହିତ୍ୟାନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ନୂଆସାହି ଶ୍ରୀ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ରବିବାର ଦିନ ପୂର୍ବାହ୍ନରେ ସ୍ଥାନୀୟ ଆଦର୍ଶ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଗାୟକ ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ କରିଥିଲେ। ଅଷ୍ଟମ ବାର୍ଷିକ ଉତ୍ସବକୁ ସ୍ୱାଗତ କରି କବୟିତ୍ରୀ ମାନସୀ ଦାସ ଆବାହନୀ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଉତ୍ସବର ରୂପରେଖ ପ୍ରସ୍ତୁତିର ଅଗ୍ରଗତି ସହ ଅତିଥିଙ୍କୁ ଆମନ୍ତ୍ରଣ, ସେମାନଙ୍କର ସମ୍ମତି ପତ୍ର ପ୍ରାପ୍ତି ଓ ମୁଖପତ୍ର 'ସ୍ୱୟଂସିଦ୍ଧା' ପାଇଁ ଅତିଥିମାନଙ୍କ 'ଶୁଭେଚ୍ଛା ବାର୍ତ୍ତା' ପ୍ରାପ୍ତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ସଭ୍ୟ ବିଜୟ କୁମାର ପ୍ରଧାନ ସଭ୍ୟ ଚାନ୍ଦା ଦେୟ ଅତ୍ୟନ୍ତ ଉତ୍ସାହଜନକ ବୋଲି ମତବ୍ୟକ୍ତ କରିବା ସହ ଦେୟ ପ୍ରଦାନ କରି ନଥିବା ସଦସ୍ୟମାନେ ଚଳିତ ମାସ ୧୨ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଦେୟ ପୈଠକରିବା ପାଇଁ ଅନୁରୋଧ କରିଥିଲେ। ସମ୍ପାଦନା ମଣ୍ଡଳୀର ମୁଖ୍ୟ କବିକେତନ ଗୌରଚରଣ ସାମନ୍ତସିଂହାର ଲେଖା ଦାଖଲ ନ କରିଥିବା ସଦସ୍ୟମାନେ ଚଳିତ ମାସ ୧୫ ତାରିଖ ସୁଦ୍ଧା ନିଜସ୍ୱ ରଚନା ଗୁଡିକୁ ସମ୍ପାଦନା ମଣ୍ଡଳୀ ନିକଟରେ ଦାଖଲ କରିବାକୁ ଅନୁରୋଧ କରିଥିଲେ।ବରିଷ୍ଠ ଉପଦେଷ୍ଟା ନାଟ୍ୟକାର ଡ. ବନବିହାରୀ ମହାପାତ୍ର, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରଧାନ ଶିକ୍ଷକ ଦିବାକର ସାହୁ, ସମାଜସେବୀ ପ୍ରଶାନ୍ତ କୁମାର ବାରିକ, ରାମଚନ୍ଦ୍ର ବେହେରା, ଶିକ୍ଷକ ସଂଗ୍ରାମ ବେହେରା, ସୁରେନ୍ଦ୍ର ପାଲଟାସିଂହ, ସରୋଜ କୁମାର ମହାପାତ୍ର, ଶିକ୍ଷାବିତ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ କୁମାର ପଟ୍ଟନାୟକ, କୈଳାସ ଚନ୍ଦ୍ର ମହାନ୍ତି, ରାଜକିଶୋର ସାହୁ, ବିଶ୍ୱନାଥ ସାହୁ, ସବିତା ରାୟ, ଶେଷରେ ବରିଷ୍ଠ ସଭ୍ୟ ରସାନନ୍ଦ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ନିତିଦିନ NITIDIN



## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକଙ୍କ ଦାୟିତ୍ୱ ଗ୍ରହଣ



**ବ୍ରହ୍ମପୁର,୮।୨/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ମାଝୀ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ ପୂର୍ବରୁ ଦାୟିତ୍ୱରେ ଥିବା ଡ. ସତ୍ୟନାରାୟଣ କୁଣ୍ଡୁଙ୍କୁ ଫୁଲବାଣୀ କଲେଜକୁ ବଦଳି ହୋଇଥିବା ଜଣାପଡିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ମାଝୀ ପୂର୍ବରୁ ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରୂପେ ଗତ ୨୦୧୯ ମସିହା ଜୁଲାଇ ମାସ ୨୬ ତାରିଖରୁ ୨୦୨୪ ମସିହା ଡିସେମ୍ବର ମାସ ୨୪ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱରେ ରହି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରି ଆସିଥିଲେ ।

## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବର୍ଷିକ ଉତ୍ସବ

**କନ୍ଧମାଳ, ୮।୨/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କେରେଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳନ କରିଛି । ପ୍ରଧାନ ଶିକ୍ଷୟିତ୍ରୀ ରିତାରାଣୀ କହଁର ଆୟୋଜିତ ସଭାର ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା କହଁର, ମୁଖ୍ୟବକ୍ତା ଭାବରେ ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଖମାରୀ, ବିବି ଉଚ୍ଚ ବିଦ୍ୟାଳୟ ଲାଇନପଡାର ପ୍ରଧାନ ଶିକ୍ଷକ ସୋମନାଥ ସାହାଣୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରଜ ଦିଗାଲ ଏବଂ ପଞ୍ଚସଖା କମିଟିର ସଭାପତି ପ୍ରଭୁ ଚରଣ ପ୍ରଧାନ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ମଞ୍ଚ ପରିଚାଳନା ଶିକ୍ଷକ ଅମିତ କୁମାର ତ୍ରିପାଠୀ ଏବଂ ଶିକ୍ଷୟତ୍ରୀ ବିସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କ୍ରୀଡା ଶିକ୍ଷକ କୃପାନିଧି ପ୍ରଧାନ, ଶରତ କୁମାର ସାହୁ, ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାସିନୀ କହଁର, ବିନୋଦ ପ୍ରଧାନ ଓ ଟୁନା ପ୍ରଧାନ, ଅରୁନ୍ଧତୀ ଦିଗାଲ ଓ ଶ୍ରଦ୍ଧାଞ୍ଜଳି ନାୟକ ସହଯୋଗ କରିଥିଲେ। ଅର୍ଣ୍ଣପୂର୍ଣ୍ଣା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ ।

### ପ୍ରଶାସନର ଘରଭଙ୍ଗାକୁ ନେଇ ତହସିଲ୍ ଅଫିସ ଘେରିଲା ମିଳିତ ମଞ୍ଚ

# 'ନିଷ୍ପତ୍ତି ନ ବଦଳିଲେ ଆନ୍ଦୋଳନ ଜୋର୍‌ଦାର୍ ହେବ'

**ଫୁଲବାଣୀ,୮।୨/ଏନ୍ଏନ୍ଏସ୍:** ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ପଦକ୍ଷେପକୁ ନେଇ ପରିସ୍ଥିତି ଧୀରେ ଧୀରେ ଉତ୍ତେଜକ ହେବାରେ ଲାଗିଛି । ଆଜି ଏହାର ପ୍ରତିବାଦରେ ଜିଲ୍ଲା ମିଳିତ ମଞ୍ଚ ପକ୍ଷରୁ ତହସିଲ ଅଫିସ ଘେରାଉ କରାଯିବା ସହିତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଫୁଲବାଣୀରେ ଦୀର୍ଘ ୭୦ ବର୍ଷ ଧରି ସରକାରୀ ଜମିରେ ବାସ ଗୃହ କରି ରହି ଆସୁଥିବା ଲୋକଙ୍କୁ ଉଚ୍ଛେଦ କରିବାକୁ ନୋଟିସ ଦିଆଯାଇଛି । ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘର ଭାଙ୍ଗିବାକୁ ମଧ୍ୟ ନୋଟିସ ଦିଆଯାଇଛି । ୧୯୭୬, ୨୦୧୪ ଓ ୨୦୨୧/୨୨ ବନ୍ଦୋବସ୍ତରେ ଜବର ଦଖଲ ମାମଲା ଗୁଡିକୁ ସେଟେଲମେଣ୍ଟ କରି ପଟ୍ଟା ଦିଆଗଲା ନାହିଁ । ଗତ ସରକାର ସମୟରେ ଉଷା ସର୍ଭେ ଜରିଆରେ କିଛି ଲୋକ ପଟ୍ଟା ପାଇଥିଲେ । କିନ୍ତୁ ୨୦୨୪ ପରଠାରୁ ଏହା ବନ୍ଦ ରହିଛି । ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ଜନବିରୋଧୀ ବୋଲି କହିଛନ୍ତି ମିଳିତ ମଞ୍ଚର ସଭାପତି ସମୀର ଘଟାଲ ଓ କୁଇ ସମାଜ ସମ୍ପାଦକ ଇଂ ଅବନୀ କହଁର । ଅପରପକ୍ଷେ, ଫୁଲବାଣୀ ସାପ୍ତାହିକ ହାଟପଦାକୁ କିଛି ବ୍ୟକ୍ତି ଦୀର୍ଘ ଦିନ ଧରି




ଜବର ଦଖଲ କରି ରଖିଛନ୍ତି । ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏହି ହାଟର ସମୁଦାୟ ୯ ଏକର ଜାଗା ସଂକୁଚିତ ହୋଇ ବର୍ତ୍ତମାନ ମାତ୍ର ଦେଢ ଏକର ରହିଛି । ଏହାକୁ ଜବରଦଖଲ ମୁକ୍ତ କରିବାକୁ ବାରମ୍ବାର ଦାବୀ କରାଯାଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ । ଏପଟେ ଗରୀବ ଲୋକଙ୍କ ଘରକୁ ପ୍ରଶାସନ ଭାଙ୍ଗିବାରେ ଲାଗିଛି ବୋଲି ଅଭିଯୋଗ କରିଛନ୍ତି ମିଳିତ ମଞ୍ଚ ଓ କୁଇ ସମାଜ କର୍ମକର୍ତ୍ତା । ତେଣୁ ହାଟପଦା ଜମିକୁ ୭ ଦିନ ମଧ୍ୟରେ ଜବର ଦଖଲମୁକ୍ତ କରିବାକୁ ଦାବୀ କରାଯାଇଛି । ନଚେତ ଆନ୍ଦୋଳନ ଜୋରଦାର ହେବ ବୋଲି କହିଛନ୍ତି ମିଳିତ ମଞ୍ଚ ସଭାପତି । ଆଜି ଏହି ଦାବୀରେ ଶତାଧିକ ଲୋକ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଦିବାସୀ ନେତା ପଞ୍ଚାନନ କହଁର, ଶ୍ରମିକ ନେତା ଘନ କୁମାର ଶବରଙ୍କ ସମେତ କୁଇ ସମାଜ ନେତା ସଦସ୍ୟ ଓ ସାଧାରଣ ଜନତା ବହୁ ସଂଖ୍ୟାରେ ସାମିଲ ଦେଇଥିଲେ ।

## ସିଦ୍ଧ ଭୈରବୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରଙ୍ଗେଇଲୁଣ୍ଡା,୮।୨/ଏନ୍ଏନ୍ଏସ୍:** କନିଷି ହାଟ ସ୍ଥିତ ସିଦ୍ଧ ଭୈରବୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୪ତମ ବାର୍ଷିକ



ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଶିବ ପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ବକ୍ତା ଭାବେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ମୁଖ୍ୟ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣୀ ଓଝା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜ ମୋହନ ନାୟକ, ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥୀ, ରଜତ ପଣ୍ଡିତ, ସନତ କୁମାର ନାହାକ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ । ଅଧ୍ୟାପକ ସତ୍ୟ ନାରାୟଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ସହ ଜୀବନରେ ଆଗକୁ ଯିବାକୁ ପ୍ରେରଣା ଦେଇଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏ ଅବସରରେ ପିଏମଶ୍ରୀ ବାଲାଜୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ପ୍ରତିନିଧି

**ଫୁଲବାଣୀ,୮।୨/ଏନ୍ଏନ୍ଏସ୍:** ଏହି ବ୍ଲକ ଅନ୍ତର୍ଗତ ଗୁମାଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି କାୟାକଳ୍ପ ଦଳର ତିନି ପ୍ରତିନିଧି । ଏହି ଟିମରେ ଜେଡି ଏଚଆରଏଚ ଡାକ୍ତର ଶୁଭ୍ରାଂଶୁ ପ୍ରଧାନଙ୍କ ସହ ଏଚପିର ପରାମର୍ଶ ଦାତା ମାନସ କୁମାର ଖରା ଓ ସ୍ୱତନ୍ତ୍ରତା କାର୍ଯ୍ୟକ୍ରମ ଏବଂ ତାଲିମ ଦାତା ଦେବବ୍ରତ ପତି ରହିଥିଲେ । ଏହି ଟିମ ପହଞ୍ଚିବା ପରେ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ବୁଲିଦେଖିବା ସହ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱଚ୍ଛତା, ପାନୀୟ ଜଳ,ରୋଗୀ ସେବା, ଜୀବାଣୁ ମୁକ୍ତି କାରଣ ଓ ନିର୍ଜୀବିକରଣ ପ୍ରକ୍ରିୟା, ସୁରକ୍ଷିତ ଇଞ୍ଜେକ୍ସନ ପ୍ରଥା, ସ୍ୱଚ୍ଛ ରୋଷେଇ ଘର ଓ




ସୁରକ୍ଷିତ ଖାଦ୍ୟ ପ୍ରସ୍ତୁତି, ଭେଷଜ ବଗିଚା ଉପରେ ମେଡିକାଲ କର୍ମଚାରୀ ଓ କାର୍ଯ୍ୟରତ ଡାକ୍ତର ମାନଙ୍କ ସହ ଆଲୋଚନା କରିଥିଲେ । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏଚ୍ଓ ଡ.କଳ୍ପନା ଦେଲଇ, କାର୍ଯ୍ୟକ୍ରମ ପରିଚାଳକ ଦିଲିପ୍ କୁମାର ବେହେରା ଏବଂ ହିସାବ ପରିଚାଳକ ସମୀର ପୁଜାରୀ ପ୍ରମୁଖ ବିଭିନ୍ନ ଦିଗ ଉପରେ ତଥ୍ୟ ପ୍ରଦାନ କରିଥିଲେ । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ରେକର୍ଡ଼ ପରିଚାଳକ କାଜଲ ନାୟକ ଏବଂ ପ୍ରୟାଗରାଜ କହଁର ପ୍ରମୁଖ ସହଯୋଗ କରିଥିଲେ ।

### ପିଏମ୍‌ଶ୍ରୀ ହରିହର ହାଇସ୍କୁଲ୍‌ର ୬ ଶିକ୍ଷକ ଓ କର୍ମଚାରୀ ଚିନ୍ତାରେ

# ସେବା ପୁସ୍ତିକାକୁ ଚିରିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

**ଆସିକା,୮।୨/ଏନ୍ଏନ୍ଏସ୍:** ସରକାରୀ କର୍ମଚାରୀ ଚାକିରୀ ଜୀବନର ଇତିହାସକୁ ସୁରକ୍ଷିତ ରଖିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ସେବା ପୁସ୍ତିକା ବା ସର୍ଭିସ୍ ବୁକ୍ । ଏହି ସେବା ପୁସ୍ତିକାରେ ସରକାରୀ କର୍ମଚାରୀଙ୍କ ନିଯୁକ୍ତି, ପଦୋନ୍ନତି ଛୁଟି ଏବଂ ଦରମା ବୃଦ୍ଧି ଆଦି ସମସ୍ତ ତଥ୍ୟକୁ ସଠିକ୍ ତଥା ନିର୍ଭୁଲ ଭାବେ ଲିପିବଦ୍ଧ କରାଯାଇଥାଏ । ଏପରିକି ସରକାରୀ କର୍ମଚାରୀଙ୍କ ଅବସର ସମୟରେ ପେନସନ୍, ଗ୍ରାଚୁଇଟି ଏବଂ ଅନ୍ୟାନ୍ୟ ସେବାନିବୃତ୍ତ ସୁବିଧାର ସମସ୍ତ ତଥ୍ୟ ସଂପାଦନ ଦିଗରେ ଏହି ସେବା ପୁସ୍ତିକା ବିଶେଷ ଭାବେ ସହାୟକ ହୋଇଥାଏ । ସରକାରୀ କର୍ମଚାରୀଙ୍କ କାର୍ଯ୍ୟକାଳର ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବଜାୟ ରଖିବାରେ ସେବା ପୁସ୍ତିକା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା ବେଳେ ଯେକୌଣସି ବିବାଦ କିମ୍ବା ଯାଞ୍ଚ ସମୟରେ ଏହା ପ୍ରମାଣିକ ଭାବେ ଦାୟିତ୍ୱ ନିର୍ବାହ କରିଥାଏ ।




ତେବେ ସ୍ଥାନୀୟ ପିଏମ୍‌ଶ୍ରୀ ହରିହର ହାଇସ୍କୁଲରେ କାର୍ଯ୍ୟରତ ୪ ଜଣ ଶିକ୍ଷକ ଓ ୨ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସେବା ପୁସ୍ତିକାକୁ ଦାୟିତ୍ୱରେ ଥିବା କିରାଣୀ କୌଣସି କାରଣରୁ ଚିରି ଦେଇଥିବା ଅଭିଯୋଗକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ହରିହର ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶୈକ୍ଷିକ କର୍ମଚାରୀ ମାନଙ୍କ ମଧ୍ୟରୁ ୪ ଜଣ ଶିକ୍ଷକ ଓ ଦୁଇ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅସଲି ସେବା ପୁସ୍ତିକାରୁ ଦାୟିତ୍ୱରେ ଥିବା ଜନୈକ କିରାଣୀ କିଛି ଅଂଶ ଚିରି ଦେଇଥିବା ଘଟଣାକୁ ଦୀର୍ଘ ୩ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ କିରାଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ ଯେଉଁ ଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସେବା ପୁସ୍ତିକା ଚିରି ଦିଆଯାଇଛି ସେ ସଂକ୍ରାନ୍ତରେ ଲିଖିତ ଭାବେ ଅଭିଯୋଗ ଆସିଛି । କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅନ୍ୟପକ୍ଷରେ ସେବା ପୁସ୍ତିକା ଚିରାଯାଇଥିବାରୁ କ୍ଷତିର ସମ୍ମୁଖୀନ ହୋଇଥିବା ବହୁ କର୍ମଚାରୀ ମାନସିକ ଚିନ୍ତାରେ ରହୁଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦୃଢ ଦାବି ହେଉଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଫୁଲବାଣୀ,୮।୨/ଏନ୍ଏନ୍ଏସ୍:** ଟାଉନ ଥାନା ଅନ୍ତର୍ଗତ ନାରାୟଣୀ ମନ୍ଦିର ସାହିରେ ଜଣେ ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଫଳରେ ସେ ଗୁରୁତର ହୋଇଛନ୍ତି । ଗୁରୁତର ଜଣକ ଖଜୁରୀପଡା ଥାନା ଗଣ୍ଡାକାଠି ଗ୍ରାମର ରାମାନନ୍ଦ ମଲ୍ଲିକ(୩୮) ବୋଲି ଜଣାପଡିଛି । ଅଭିଯୋଗ ଅନୁଯାୟୀ ରାମାନନ୍ଦ ତାଙ୍କ ନାରାୟଣୀ ମନ୍ଦିର ନୂଆବସ୍ତି ବାସଗୃହରେ ଥିବା ବେଳେ ଶୁଭମ ଦିଗାଲ ଓ ଅନ୍ୟ ତିନି ଜଣ ଯୁବକ ଆସି ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ପେଟରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ତୁରନ୍ତ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ରାମାନନ୍ଦଙ୍କ ଭାଇ ସୋମେଶଙ୍କ ଏତଲା ଆଧାରରେ ଟାଉନ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ସୂଚନା ମିଳିଛି ।

### କଂଗ୍ରେସ ବନ୍ଧୁମିଳନରେ ସାମିଲ ହେଲେ ବିଧାୟକ ରମେଶ

# ଗୁଣ୍ଡାରାଜ ଶାସନ ବନ୍ଦ ପାଇଁ କର୍ମୀଙ୍କୁ ଏକାଠି ହେବାକୁ ଆହ୍ୱାନ

**ରଙ୍ଗେଇଲୁଣ୍ଡା,୮।୨/ଏନ୍ଏନ୍ଏସ୍:** ଗୋପାଳପୁର ନିର୍ବାଚନମଣ୍ଡଳୀ ମେଣ୍ଟରାଜପୁର ପଞ୍ଚାୟତ ଅନ୍ତର୍ଗତ ପାନାପଲ୍ଲୀଠାରେ କଂଗ୍ରେସ ଦଳର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବୈଠକରେ କଂଗ୍ରେସ ନେତା ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଯୋଗଦେଇ ସରକାରଙ୍କ ଉପରେ ବର୍ଷିଥିଲେ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗୋପାଳପୁରର ବିକାଶ ନକ୍ସା ପରିବର୍ତ୍ତନ ନ ହେଲେ ଏହାର ଦୃଢ ଯବାବ ଦିଆଯିବ ବୋଲି ଶ୍ରୀ ଜେନା କହିଥିଲେ । ଦଳକୁ ସୁଦୃଢ କରିବା ସହ କଂଗ୍ରେସ କର୍ମୀମାନେ ଏକ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ଗୋପାଳପୁରରେ ଗତ କିଛିବର୍ଷ ଧରି ଚାଲିଥିବା ଗୁଣ୍ଡାରାଜ, ଅରାଜକତାକୁ କଡା ଜବାବ ଦେବାର ସମୟ ଆସିଛି ବୋଲି କହିଥିଲେ । ଗୋପାଳପୁର କଂଗ୍ରେସ ତଥା ପିସିସି ସଭ୍ୟ ଡ଼. ଶମ୍ଭୁ ପାଣିଗ୍ରାହୀଙ୍କ



ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଗୋପାଳପୁର ଜନସାଧାରଣଙ୍କ ସୁଖଦୁଃଖରେ ରହିଛି ଏବଂ ସବୁବେଳେ ରହିଥିବି ବୋଲି କଂଗ୍ରେସ ନେତା ଶମ୍ଭୁ ପାଣିଗ୍ରାହୀ କହିଥିଲେ । ବିଜେପି ସରକାରରେ ସାଧାରଣ ଲୋକ ନିଜ ଅଧିକାର ପାଇବାରୁ ବଞ୍ଚିତ ରହୁଛନ୍ତି, ଏଣୁ ସରକାରକୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ପାନେ ଦେବାକୁ ହେବ ବୋଲି କର୍ମୀଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ କଂଗ୍ରେସ କର୍ମୀଙ୍କ ପକ୍ଷରୁ କନିଷି ହାଟ ଛକ ଠାରୁ ଏକ ବିରାଟ ମୋଟରସାଇକେଲ ପଟୁଆରରେ ପାନାପଲ୍ଲୀ ପର୍ଯ୍ୟନ୍ତ ଶ୍ରୀ ଜେନାଙ୍କୁ ପାଛୋଟି ନିଆଯାଇଥିଲା । ପାନ୍ନାପଲୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଜେନା ଙ୍କ ସମେତ ରାଜ୍ୟ କଂଗ୍ରେସ କୃଷକ ସେଲ୍ ଉପସଭାପତି ଶିବରାମ ପ୍ରଧାନ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ମହେଶ ଗୈଡ,ଟି ଜୟରାମ ରେଡ୍ଡୀ, ତ୍ରିନାଥ ରେଡ୍ଡୀ, ଭୀମେୟା ରେଡ୍ଡୀ, ରାମଚନ୍ଦ୍ର ରେଡ୍ଡୀ, ମୁନ୍ନା ରେଡ୍ଡୀ ଆଦେୟା ରେଡ୍ଡୀ, ଭାଗରଥି ରେଡ୍ଡୀ, ମୋହନ ରେଡ୍ଡୀ, ସନ୍ତୋଷ କୁମାର ନାୟକ, ନାରାୟଣ ଗୈଡ, ମୁରଲୀଧର ବେହେରା, ରାଜା ଦାସ, ପ୍ରଶାନ୍ତ କୁମାର ସେଠୀ, ବିଜୟ କୁମାର ସେଠୀ, କୁନା ବିଷୋୟୀ, ଧରମା ରେଡ୍ଡୀ, ଭୀମ ରେଡ୍ଡୀ, କିରଣ କୁମାର ରେଡ୍ଡୀ, ଚୈତନ୍ୟ ନାୟକ, ଅନୁଜ ନାୟକ, ଦିଲିପ ନାୟକଙ୍କ ସମେତ ମେଲକୁତୁର, ଫାସି ନୂଆପଡା, ଢେପ ନୂଆପଡ଼ା, ମେଣ୍ଟରାଜପୁର ଓ ନାକରାମର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଟ୍ରେକର୍ ମାଲିକ ସଂଘ ପକ୍ଷରୁ ରକ୍ତଦାନ ଶିବିର



**ପାତ୍ରପୁର,୮।୨/ଏନ୍ଏନ୍ଏସ୍:** ପାତ୍ରପୁର ବ୍ଲକ ପାତ୍ରପୁର ବସଷ୍ଟାଣ୍ଡ ସ୍ଥିତ ମା'ବାଳକୁମାରୀ ଟ୍ରେକର ମାଲିକ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଚିନ୍ତାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ୍ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । କ୍ରୀଡ଼ା ଶିକ୍ଷକ କେଦାର ନାଥ ଅଧିକାରୀ, ପୋଲିସ୍ କର୍ମଚାରୀ ରାମଚନ୍ଦ୍ର ସେଠୀ, ଏସ୍. ଘନଶ୍ୟାମ ରେଡ୍ଡୀ, ଏସ୍. ଉପେନ୍ଦ୍ର ରେଡ୍ଡୀ, ଜି. ଭେଙ୍କେଟରାମଣା ରେଡ୍ଡୀ, ହୃଷିକେଶ ସାହୁ, ସରୋଜ କୁମାର ମହାନ୍ତି, ସଦାନନ୍ଦ ସାହୁ, ଦଣ୍ଡପାଣି ପ୍ରଧାନ, ସନ୍ତୋଷ କୁମାର ପାତ୍ର, ଶ୍ରୀନୁ ରେଡ୍ଡୀ, ଶତ୍ରୁଘ୍ନ ଚଣ୍ଡ, ସୀମାଞ୍ଚଳ ପ୍ରଧାନ, ଶିବ ସାହୁ, ହେମନ୍ତ କୁମାର ପ୍ରଧାନ, ଜଗଦୀଶ ନାୟକ, ସୀମାଞ୍ଚଳ ବେହେରା, ପରିକ୍ଷୀତ ଚଣ୍ଡ, କୁରେଶ ସାହୁ, ଜତିନ କୁମାର ସାହୁ, ଏସ୍. ମାଲିକ୍, ଦୀପକ କୁମାର ଗୌଡ଼, ମିଲନ୍ କୁମାର ସାହୁ, ମହିଳା ଅନୁ ସାହୁ, ରାଜୀବ ପଟ୍ଟନାୟକ, ସୁମନ କର, ଯଜ୍ଞଦୁତ୍ତ ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ବିପିନ ମହାନ୍ତି, ଅଭି ସେଠୀ, ନରତ୍ତୋମ ସାହୁ, ତପନ ମହାନ୍ତି, ଅଶ୍ୱିନୀ କୁମାର ପ୍ରଧାନ, ସନ୍ତୋଷ ପ୍ରଧାନ ପ୍ରମୁଖ ରକ୍ତଦାନ କରିଥିବା ବେଳେ ସନ୍ତୋଷ ଅଧିକାରୀ, ସନ୍ତୋଷ ମହାନ୍ତି, ରତ୍ନାକର ସାହୁ, ରାମଚନ୍ଦ୍ର ଗୌଡ଼, ରାମଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ ସାହୁ, ସୁଦାମ ପାଢ଼ୀ, ଶଙ୍କର ପାଳ, ମଇନା ବେହେରା, ପ୍ରଫୁଲ୍ଲ କୁଣ୍ଡ, ଅଶ୍ୱିନୀ ପ୍ରଧାନ, ସୁକାନ୍ତ ପ୍ରଧାନ, ନୀତେଶ ମହାନ୍ତି, ସନ୍ତୋଷ ପଣ୍ଡା ପ୍ରମୁଖଙ୍କ ସହ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ସାମ୍ବାଦିକ ନୀଳାଞ୍ଚଳ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବ୍ରହ୍ମପୁର ରକ୍ତ ଭଣ୍ଡାରର ଡ଼. ରଶ୍ମୀ ପାଣିଗ୍ରାହୀ, ଆଲୋକ ମହାନ୍ତି, ବିଦ୍ୟାଧର ବେହେରା, ଦେବାଶିଷ ପଣ୍ଡା, ଗୋପାଳ କୃଷ୍ଣ ସାହୁ, ଡ଼ମ୍ବୁରୁ ବାହାଦୁର କାର୍କୀ ପ୍ରମୁଖ ଯୋଗଦେଇ ରକ୍ତ ସଂଗୃହୀତ କରିଥିଲେ ।

**ନିତି ଭାରତୀ**

ଏହି ବିଶ୍ୱକୁ ଯଦି ଆମମାନଙ୍କୁ ପ୍ରକୃତ ଶାନ୍ତି ଶିକ୍ଷା ଦେବାକୁ ଅଛି ଏବଂ ଆମକୁ ଯଦି ଯୁଦ୍ଧ ବିରୁଦ୍ଧରେ ପ୍ରକୃତ ଯୁଦ୍ଧ ଲଢ଼ିବାର ଅଛି, ତା'ହେଲେ ଏହା ଆମେ ପିଲାମାନଙ୍କଠାରୁ ଆରମ୍ଭ କରିବା ଉଚିତ। - **ମହାତ୍ମା ଗାନ୍ଧୀ**



NITIDIN
ନିତିଦିନ
ସୋମବାର, ୯ ଫେବୃଆରୀ ୨୦୨୬

# ବାପା ପଡ଼ିଗଲେ



ବିଶ୍ୱରଂଜନ ଦାସ

ସନ୍ତାନ ପାଇଁ 'ବାପା' ଏକ ଅମୂଲ୍ୟ ଶବ୍ଦ। ବାୟୁ ହୋଇ ସେ ନିଃଶ୍ୱାସରେ ଭରି ଦିଅନ୍ତି ବିଶ୍ୱାସ। ପାଣି ହୋଇ ଶିରା ପ୍ରଶିରାରେ ବହନ୍ତି ଧମନୀ ପରି। ନିଜେ ଚିରାଫଟା ପିନ୍ଧି ଓ ନିଜକୁ ଅନନ୍ତ ଦୁଃଖ ଦରିଆରେ ବୁଡାଇ ଆମ ପାଇଁ ସେ ମୁହଁରେ ଖେଳାନ୍ତି ହସ। ବାପା ଜଣେ ଶିଳ୍ପୀ; ତାଙ୍କ ହାତରେ ଥାଏ ସଂସ୍କାର ଓ ସ୍ୱାଭିମାନର ନିହାଣ। ସେ କୋଉ କମ୍ କି ସେଇ ଚିରାଚରିତ ଈଶ୍ୱରଙ୍କଠାରୁ! ଆମରି ଖୁସି ପାଇଁ ଜୀବନଟା ସାରା ଖଟିଖଟି ପଥର ହୋଇ ଯାଇଥିବା ସେହି ମଣିଷ ଜଣକ ସେଦିନ ପଡ଼ିଗଲେ ଅକସ୍ମାତ୍।

'ବାପା' ଆମ ଜୀବନ ଆକାଶର ଏକ ଦେଦୀପ୍ୟମାନ ସୂର୍ଯ୍ୟ। ବିପଦ-ଆପଦରେ ତାଙ୍କ ସାହଚର୍ଯ୍ୟ ନିର୍ମଳ କିରଣ ପରି ମନରେ ଭରିଦିଏ ଅସୀମ ସାହସ। ଆଜି ସେ ସୂର୍ଯ୍ୟ ସମ୍ପୂର୍ଣ୍ଣ ଅସ୍ତ ହୋଇ ନାହାନ୍ତି ସତ, କିନ୍ତୁ ତାଙ୍କ ଆଲୋକିତ ଅବୟବରେ ସତେ ଯେମିତି ଲାଗି ଯାଇଛି ଗ୍ରହଣ। ଯାହାଙ୍କ ଉଷ୍ମତାରେ ଆମ ଶୈଶବ ଫୁଲ ପରି ଫୁଟିଥିଲା, ଯେଉଁ ହାତର ନିହାଣ ମନ ମଧ୍ୟରେ ସଂସ୍କାରର ରୂପ ନେଇଥିଲା, ସେହି ହାତ ଆଜି ନିଷ୍ପ୍ରାଣ। ସେଦିନ ମୋର କର୍ମକ୍ଷେତ୍ରରେ ବ୍ୟସ୍ତତା, ଫୋନ୍‌ର ସେହି ଗୋଟିଏ ରିଙ୍ଗ୍ ଏବଂ ତା'ପରେ ଶୁଣିଲି ଦୁଇଟି ଶବ୍ଦ, 'ବାପା ପଡ଼ି ଯାଇଛନ୍ତି'- ସତେ ଯେମିତି ସମୟକୁ ସେଇଠି ଦଣ୍ଡେ-ମୁହୂର୍ତ୍ତେ ଅଟକାଇ ଦେଲା। ମୋ ଚାରିପାଖର ଶବ୍ଦସବୁ ନିରବି ଗଲା ପରି ମନେହେଲା। ଶୀତର ପ୍ରକୋପରେ ଅନୁଭବ ହେଲା ଅସହ୍ୟ ଗୁଳୁଗୁଳି। ମୋ ପୃଥିବୀର ମୂଳଦୁଆକୁ କେହି ଜଣେ ଉପାଡ଼ିବାର ଉପକ୍ରମ କରୁଛି। ଯେଉଁ ମଣିଷଙ୍କ ଆଙ୍ଗୁଠି ଧରି ମୁଁ ବାଟ ଚାଲୁଥିଲି, ଯାହାଙ୍କ କାନ୍ଧରେ ବସି ମୁଁ ଦୁନିଆକୁ ଦେଖୁଥିଲି, ସେ ଆଜି କ'ଣ ସତରେ ପଡ଼ିଗଲେ? ଲାଗିଲା, ଅଗଣାରେ ଥିବା ବିରାଟ ବଟବୃକ୍ଷଟି ଦୋହଲି ଗଲା। ସାରା ଜୀବନ ଯିଏ ପାହାଡ଼ ପରି ଛିଡ଼ା ହୋଇଥିଲେ, ଝଡ଼ଝଞ୍ଜାକୁ ଛାତିରେ ପଥର ପରି ସହି ଯାଉଥିଲେ, ସେହି ପଥର ମଣିଷ ଜଣକ ଆଜି ଅସହାୟ ଭାବେ ତଳେ ପଡ଼ିଗଲେ। ସେଦିନ ତରତର ହୋଇ କର୍ମକ୍ଷେତ୍ରରୁ ଘରକୁ ଧାଇଁବା ବେଳେ ବାଟସାରା କେବଳ ବାପାଙ୍କ ମୁହଁ ଆଖି ଆଗରେ ନାଚି ଯାଉଥିଲା। ମନେ ପଡୁଥିଲା ତାଙ୍କର ସେଇ କମନୀୟ ଓ ଶାଣିତ ସ୍ୱର, କିନ୍ତୁ ଆଜି ସେହି ସ୍ୱର ଯେମିତି ନିଷ୍ପନ୍ଦ!

ବାପା ପଡ଼ିଯିବାର ଅର୍ଥ, ଜୀବନର ସବୁଠାରୁ ବଡ଼ ଶକ୍ତି ମଉନ ହୋଇଯିବା। ଅର୍ଜୁନଙ୍କ ଗାଣ୍ଡିବ ପରି ଶକ୍ତିଶାଳୀ ଓ ଅଜେୟ ମନେ ହେଉଥିବା ବାପାଙ୍କ ବ୍ୟକ୍ତିତ୍ୱ, ଆଜି ସମୟ ଚକ୍ରରେ ନିଷ୍ପ୍ରଭ। ଗାଣ୍ଡିବ ନିଶ୍ଚଳ, ସାରଥି ନିସ୍ତବ୍ଧ। ସେଦିନର ସେ ବିଜୟୀ ଅର୍ଜୁନଙ୍କ ପାଇଁ କୌଣସି ବାଧା ଅତିକ୍ରମ କରିବା ଅସମ୍ଭବ ନଥିଲା। ଆଜି ଯେତେବେଳେ ମୁଁ ବାପାଙ୍କ ପାଖରେ ବସୁଛି, ବିଶ୍ୱାସ ହେଉନି ଯେ ଏଇ ସେହି ଟାଣ ହାତ, ଯାହା ଅସମ୍ଭବ କାର୍ଯ୍ୟ ବି ସମ୍ଭବ କରୁଥିଲା ଓ ଆଜି ତାହା କାଠି ପରି ନିସ୍ତେଜ। ତାଙ୍କ ଶରୀର ଆଜି ଶେଯରେ ପଡ଼ିଛି ସତ, କିନ୍ତୁ ସେ ଅସହାୟ ଆଖି ଯେମିତି କହୁଛି- 'ଯେଉଁ ଯୋଦ୍ଧା ମଣିଷଟି କେବେ ହାରିବା ଶିଖି ନଥିଲା, ଆଜି ସେ ନିଜ ଶରୀର ପାଖରେ ହାରି ଯାଇଛି।' ସେହି ତେଜସ୍ୱୀ ପୁରୁଷ ଜଣକ ନିଶ୍ଚଳ ହୋଇ ପଡ଼ିଯିବା ଫଳରେ ଯେଉଁ ଶୂନ୍ୟତାବୋଧ ସୃଷ୍ଟି ହୋଇଛି, ମନରେ ତାହା ଏକ ରୂପକାତ୍ମକ ଭାବ ସଂଚାର କରୁଛି।

ମୋ ବାପା ଶ୍ରୀଯୁକ୍ତ ଗୟାଧର ଦାସ କେବଳ ଜଣେ ବାପା ନୁହନ୍ତି, ସେ ଥିଲେ ଏକାଧାରରେ ଜଣେ ସଂଗ୍ରାମୀ ଟ୍ରେଡ୍ ୟୁନିଅନ ଲିଡର, କାବ୍ୟସ୍ରଷ୍ଟା ଓ ସମାଜ ସଂସ୍କାରକ। କଲିକତା ମହାନଗରୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସ୍ୱାଭିମାନ ପାଇଁ ସେ ସତୀର୍ଥ ବନ୍ଧୁମାନଙ୍କ ସହ ମିଶି ଯେଉଁ ସେତୁବନ୍ଧ ବାନ୍ଧିଥିଲେ, ତାହା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ଆଜି ନିଶ୍ଚଳ ହୋଇ ପଡ଼ିଥିବା ସେହି ମଣିଷଟିକୁ ଚାହିଁଲା ବେଳେ ଆଖି ଆଗରେ ନାଚି ଉଠୁଛି ୧୯୭୩ ମସିହାରେ କଲିକତା ପ୍ରେମଚାନ୍ଦ ବରାଳ ଷ୍ଟ୍ରିଟ୍‌ର ଶାଶ୍ୱତ ମୁଦ୍ରଣୀରୁ ପ୍ରକାଶିତ ତାଙ୍କର 'କାଞ୍ଚିଜେମା' କାବ୍ୟ। ସେତେବେଳେ ମାଟିଆବୃଜର ଆମ ବସାଘରଟି ଥିଲା ଏକ କ୍ଷୁଦ୍ର ଓଡ଼ିଶା। ଲେନିନ୍ ସରଣୀସ୍ଥିତ 'ଉତ୍କଳ ଭବନ' ସାମ୍ନାରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ତାଙ୍କର କି ବ୍ୟାକୁଳତା! 'ଗାର୍ଡେନରିଚ୍ ଉତ୍କଳ ସମାଜ' ଗଠନ, ଲାଇବ୍ରେରୀ ପ୍ରତିଷ୍ଠା ଓ ଏହାର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ବାପା; ଯେଉଁଠି ସଭାପତି ଥିଲେ ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ। ତାଙ୍କର ପରମ ମିତ୍ର ଗବେଷକ କୃଷ୍ଣଚନ୍ଦ୍ର ଭୂୟାଁ, ବୈଷ୍ଣବ ପରିଡ଼ା, ଆକୁଳି ମିଶ୍ର, ଭଗବାନ ଦାସ, ପୀତାମ୍ବର ସାହୁ ଓ କମ୍ରେଡ୍ ବୈଲୋଚନ ଜେନାଙ୍କ ସହ ସେ ଯେବେ ଚର୍ଚ୍ଚାରେ ମଗ୍ନ ହୁଅନ୍ତି, ସେତେବେଳେ ମୁଁ କେବଳ ସେହି ବଡ଼ ବଡ଼ ଗ୍ରନ୍ଥାବଳୀର ପୃଷ୍ଠା ଓଲଟାଏ। କିଛି ବୁଝେନା, କିନ୍ତୁ ଅଲକ୍ଷ୍ୟରେ ସାହିତ୍ୟ ଓ ସଂସ୍କୃତିର ପବିତ୍ର ବାତାବରଣ ମୋ ଭିତରେ ସୃଜନର ମଞ୍ଜି ବୁଣି ଦେଉଥାଏ।

ପାହାଡ଼ ପରି ବାପାଙ୍କର ମନୋବଳ। କଲିକତାର ବାବୁଗିରି ଭିତରେ ସେ ହଜିଯିବା ଲୋକ ବି ନଥିଲେ। ସେ ଗାଁ ମାଟିକୁ ଭଲ ପାଉଥିଲେ। ଚାଷ ସମୟରେ ଛୁଟି ନେଇ ଗାଁକୁ ଆସିବା ଏବଂ ମୂଲିଆଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ବିଲରେ କାମ କରିବା ଥିଲା ତାଙ୍କର ବିଶେଷତ୍ୱ। ସେ ଥିଲେ ଅତ୍ୟନ୍ତ କଷ୍ଟସହିଷ୍ଣୁ। ତାଙ୍କ ଜୀବନର ସବୁଠାରୁ ବଡ଼ ସମ୍ପତ୍ତି ଥିଲା 'ସତ୍ୟ'। ପାଞ୍ଚ ପଇସା ହେରଫେର କରୁଥିବା ଲୋକଙ୍କୁ ସେ ଘୃଣା କରୁଥିଲେ। ସେ ଅନ୍ୟର ଉପକାର କରୁଥିଲେ, କିନ୍ତୁ କାହାର ଅମଙ୍ଗଳ ଚିନ୍ତା କରିବା ତାଙ୍କ ରକ୍ତରେ ନଥିଲା। ମୋ ପାଇଁ ସେ ଏକ ଚଳନ୍ତି ଏନସାଇକ୍ଲୋପିଡିଆ। ଆଜି ବି ମନେପଡ଼େ, ଶାସ୍ତ୍ର ପୁରାଣ ହେଉ କିମ୍ବା ଦେଶ ବିଦେଶର ରାଷ୍ଟ୍ରନୀତି ଓ କୂଟନୀତି- ବାପାଙ୍କ ପାଖରେ ସବୁ ପ୍ରଶ୍ନର ଉତ୍ତର ଥିଲା। ତାଙ୍କ ମୁହେଁ ମୁହେଁ ଅନେକ କବିତାର ପଙ୍କ୍ତି। ସେ ନିଜେ କେବଳ ଜଣେ କବି ନୁହନ୍ତି, ଜ୍ଞାନର ଅଥଳ ସାଗର। ସେହି ବିଜ୍ଞ ମଣିଷଟି, ସେହି ଦୃଢ଼ମନା ଯୋଦ୍ଧା ଜଣକ ଆଜି ଯେତେବେଳେ ଅସହାୟ ଭାବେ ଶେଯରେ ଶୋଇ ରହନ୍ତି, ସେତେବେଳେ ଲାଗେ ସତେ ଯେମିତି ଏକ ବିରାଟ ଗ୍ରନ୍ଥାଗାରର ବହିଗୁଡ଼ିକରେ ଉଈ ଲାଗି ଯାଇଛି।

ଯେତେବେଳେ ଜଣେ ମଣିଷ ନିଜ ଯନ୍ତ୍ରଣାକୁ ଭୁଲି କାୟ-ମନୋ-ବାକ୍ୟରେ ଅନ୍ୟର ସେବା ପାଇଁ ମନୋନିବେଶ କରେ, ସେଠାରେ ଶରୀରର ବଳ ନୁହେଁ; 'ଆତ୍ମାର ସାମର୍ଥ୍ୟ' ହିଁ କାମ କରେ। ସେଦିନ ବାପା ପଡ଼ିଯିବା ଘଟଣା ଦୀର୍ଘଦିନର ମୋ ଅଣ୍ଟା ଯନ୍ତ୍ରଣାକୁ ଏକାବେଳକେ କୁଆଡ଼େ ଉଭାନ କରିଦେଲା। ମୋତେ ସବୁଠୁ ବେଶି କଷ୍ଟ ଦେଇଥିଲା- ରୋଗିଣା ବୋଉର ଅସହାୟ ମୁହଁ ଓ ତା' ବିମଳ ଆଖିର ଚାହାଣି। ହସ୍ପିଟାଲରେ ସେହି ଟାଣ ଶୀତୁଆ ରାତି, ବିଜୁଳିର ମ୍ଳାନ ଆଲୋକ, ଆଉ ଟୋପା ଟୋପା ସାଲାଇନ୍ ବୁନ୍ଦା ମୋ ଭିତରେ ଅଦୃଶ୍ୟ ଶକ୍ତିର ଉଦୟ କଲା ଓ ଆଠ ଦିନ ଆଠ ରାତି କେମିତି ବିତିଗଲା ଜାଣି ପାରିଲିନି। ନିଜେ ଦୁରାରୋଗ୍ୟ ବ୍ୟାଧି ପୀଡ଼ିତା ମୋ ବୋଉ ଆଜି ବାପାଙ୍କର ସୁରକ୍ଷା କବଚ। ମେଡିକାଲ୍ ବେଡ୍‌ରୁ ଘରର ବିଛଣା ଯାଏଁ ବୋଉର ଅହୋରାତ୍ର ସେବା, ମଳମୂତ୍ର ସଫା, ଖୁଆଇ ପିଆଇବା, ଔଷଧପତ୍ର ଦେବା, ହାତ ପାଦ ଆଉଁସିବା ଇତ୍ୟାଦି ଦେଖି ମୁଁ ଚକିତ। ବୋଉ ଜାଣିଛି- ବାପା ଥିବା ଯାଏଁ ତା'ର ସଂସାର ଓ ଆଉ ଆଜି ସେହି ସଂସାରଟା ଶେଯରେ ପଡ଼ି ରହିଛି। ନାରୀଟିଏ କେମିତି ଶକ୍ତି ସ୍ୱରୂପା ସାଜେ, ମୁଁ ବୋଉଠାରୁ ପ୍ରତ୍ୟକ୍ଷ କରିଛି। ନିଜେ ଅସୀମ ଯନ୍ତ୍ରଣା ଭୋଗୁଥିବା ସତ୍ତ୍ୱେ ବାପାଙ୍କୁ ଟିକେ ସଳଖ କରି ବସାଇବା ପାଇଁ ତା'ର ସଂଘର୍ଷ ଅବର୍ଣ୍ଣନୀୟ। ମୁଁ ପିଲାବେଳୁ ଦେଖିଛି, 'ବୋଉ' ଆଉ 'ଦୁଃଖ' ଯେମିତି



ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କେତେବେଳେ ଅଭାବର ଅନ୍ଧାର ତ କେତେବେଳେ ପରିବାରର ବୋଝ। ବୋଉ ସବୁକିଛିକୁ ନିଜ ଓଢ଼ଣି ତଳେ ଲୁଚେଇ ଦେଇ ଆମକୁ ହସ ବାଣ୍ଟିଛି। କିନ୍ତୁ ଆଜି ତା'ର ସବୁ ସଂଘର୍ଷ, ସବୁ ଲୁହ ଯେମିତି ଏଇ ଗୋଟିଏ ଦୁଃଖ ପାଖେ ହାର୍ ମାନି ଯାଇଛି। ଯେଉଁ ମଣିଷଟି ତା'ର ସବୁ ଦୁଃଖର ସାହାରା ସାଜିଥିଲେ, ସେ ଆଜି ପରାଶ୍ରିତ। ବାପା ହିଁ ବୋଉର ପରିଚୟ, ହେଲେ ଆଜି ସେହି ପରିଚୟ ନିଃଶବ୍ଦ। କୌଣସି ସାଧକର ତପସ୍ୟାଠାରୁ ଏ ଅବସ୍ଥା କିଛି କମ୍ ନୁହେଁ। ସତରେ, ଏହା ଏକ ଅଗ୍ନି ପରୀକ୍ଷା।

ବାପା ପଡ଼ିଗଲେ। ଆଉ ସେ କେବେ ନିଜ ଗୋଡ଼ରେ ଛିଡ଼ା ହେବେ କି ନାହିଁ, ସେକଥା ଜାଣିନୁ। ଏବେ ଗାଁ ଘରର ସେହି ପୁରୁଣା କୋଠରୀଟି ଏକ କ୍ଷୁଦ୍ର ହସ୍ପିଟାଲ୍। ବ୍ୟୟବହୁଳ ଔଷଧୀୟ ଚିକିତ୍ସା, ଆଉ ତା' ସାଙ୍ଗକୁ ବୋଉର ଦିନରାତି ଏକ କରି ଅହୋରାତ୍ର ସେବା। ନିଜର ସକଳ ବ୍ୟସ୍ତତା ସତ୍ତ୍ୱେ ମୁଁ ଦୈନନ୍ଦିନ ୩/୪ ଘଣ୍ଟା ତାଙ୍କ ଶେଯ ପାଖରେ ବସୁଛି ଓ ଫିଜିଓଥେରାପି ଜରିଆରେ ଶରୀରରେ ପୁଣିଥରେ ଜୀବନ ଭରିବାକୁ ଚେଷ୍ଟା କରୁଛି। ଶେଷ ପର୍ଯ୍ୟନ୍ତ ମନରେ ଧୈର୍ଯ୍ୟ ଅତୁଟ ରହୁ ବୋଲି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି। ଏବେ ବାପାଙ୍କ ହାତ ପାଦ ଧୀରେ ଧୀରେ ଚଳପ୍ରଚଳ ହେଲାଣି। କିନ୍ତୁ ଏହି ଧୀର ପରିବର୍ତ୍ତନ କେବଳ ମୁଁ ହିଁ ଦେଖି ପାରୁଛି। କେଉଁ ବାହାର ଲୋକଙ୍କ ପାଇଁ ଏହା ହୋଇପାରେ ଏକ 'ନିଷ୍ଫଳ ପ୍ରୟାସ'। କାରଣ, ଆଜିକାଲି ପରିବର୍ତ୍ତିତ ସମୟ ପ୍ରେକ୍ଷାପଟରେ କେହି ହୁଏତ ବନ୍ଧୁ-ପରିଜନ ଅସମୟରେ ସାହାଯ୍ୟର ହାତ ବଢ଼ାଇବା ପରିବର୍ତ୍ତେ 'ଜ୍ଞାନ' ବାଣ୍ଟିବାକୁ ଉଚିତ ମଣନ୍ତି। ସେମାନଙ୍କ ଆଖିରେ ବୁଢ଼ା ଲୋକ ପାଇଁ ଏତେ ଖର୍ଚ୍ଚ ଓ ଏତେ କଷ୍ଟର ମୂଲ୍ୟ ନାହିଁ। ସାରା ଜୀବନ କାହା ଉପରେ ବୋଝ ହୋଇ ନଥିବା 'ବାପା' ନାମକ ସେହି ସ୍ୱାଭିମାନୀ ମଣିଷ ଜଣକ ମଧ୍ୟ ଥଙ୍ଗେଇ ଥଙ୍ଗେଇ କହିଲେ- 'ଆରେ, କାହିଁକି ମୋ ପଛେ ଏମିତି ଲାଗିଛୁ? ତୋ ପୁଅ ଝିଅଙ୍କ ଲାଗି ରଖିଥିବା ପଇସା କାହିଁକି ସାରୁଛୁ? ବାଲୁତ ସିନା ଉଠେ, ବୃଦ୍ଧ ଦ୍ୱାରା କି ସମ୍ଭବ?' ବାପାଙ୍କର ଏହି ଶବ୍ଦଗୁଡ଼ିକ କାନରେ ସୀସା ପରି ଅନୁଭବ ହେଲା। ଟଙ୍କା ଏକ କାଗଜର ଟୁକୁଡ଼ା ମାତ୍ର; କିନ୍ତୁ ବାପା ମୋର ପୃଥିବୀ। ମୁଁ କେବଳ ତାଙ୍କୁ ଉଠାଉନି, ନିଜ ଭିତରେ ଥିବା ବିଶ୍ୱାସକୁ ଉଠାଇବାକୁ ଚେଷ୍ଟା କରୁଛି। ଲାଗୁଛି, ବାପା ପୁଣିଥରେ ହସିବେ, ପୁଣିଥରେ ତାଙ୍କ ଦୃପ୍ତ ସ୍ୱରରେ ମୋତେ ପାଖକୁ ଡାକିବେ।

ବାପାଙ୍କର ନିଶ୍ଚଳ ଅବସ୍ଥା କେବଳ ଏକ ସମୟର ପରୀକ୍ଷା ନୁହେଁ, ବରଂ ଏହା ଶିଖାଉଛି ସମ୍ପର୍କର ସବୁଠାରୁ ବଡ଼ଶକ୍ତି ହେଉଛି- 'ଧୈର୍ଯ୍ୟ' ଓ 'ସମର୍ପଣ'। ଯେଉଁ ବାପା ଦିନେ ପାହାଡ଼ ପରି ଛିଡ଼ା ହୋଇଥିଲେ, ଆଜି ସେହି ଦୁର୍ମୂଲ୍ୟ ପାହାଡ଼ର ସଂରକ୍ଷଣ କରିବାକୁ ସୌଭାଗ୍ୟ ମଣିବା ହେଉଛି ପରମ କର୍ତ୍ତବ୍ୟ। ବୋଉର ଅକ୍ଳାନ୍ତ ସେବା, ଆଉ ମୋର ଅନୁଭୂତି- ସବୁକିଛି ସେଇଠି ଅଟକି ଯାଇଛି- ଯେଉଁଠି କେବଳ ଭଲ ପାଇବା ହିଁ ଶେଷ କଥା। ବାପା ଶେଯରେ ଥାଇ ଆଜି ବି ଆମ ପାଇଁ 'ଅର୍ଜୁନ', ଯାହାଙ୍କ ଉପସ୍ଥିତି ଜୀବନର ପ୍ରତିଟି ଯୁଦ୍ଧ ଜିଣିବାକୁ ଦିଏ ଅଫୁରନ୍ତ ପ୍ରେରଣା। ବୋଧହୁଏ, ଜଣେ ସନ୍ତାନ ପାଇଁ ତା' ବାପା କେବେ ବି ହାରନ୍ତି ନାହିଁ; ସେ କେବଳ କିଛି ସମୟ ପାଇଁ ବିଶ୍ରାମ ନିଅନ୍ତି ପୁଣି ଥରେ ନୂଆ ଆଲୋକ ଇହ ଜଗତକୁ ଦେଖାଇବା ପାଇଁ।■

**ବିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ**
**ବିଏନଏମଏ କଲେଜ, ପାଳିଆବିନ୍ଧା**
**ଭଦ୍ରକ, ମୋ: ୬୦୭୧୪୩୦୫୬୩**

# ଘୃଣାର ଘେର

'ଏହି ଘୃଣାର ପରିସମାପ୍ତି ଘଟିବା ଉଚିତ।' ଏଇ ଶବ୍ଦଗୁଡ଼ିକ ବାହାରି ଥିଲା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମୁହଁରୁ ଦେଶ ବିଭାଜନର ସେଇ କଷ୍ଟକର ଦିନଗୁଡ଼ିକରେ, ଯାହା ସେ ସମୟରେ ଗୁଞ୍ଜରିତ ହେଉଥିଲା ଦେଶର ଶୀର୍ଷସ୍ଥାନୀୟ ନେତା ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଏବଂ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମଧ୍ୟରେ। ୮୦ ବର୍ଷ ପରେ ଆଜି ମଧ୍ୟ ଏହି ଶବ୍ଦଗୁଡ଼ିକ ଠିକ୍ ସେହିଭଳି ଗୁଞ୍ଜରିତ ହେଉଛି, ଯଦିଓ ତାହା ବର୍ତ୍ତମାନ ସମୟରେ ଦେଶର ଶୀର୍ଷ ନେତୃତ୍ୱ ଏବଂ ବିରୋଧୀ ଦଳମାନଙ୍କ ମଧ୍ୟରେ ବଜାୟ ରହିଥିବା ସମ୍ପର୍କିତ। ଆଉ ଏହା ମଧ୍ୟ ଲୋକସଭାର କାର୍ଯ୍ୟକାରିତାକୁ ପ୍ରଭାବିତ କରୁଛି, ଯାହା ହେଉଛି ଏକ ସାଧାରଣ ସ୍ଥାନ ଯେଉଁଠି ଜାତୀୟ ସ୍ୱାର୍ଥ ଉପରେ ଉଭୟ ପକ୍ଷ କଥା କହିବାକୁ ସେମାନଙ୍କୁ ନିର୍ବାଚିତ କରାଯାଇଛି। ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପରଠାରୁ ବାରମ୍ବାର, ସମ୍ଭବତଃ ନିରନ୍ତର ଭାବରେ ସଂସଦର ଏହି ନିମ୍ନ ସଦନରେ ବ୍ୟାଘାତ ସୃଷ୍ଟି ହେବା ଏବଂ ତା'ପରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ବ୍ୟବସାୟିକ କାରବାର ନିମନ୍ତେ ଚୁକ୍ତି ହେବା ଓ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରଦାନ କରାଯିବା, ଯେଉଁଥିରେ ଜଣେ ପୂର୍ବତନ ସେନାମୁଖ୍ୟଙ୍କର ଏଯାବତ୍ ଅପ୍ରକାଶିତ ଆତ୍ମଜୀବନୀର ପ୍ରସଙ୍ଗ ପ୍ରବେଶ କରିବା, ଏ ସବୁକିଛିର କାରଣ ହେଉଛି ଘୃଣା, ଯାହା ବଜାୟ ରହିଛି ଯେଉଁମାନେ ସରକାର ଚଳାଉଛନ୍ତି, ସେମାନଙ୍କ ଏବଂ ଯେଉଁମାନେ ରାଜନୀତି ଦୃଷ୍ଟିରୁ ସେମାନଙ୍କୁ ବିରୋଧ କରୁଛନ୍ତି, ସେହିମାନଙ୍କ ମଧ୍ୟରେ। ପ୍ରଧାନମନ୍ତ୍ରୀଙ୍କ ଆସନକୁ ମହିଳା ସାଂସଦମାନେ 'ଘେରାଉ' କରିବା ହୁଏତ ଏକ ଅସାଧାରଣ ଘଟଣା ହୋଇପାରେ, କିନ୍ତୁ ତା' ପରେ ଅସନ୍ତୋଷ ଏବଂ ଅସଂହତିର ସାମାନ୍ୟତମ ସଙ୍କେତ ପରେ କାର୍ଯ୍ୟଧାରାକୁ ବନ୍ଦ କରିବା ହେଉଛି ଏମିତିକି ସାଧାରଣ କର୍ମଜନିତ ସମ୍ପର୍କକୁ ବଜାୟ ରଖିବାରେ ଅବକ୍ଷୟର ଲକ୍ଷଣ ଯାହା ଜାତୀୟ ବ୍ୟବସ୍ଥାପିକାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅତ୍ୟାବଶ୍ୟକ।

ସମଗ୍ର ସ୍ଥିତି ବାଚସ୍ପତିଙ୍କ ଭଳି ଜଣେ ଶୀର୍ଷସ୍ଥାନୀୟ ସାମ୍ବିଧାନିକ ପଦବୀଧାରୀ ବ୍ୟକ୍ତିଙ୍କୁ ମଧ୍ୟ ବାଦ୍ ଦେଇନାହିଁ, ଯେହେତୁ ସେ ନିଜର ମହତ୍ତ୍ୱପୂର୍ଣ୍ଣ କ୍ଷମତା ବଳରେ କାର୍ଯ୍ୟଧାରାକୁ ଚାଲୁ ରଖିବା କ୍ଷେତ୍ରରେ ଅସମର୍ଥ ହୋଇଛନ୍ତି ଯେପରିକି, କହିବାକୁ ଗଲେ ବ୍ୟାଘାତ ସୃଷ୍ଟିକାରୀମାନଙ୍କୁ ସଦନରୁ ବହିଷ୍କାର କରି, ଯଦି ଏହା ସଦନର ସୁରୁଖୁରୁରେ କାମ କରିବା ପାଇଁ ଆବଶ୍ୟକ ହୋଇଥିଲା। ସେ ଯେଉଁ ଭୟଙ୍କର ଦୃଶ୍ୟକୁ ଏଡ଼ାଇବା ପାଇଁ ଆଦେଶ ଜାରି କଲେ, ଯାହା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର କର୍ତ୍ତବ୍ୟ 'ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନାର ଶେଷରେ ସରକାରଙ୍କର ସ୍ଥିତି'କୁ ନେଇ ବର୍ଣ୍ଣନା କରିବାର ଥିଲା, ତାହା ଗଣତନ୍ତ୍ରର ଏକ ଉଚ୍ଚ, ନିରପେକ୍ଷ କାର୍ଯ୍ୟକର୍ତ୍ତାଙ୍କ କର୍ମ ସହିତ ମେଳ ଖାଉନାହିଁ। ବଜେଟ୍ ଉପସ୍ଥାପନ ପରେ ଅନୁମୋଦିତ ସମୟର ହାରାହାରି ଅଶୀ ପ୍ରତିଶତ ସମୟ ବରବାଦ୍ ହେବାର କାରଣ ନିହିତ ଥିଲା ଜଣେ ପୂର୍ବତନ ସେନାମୁଖ୍ୟଙ୍କ ଦ୍ୱାରା ରଚିତ ଏକ ପୁସ୍ତକ ଉପରେ ଯାହା ପ୍ରକାଶିତ ହୋଇଥିଲା ଏକ ଗଣମାଧ୍ୟର ରିପୋର୍ଟକୁ ପାଠ କରିବାକୁ ନେଇ ଏବଂ ଶାସକ ଦଳ ତାହାକୁ ଅଗ୍ରାହ୍ୟ କରିବା ଯୋଗୁଁ। ବାଚସ୍ପତିଙ୍କ ଆଦେଶର ସଠିକ୍ତା ନିର୍ବିଶେଷରେ ଏହାକୁ ଗ୍ରହଣ ନ କରିବାକୁ ନେଇ ବିରୋଧୀ ଦଳର ନେତାଙ୍କ ଆଲୋଚନା କରିବାକୁ ନିଜ ଜିଦ୍‌ରେ ଅଟଳ ରହିବା ମଧ୍ୟ ସମାନ ପରିମାଣରେ ସଦନର ଅଚଳାବସ୍ଥା ପାଇଁ ଦାୟୀ।

ଆଜିକା ସମୟର କ୍ଷିପ୍ର ଏବଂ ତତ୍କାଳ ଯୋଗାଯୋଗର ଯୁଗରେ ସର୍ବସାଧାରଣଙ୍କ ମଧ୍ୟରେ ଯେତେବେଳେ ବିପୁଳ ସଂଖ୍ୟକ ସୂଚନା ଉପଲବ୍ଧ, ଏହାକୁ କେବେ ବି ଠିକ୍ ବୋଲି କ୍ୱଚିତ୍ କୁହାଯାଇ ପାରିବ ଯେ ସଦନରେ ସମ୍ବେଦନଶୀଳ ସୂଚନାର ଉନ୍ମୋଚନ କରିବାର ଏକ ସାମାନ୍ୟ ଧମକ ପ୍ରଦାନ କରିବା ହେଉଛି ସାଂସଦମାନଙ୍କ ବିବୃତିକୁ ଚପାଇ ଦେବାର ଏକ ସଙ୍କେତ। ସଂସଦର କାର୍ଯ୍ୟକୁ ନିରବଚ୍ଛିନ୍ନ ଭାବରେ ସୁରୁଖୁରୁରେ ଚଳାଇ ରଖିବା ପ୍ରାଥମିକ ଭାବରେ ସରକାରଙ୍କର ଯେତିକି ଦାୟିତ୍ୱ, ସେତିକି ମଧ୍ୟ ସରକାରଙ୍କର ନିଷ୍ପତ୍ତିଗୁଡ଼ିକ ଉପରେ ପ୍ରଶ୍ନ କରିବା ପାଇଁ ଏହି ସୁଯୋଗର ସଦ୍‌ବ୍ୟବହାର କରିବା କ୍ଷେତ୍ରରେ ବିରୋଧୀମାନଙ୍କର ଆନୁଷ୍ଠାନିକ କର୍ତ୍ତବ୍ୟ। ତେବେ ଏସବୁ ପରେ ସାମ୍ପ୍ରତିକ ସମୟରେ ଅଧିକ ପରିମାଣରେ ଯାହା ଦେଖିବାକୁ ମିଳୁଛି, ତାହା ହେଉଛି- ଲୋକସଭାରେ ସୁସ୍ଥ ଆଳାପ, ବିତର୍କ ଏବଂ ଆଲୋଚନା କରିବାର ପରମ୍ପରାରେ ଅବକ୍ଷୟ, ଯେଉଁଠି ସିଧାସଳଖ ଭାବରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଜନପ୍ରତିନିଧିମାନେ ଏକାଠି ହୋଇଥାନ୍ତି। ଏଭଳି ଅବସ୍ଥାକୁ ମଧ୍ୟ ରାଜ୍ୟସଭାରେ ରହିଥିବା ବୟସ୍କ ସାଂସଦମାନେ ଏକ ଭଦ୍ର ବାକ୍ୟ ବିନିମୟ କରିବା ନିମନ୍ତେ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରି ଆଗେଇ ନେବାରେ ସାହାଯ୍ୟ କରୁ ନାହାନ୍ତି, ଯଦିଓ ରାଜନୀତିକ ବିରୋଧୀମାନଙ୍କ ପାଇଁ ଭାଷାର ଶାଳୀନତାରେ ଅବକ୍ଷୟର ମାତ୍ରା ଏବଂ ଘୃଣାତ୍ମକ ବ୍ୟଞ୍ଜନା ବେଳକୁ ବେଳ ବଢ଼ି ବଢ଼ି ଚାଲିଛି- ତାହା କେହି ଜଣେ ଅନ୍ୟ ଜଣକୁ ରାଜନୀତିକ ସ୍ୱାର୍ଥ ପାଇଁ ଦଳ ପରିବର୍ତ୍ତନ କରିଥିବାରୁ ପ୍ରତାରକ କହୁ ବା ଜଣେ ନେତା ଏକ ପରିବାର ବିରୁଦ୍ଧରେ ଲୋକଙ୍କ ସହିତ ଯୋଡ଼ିହୋଇ ରହିବା ନିମନ୍ତେ ଏକ ସାଙ୍ଗିଆକୁ ଅପହରଣ କରିଥିବାର ଅଭିଯୋଗ ଉଠାନ୍ତୁ। ନେତାମାନଙ୍କ ମଧ୍ୟରେ ଆଜିକା ସମୟରେ ଆଉ ଆଗ ଭଳି ସେତିକି ଭଦ୍ରତା ଓ ଶିଷ୍ଟାଚାର ରହୁନାହିଁ, ଯେଉଁଥି ପାଇଁ ସେମାନେ ବେଳେ ବେଳେ କଥା କହିବାର ସମସ୍ତ ସୀମା ଲଂଘନ କରୁଛନ୍ତି। ଆଉ ତାହା ପୁଣିଥରେ କହିବାକୁ ଗଲେ ହେଉଛି ଲୋକମାନଙ୍କ ନେତାମାନଙ୍କର ଶୀର୍ଷ ମହଲରେ ରହିଥିବା ଘୃଣାତ୍ମକ ମନୋଭାବର ପ୍ରତିଫଳନ।■

# କିଏ ବା ଅଛି କେଉଁ ମତେ



ଆରତି କର

ତପୋନିଷ୍ଠ ମହର୍ଷି ବାଲ୍ମୀକି ବ୍ୟାଧର ଶରାଘାତରେ ଆଘାତପ୍ରାପ୍ତ କ୍ରୌଞ୍ଚ ପକ୍ଷୀର ହୃଦୟ ବିଦାରକ ଆର୍ତ୍ତ ଚିତ୍କାରରେ ଅତ୍ୟନ୍ତ ଶୋକାଭିଭୂତ ହୋଇ ପଡ଼ିଲେ ଓ କଣ୍ଠରୁ ତାଙ୍କର ସ୍ୱତଃ ବାହାରି ଆସିଥିଲା ବ୍ୟାଧ ପ୍ରତି ଭର୍ତ୍ସନା-ମା ନିଷାଦ! ପ୍ରତିଷ୍ଠା ତ୍ୱମାଗମ ଶାଶ୍ୱତିଃ ସମାଃ/ ଯତ୍ କ୍ରୋଞ୍ଚ ମିଥୁନାଦେକଂହବଧିଃକାମମୋହିତମ୍।' କୁହାଯାଏ, ଏହା ହିଁ କବିତାର ଆଦ୍ୟ ଝଙ୍କାର।

ଶୋକ ବିବିଧ ରୂପରେ ପ୍ରକାଶ ପାଇଥାଏ। କିଏ ଲେଖା ମାଧ୍ୟମରେ, କିଏ କ୍ରନ୍ଦନ କରି, କିଏ ନିରବରେ ଅଶ୍ରୁ ବିସର୍ଜନ କରି, କିଏ ହଠାତ୍ ନିରବୀ ମଧ୍ୟ ଯାଏ କିଛି ସମୟ ପାଇଁ। କେବଳ ଶୋକରେ ବା ଦୁଃଖରେ ଆଖିରୁ ଲୁହ ବୁହେନା, ବେଳେବେଳେ ସୁଖରେ ମଧ୍ୟ ଲୁହ ଝରିଥାଏ, ଯାହାକୁ କୁହାଯାଏ ଆନନ୍ଦାଶ୍ରୁ। ଶୋକ ବା କାନ୍ଦ ଯାହା ହେଉ, ତା'ର ଦିଗ ନିର୍ଣ୍ଣୟ କରିବା ବେଳେବେଳେ କଷ୍ଟକର ହୋଇପଡ଼େ। ଝିଅଟିଏ ବିବାହ କରି ଶାଶୂଘରକୁ ଗଲା ବେଳେ କାନ୍ଦେ, ପିତା ମାତା, ଆତ୍ମୀୟ ସ୍ୱଜନ ସମସ୍ତେ କାନ୍ଦି ଥାଆନ୍ତି। ତେବେ କ'ଣ ଝିଅଟିର ବାହା ହେବାକୁ ମନ ନଥାଏ ନା ପିତା ମାତା ଝିଅକୁ ବାହା ଦେବାକୁ ଇଚ୍ଛା କରି ନଥାନ୍ତି। କାରଣ ଥାଏ, ସ୍ନେହରେ ପାଳିତା ଝିଅଟି ତା'ର ବାପା-ମା'ଙ୍କୁ ଛାଡ଼ି ଚାଲିଯିବାର ଓ ବାପା-ମା'ଙ୍କର ତାକୁ ପାଖରୁ ଛାଡ଼ିବାର କଷ୍ଟ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଜେନାପୁର ପ୍ରଭୃତି ବନ୍ୟାଞ୍ଚଳ ଦେଖି ଭୋ ଭୋ ହୋଇ କାନ୍ଦୁଥିଲେ। ସେ କ'ଣ ନିଜ ପାଇଁ କାନ୍ଦୁଥିଲେ, ତାହା ଥିଲା ଅନ୍ୟମାନଙ୍କର ଦୁର୍ଦ୍ଦଶାରେ ମ୍ରିୟମାଣ ଏକ ଦରଦୀ ହୃଦୟର ଅଭିବ୍ୟକ୍ତି। ପ୍ରକୃତି ତା'ର ତାଣ୍ଡବ ଲୀଳା ରଚାଇ ଚାଲିଯାଏ, ମାତ୍ର କବି ଭୁଲିପାରି ନାହାନ୍ତି ସେ ବିଭୀଷିକାକୁ- ପଡ଼ିଗଲେ ମନେ ସେ ବେଳ ଘଟଣା/ ହୃଦେ ହୁଏ ଏବେ ଦାରୁଣ ବେଦନା।

ଏକ ଦୁଇ ମହଲା କୋଠାର ତଳେ ଦୋକାନ ଓ ଉପରେ କିଛି ଯୁବକ ସାଙ୍ଗ ହୋଇ ରହନ୍ତି। ସକାଳୁ ସକାଳୁ ଦୋକାନକୁ ଆସିଥିବା ଲୋକେ ଉପର ମହଲାରୁ ଛାତିଫଟା କାନ୍ଦ ଶୁଣିଲେ। ଦୁଇ ଜଣ ଯୁବକ କାନ୍ଦି କାନ୍ଦି ନୟାନ୍ତ। କାହିଁକି କାନ୍ଦୁଛନ୍ତି କହି ପାରିବା ଅବସ୍ଥାରେ ନାହାନ୍ତି। ବଡ଼ କଷ୍ଟରେ କହିଲେ ଅମୁକ ଲୋକ ମରିଗଲେ। ଉପସ୍ଥିତ ଜନତା ମଧ୍ୟ ଦୁଃଖାଭିଭୂତ ହୋଇ ପଡ଼ିଲେ ଆଉ ଭାବିନେଲେ ନିଶ୍ଚୟ ଏମାନଙ୍କର ବାପା, ଦାଦା ହୋଇଥିବେ। ତେବେ ଜଲ୍‌ଦି ସେଠାକୁ ଯାଅ, କାନ୍ଦିଲେ କ'ଣ ସେ ଫେରି ଆସିବେ। ଉତ୍ତର ଆସିଲା- ସେ ଆମର କେହି ନୁହନ୍ତି, ଚାକିରି କରାଇ ଦେବାକୁ କହି ଅଗ୍ରୀମ ଭାବେ ପଚାଶ ହଜାର ଟଙ୍କା ନେଇଥିଲେ। ଏବେ ମରିଗଲେ। ଚାକିରି ଛାଡ଼୍, ବହୁ କଷ୍ଟରେ ଧାର ଉଧାର କରି ଆଣିଥିବା ଟଙ୍କା ବୁଡ଼ିଗଲା। କ'ଣ କରିବୁ, ବୁଦ୍ଧି ଦିଶୁନି। ଏଠି ମଧ୍ୟ କାନ୍ଦ, ମାତ୍ର ପ୍ରସଙ୍ଗ କେତେ ଭିନ୍ନ!!

କୁରୁସଭାରେ ଦ୍ରୌପଦୀ ଦିନେ କାନ୍ଦିଥିଲେ। ସମସ୍ତଙ୍କ ପାଖରେ ସାହାଯ୍ୟ ଭିକ୍ଷା କରି ନିରାଶ ହୋଇ ସଂପୂର୍ଣ୍ଣ ହାତ ଟେକି ଦେଇଥିଲେ ବିଶ୍ୱନିୟନ୍ତାଙ୍କ ଉଦ୍ଦେଶ୍ୟରେ। ସେ କ୍ରନ୍ଦନ ଏପରି ତରଙ୍ଗ ସୃଷ୍ଟି କଲା ଯେ ତାହା ଭଗବାନଙ୍କ ନିକଟରେ ପହଞ୍ଚି ଗଲା ଓ ନିଜେ ବିଶ୍ୱନିୟନ୍ତା ବସ୍ତ୍ର ଅବତାର ହୋଇ ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କଲେ। ସେହିପରି କୁମ୍ଭୀର କବଳରେ ପଡ଼ିଥିବା ଗଜର ଆକୁଳ କ୍ରନ୍ଦନ ମଧ୍ୟ ବ୍ୟର୍ଥ ଯାଇ ନଥିଲା। ଚକ୍ର ପେଷି ନକ୍ର ନାଶି ଗଜକୁ ଉଦ୍ଧାର କରିଥିଲେ ସେହି ପରଂବ୍ରହ୍ମ- 'ଗଜ ଆରତ ଶୁଣି ହରି/ କୁମ୍ଭୀର ଚକ୍ରେ ବଧ କରି।'

ଶୋକର ଏକ ସାର୍ଥକ ପରିପ୍ରକାଶ ମହାଭାରତର ଦୁର୍ଯ୍ୟୋଧନ ଚରିତ୍ର। ପୃଥିବୀ ପୃଷ୍ଠରେ ସବୁଠାରୁ ଭୟଙ୍କର କୁରୁକ୍ଷେତ୍ରର ସେ ଧର୍ମଯୁଦ୍ଧରେ ଭ୍ରାତା, ପୁତ୍ର, ଆତ୍ମୀୟ ସମସ୍ତଙ୍କୁ ହରାଇ ମଧ୍ୟ ଅହଂକାରୀ, ଦର୍ପୀ ଦୁର୍ଯ୍ୟୋଧନ ମନରୁ ରାଜା ହେବାର ମୋହ ନିର୍ବାପିତ ହୋଇ ନଥିଲା। ବରଂ ଏହି କାମନା ବାସନା ରୂପକ ଅଗ୍ନିରେ ଉତ୍ସାହର ଘିଅ ଢାଳିଥିଲେ ଗୁରୁପୁତ୍ର ଅଶ୍ୱତ୍ଥାମା। ମୁହୂର୍ତ୍ତକରେ ପାଣ୍ଡବ ପାଞ୍ଚ ଜଣଙ୍କର କଟା ମୁଣ୍ଡ ଆଣିଦେବାର ପ୍ରତିଶ୍ରୁତି ଦେବାରୁ ଶତ୍ରୁର ବିନାଶ ଆଶାରେ ଅଶ୍ୱତ୍ଥାମାଙ୍କୁ ସେନାପତି ପଦରେ ବରଣ କରି ନିଅନ୍ତି ଦୁର୍ଯ୍ୟୋଧନ। ରାତ୍ରିର ଘନ ଅନ୍ଧକାର ମଧ୍ୟରେ ପାଞ୍ଚଟି କଟାମୁଣ୍ଡ ଆଣି ଅଶ୍ୱତ୍ଥାମା ଥୋଇ ଦିଅନ୍ତି ଦୁର୍ଯ୍ୟୋଧନଙ୍କ ସମ୍ମୁଖରେ। ଖୁସିରେ ଗଦ୍‌ଗଦ୍ ହୋଇ ଉଠିଲେ ଦୁର୍ଯ୍ୟୋଧନ, ପ୍ରଶଂସାରେ ପୋତି ପକାଇଲେ ଅଶ୍ୱତ୍ଥାମାଙ୍କୁ। ମାତ୍ର ଯେତେବେଳେ କଟାମୁଣ୍ଡ ଆଡ଼କୁ ଚାହିଁ ଦିଅନ୍ତି, ବିକଳରେ ଆର୍ତ୍ତନାଦ କରି ଉଠନ୍ତି ଦୁର୍ଯ୍ୟୋଧନ। ଏ କ'ଣ କଲୁରେ ଦୁରାଚାରୀ, ରାତ୍ରିର ଅନ୍ଧକାରରେ ତୁ ଯାହାଙ୍କୁ ପାଣ୍ଡବ ପାଞ୍ଚ ଭାଇ ମନେ କରି ଶିର ଛେଦନ କରିଛୁ, ସେମାନେ ପାଣ୍ଡବ ନୁହନ୍ତି, ପରନ୍ତୁ ଦ୍ରୌପଦୀଙ୍କର ପାଞ୍ଚ ପୁତ୍ର। ମୋର ବଂଶ ନାଶ କରିଦେଲୁ! ମୋ ପୁଅ ଲକ୍ଷ୍ମଣ କୁମାର ଯାଇଥିଲା। ଭୀମର ପୁତ୍ର ଘଟୋତ୍କଚ ଯାଇଛି। ଅଭିମନ୍ୟୁକୁ ତ ସପ୍ତରଥୀ ମିଳି ମାରିଦେଲେ। ଏଇ ପାଞ୍ଚ ଜଣ ଥିଲେ ବଂଶର ଶେଷ ସନ୍ତକ। ତୁ ତାଙ୍କୁ ମଧ୍ୟ ମାରିଦେଲୁ?

ରାଜା ହେବାର ଯେଉଁ ଦୁର୍ବାର ଅଭିଳାଷ, ମୁହୂର୍ତ୍ତକରେ ତାହା ମଉଳି ଗଲା। କୋଳରେ ପଞ୍ଚ ପୁତ୍ରଙ୍କ କଟା ମୁଣ୍ଡକୁ ଧରି ଅତ୍ୟନ୍ତ ଆକୁଳ ଚିତ୍ତରେ ବିଳାପ କରିବାକୁ ଲାଗିଲେ ଦୁର୍ଯ୍ୟୋଧନ। ଏତେ ମର୍ମନ୍ତୁଦ ସେ ବ୍ୟଥା, ଯାହା ହେଲା ତାଙ୍କ ମୃତ୍ୟୁର କାରଣ। ସାଧାରଣ କଥାରେ କହିଲେ- ଛାତି ଫାଟିଗଲା ପରି ଦୁଃଖ। ମାଟିର ମହାକବି ସାରଳା ଦାସଙ୍କ ବର୍ଣ୍ଣନା- 'ପାଞ୍ଚ କରି ମୁଣ୍ଡ କୋଳେ ଦେଖିଣ ଧୃତରାଷ୍ଟ୍ରି/ ପ୍ରାଣ ବିସର୍ଜିଲା ମୁର୍ଦ୍ଧନା ଗଲା ଫାଟି।' ଶତ୍ରୁର ପୁତ୍ରମାନଙ୍କ ନିଧନରେ ମଧ୍ୟ ଅପତ୍ୟ ସ୍ନେହର କି ମାର୍ମିକ ପରିପ୍ରକାଶ।

ବେଳେବେଳେ ଚକ୍ରାନ୍ତ କରି ଅନ୍ୟର କ୍ଷତି କରିଥିବା ବ୍ୟକ୍ତିଟି କ୍ଷତିଗ୍ରସ୍ତ ଲୋକ ପାଖରେ ପହଞ୍ଚି ଏପରି ଛଳନାର କାନ୍ଦ କାନ୍ଦିଥାଏ, ଯେପରି କ୍ଷତିଟି ତା'ର ହିଁ ହୋଇଛି! କିନ୍ତୁ ଏ କାନ୍ଦ ହେଉଛି ସନ୍ଦେହର ଆଢୁଆଳରେ ରହିବାର ଅସ୍ତ୍ର। ଏ ଛଳନାକୁ ବୁଝିବାର ସାମର୍ଥ୍ୟ ଆମର ନଥାଏ। ଅଭିନୟରେ କେତେକ ନିଜର ବୃତ୍ତିକୁ ଯଥାର୍ଥ ରୂପ ଦେବା ପାଇଁ ବିଭିନ୍ନ ଚରିତ୍ରରେ ଅଭିନୟ କରି ନିଜେ କାନ୍ଦିବା ସହ ଦର୍ଶକ ସମାଜକୁ ମଧ୍ୟ କନ୍ଦାଇ ପାରନ୍ତି। ଏଥିରେ ବାସ୍ତବତା ନଥାଏ। ଏହା ହେଉଛି ସେମାନଙ୍କର ବୃତ୍ତିଗତ ସଫଳତା। ମାତ୍ର କେତେକ ଛଳନାର ମୁଖାଧାରୀ ଏପରି କାନ୍ଦର ଅଭିନୟ କରନ୍ତି, ଯାହା ବାସ୍ତବତାକୁ ମଧ୍ୟ ଟପିଯାଏ। ମହାଭାରତର ଶକୁନି ଚରିତ୍ର ପରି ସେମାନେ କେବଳ ଦ୍ୱାପର ଯୁଗରେ ନଥିଲେ, ଯୁଗେ ଯୁଗେ ରହିଛନ୍ତି। ଏସବୁ ଦେଖି ମନେପଡ଼େ ସେ ସାଧୁବାଣୀ- କିଏ ବା ଅଛି କେଉଁ ମତେ/ ମୁଁ ତାହା ଜାଣିବି କେମନ୍ତେ?'

ସବୁ କାନ୍ଦ ସମାନ ନୁହେଁ। ସେସବୁ ଜାଣିବା ମଧ୍ୟ କଷ୍ଟ। ତେବେ ଅନ୍ତରର ଗଭୀରତମ ପ୍ରଦେଶରୁ ଆସୁଥିବା ଆକୁଳ କ୍ରନ୍ଦନ କେବେ ବ୍ୟର୍ଥ ଯାଏନା- ଦ୍ରୌପଦୀ ଓ କୁମ୍ଭୀର କବଳରେ ପଡ଼ିଥିବା ଗଜ ପରି।■

**ଶତାବ୍ଦୀ ନଗର, ଭୁବନେଶ୍ୱର**
**ମୋ: ୮୮୪୭୮୯୨୬୭୨**

# ନିର୍ଧୂମ୍ ହୋମର ଯାଜ୍ଞିକ ଚନ୍ଦ୍ରଶେଖର ରଥ



ନଳିନୀରଞ୍ଜନ ମିଶ୍ର

ସାହିତ୍ୟ ସାଧନା ଏକ ନିର୍ଦ୍ଧୂମ୍ ହୋମ କର୍ମ। ଏଇ ହୋମକର୍ତ୍ତା ବିସ୍ତୃତି ଭାବାପନ୍ନ ଚେତନାଟିଏ। ମନ୍ତ୍ର ପ୍ରକଟକାରୀ ବାଣୀ ସେଇ ହୋମର ସ୍ତୋତ୍ର। ଏଥିରେ ଜୀବନର-ଜଗତର ସ୍ରଷ୍ଟାଙ୍କୁ ଆବାହନ କରାଯାଏ ଅମୃତରୂପା ସୋମର ସମ୍ପୂର୍ଣ୍ଣ ହୃଦୟ ପାତ୍ର ଥୋଇ। ଦ୍ୟାବା ପୃଥିବୀ ପରମେଶ୍ୱରଙ୍କର ଅଭିଳାଷକୁ ନେଇ ସୋମକୁ ଧାରଣ କରିଥାନ୍ତି, ଗର୍ଭଧାରିଣୀ ମା' ଗର୍ଭକୁ ଧାରଣ କରିବା ପରି। ସେହି ସୋମକୁ ହିଁ ଯାଜ୍ଞିକ ଯଜ୍ଞରେ ପରମେଶ୍ୱରଙ୍କୁ ଅର୍ପଣ କରିଥାନ୍ତି (ଋଗ୍‌ବେଦ-୩, ସୂକ୍ତ ୪୬, ମନ୍ତ୍ର-୫ର ଭାବରୂପ)।

ଏଇ ହୋମ ପାଇଁ 'ସତ୍ୟଧର୍ମା' ହେବାକୁ ପଡ଼େ, 'ଯନ୍ତ୍ରାରୂଢ଼' ହେବାରେ ନିଷ୍ଠା ରଖିବାକୁ ପଡ଼େ। ଏଣୁ 'ସମୁଦ୍ର'କୁ ଧରିବା ଥୟ। 'ସମୁଦ୍ର ପାଣି କହିଲେ ତରଳି ଯାଇଥିବା ଆକାଶ' ପରା! ହୃଦୟକୁ ପୁଣି କରିବାକୁ ପଡ଼େ ମୁକୁଳା, ପ୍ରସାରିତ 'ନୀଡ଼ ରଚନା' କରିଥିବା ଠିକ୍ ଏକ 'ଯାଯାବର ପକ୍ଷୀଟି' ପରି, ଯିଏ 'ନ୍ୟୂନତମ ଅନୁମତି ବଦଳରେ ପ୍ରତିଶ୍ରୁତି ଦେଇଥାଏ ଯେ ଆକାଶର ଅପ୍ରତିହତ ସାମ୍ରାଜ୍ୟରେ ଯେଉଁ ଟିକକ ମାୟା ବଳୟିତ କରି ସେ ନିଜର ନୀଡ଼ ରଚନା କରିଛି, ତାହା ଦିନେ ସେ ମାଲିକକୁ ସମର୍ପି ଦେବ। ଅଷ୍ଟ ମେଳା କରି ପଛରେ ପଡ଼ି ରହିଯିବ ମୁଠାଏ ହାଡ଼ ଓ କିଛି ମୃତ୍ତିକା। ସେ ନତଜାନୁ ହୋଇ ସ୍ୱୀକାର କରୁଛି ଯେ ଏ ସମସ୍ତ ମହାମହିମ ଆକାଶଙ୍କର ସମ୍ପତ୍ତି, ଆଦିଗନ୍ତ ଏ ସମଗ୍ର ଭୂମି ଆକାଶଙ୍କର ହିଁ ସାମ୍ରାଜ୍ୟ। କିନ୍ତୁ, ଆପାତତଃ ପକ୍ଷୀଟିକୁ ତା'ର ନୀଡ଼ାୟତନରେ ବଞ୍ଚିବାକୁ ଦିଅ। ତାକୁ କୁହନାହିଁ ସେ ସ୍ୱୟଂ ସେଇ ଆକାଶ ବୋଲି।'

କାରଣ ତାକୁ ସହସ୍ରଶୀର୍ଷା, ସହସ୍ରାକ୍ଷ ପୁରୁଷର ସହଜରେ ଦେଖି ହେଉଥିବା ସୁଗୋଲ ଆୟତନକୁ ରଥାରୂଢ଼ାବସ୍ଥାରେ ସନ୍ଦର୍ଶନ କରି ବାରବାର (ସାତ ଥର?) ଏବଂ ସହସ୍ରବାର ନିଉଛାଳି ହେବାକୁ ହେବ, ତାକୁ ଓଳଗି ହେବାକୁ ହେବ। ସବୁ ଗହଳ-ଚହଳ ଭିତରେ ତାକୁ ତୁନି ପଡ଼ିବାକୁ ହେବ, ତୁନି ପଡ଼ିବାକୁ ହେବ।

ତା'ର ସାଧନା 'ଆକାଶ ପରି ବିମଳ ପ୍ରଶାନ୍ତ ଅବିକମ୍ପିତ ସର୍ବପୋଷଣକାରୀ ହେଉ। ମନରେ ଚନ୍ଦ୍ର ଅଧିଷ୍ଠିତ ହୋଇ ତା'ର କାଳିମା ଅପହରଣ



ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

କରନ୍ତୁ। ବାଣୀରେ ଅଗ୍ନି ପ୍ରତିଷ୍ଠିତ ହୋଇଥାଉ। ହୃଦୟରେ ପ୍ରଶାନ୍ତି ରହୁ, ଭୟ ବିଦୂରିତ ହେଉ। ଜ୍ଞାନ ଧୋଇ ମାଜି ସଂସ୍କୃତ, ସମ୍ମାର୍ଜିତ ହେଉଥାଉ।... ଦେହି ବୁଦ୍ଧିମ୍ ପ୍ରଶସ୍ତମ୍। ଦେହି ଚିତ୍ତମ୍ ପ୍ରଶସ୍ତମ୍।'

ନିଜ ଭିତରେ ନିଜକୁ ଖୋଜିବା ହେଉଛି ସାହିତ୍ୟିକ ହୋମକର୍ମ। 'କ୍ରନ୍ଦନଶୀଳ ଦୁର୍ବଳତା, ଭୀରୁତା, କ୍ଷୀଣ ଦୃଷ୍ଟିଯୁକ୍ତ ଭାବପ୍ରବଣତା ପରିହାର କରି ଆମକୁ ଉଦାତ୍ତ କଣ୍ଠରେ ଗାଇବାକୁ ହେବ- ଏ ପୃଥିବୀ ଅନନ୍ୟା ... ଏ ପୃଥିବୀ ହିଁ ସକଳ ପ୍ରାଣୀଙ୍କର ମଧୁଚକ୍ର, ଏବଂ ଏ ଭୂତ ସମୂହ ପୃଥିବୀର ମଧୁଚକ୍ର। ଏଥିରେ ଯେଉଁ ତେଜୋମୟ ଅମୃତମୟ ପୁରୁଷ ବିଦ୍ୟମାନ ଅଛନ୍ତି, ସେ ହିଁ ସର୍ବମୟ ବ୍ରହ୍ମ ଅଟନ୍ତି।' ହେ ଯାଯାବର ଯନ୍ତ୍ରାରୂଢ଼ ପକ୍ଷୀ! ତୁମର 'ମଧୁ ସଂଗ୍ରହ ଦ୍ୟୁଲୋକରୁ ହେଉଥାଉ ସତ, କିନ୍ତୁ ତୁମେ ସ୍ୱୟଂ ମଧୁଗର୍ଭା ପୃଥିବୀକୁ ଫେରି ଆସ, କାରଣ 'ପୃଥିବୀର ପ୍ରତ୍ୟେକ ଧୂଳିକଣା ନିରୁଦ୍‌ବେଗ ମଧୁଗର୍ଭା' ପରି! ଦେଖିଶିଖ 'ପୃଥିବୀ ଦିଶିବ ଗୋଟିଏ ବିରାଟ ମଧୁଚକ୍ର' ପରି। ନିଜେ କାର୍ପଣ୍ୟମୁକ୍ତ ହେଲେ ଏ ପୃଥିବୀ ଅନନ୍ୟା, ପଟାନ୍ତରଶୂନ୍ୟ ହୋଇଯିବ।

'ବେଳେବେଳେ ବନ୍ଦୀଶାଳାରେ ମହାପୁରୁଷ ଜନ୍ମଲାଭ କଲା ପରି ସାହିତ୍ୟ ସୃଷ୍ଟି ତା'ର ସ୍ରଷ୍ଟାଙ୍କୁ ଅତିକ୍ରମ କରିଯାଏ। ନିମିତ୍ତ ଭଳି ଉଭୟ ଲେଖକ ଏବଂ ଲେଖନୀକୁ ବ୍ୟବହାର କରି ସୂକ୍ଷ୍ମ ଭୂମିରୁ ଯେ ଅବତରଣ କରେ, ସେ ସୃଷ୍ଟି ତା'ର ସ୍ରଷ୍ଟାଠାରୁ ବୃହତ୍ତର- ଆୟତନରେ ଏବଂ ଗଭୀରତାରେ। ସେ ସ୍ୱୟଂ ତା' ସୃଷ୍ଟି ପାଇଁ ନିମିତ୍ତ ଏବଂ ଉପାଦାନ। ... ଶୂନ୍ୟ ଭୂମିର ପକ୍ଷୀମାନେ ହଠାତ୍ କୌଣସି ଡାଳ ଉପରକୁ ଓହ୍ଲେଇ ଆସନ୍ତି ସ୍ୱଇଚ୍ଛାରେ। ସେ ଗଛଟି ସେଇଥିପାଇଁ ନିଜକୁ ଧନ୍ୟ ମନେ କରେ, ପୂର୍ଣ୍ଣ ମନେକରେ। ତା' ଡାଳରେ ଫଳଟିଏ ଓହଳିବା ଯାହା, ପକ୍ଷୀଟିଏ ବସିବା ତାହା ନୁହେଁ। ଅନ୍ୟମାନେ ପକ୍ଷୀଟିକୁ ତା' ଡାଳରେ ଆବିଷ୍କାର କରନ୍ତି, ଚିହ୍ନଟ କରନ୍ତି। ସେ କିନ୍ତୁ ବିନୟର ସହିତ ସତ୍ୟ ସ୍ୱୀକାର କରେ।'

ଯାବତୀୟ କାର୍ପଣ୍ୟମୁକ୍ତ ସାହିତ୍ୟ ସାଧକ ନିଜେ କିଛି ରଚନ୍ତି ନାହିଁ, ରଚି ହୋଇଯାଏ ଈଶ୍ୱରଙ୍କ କରୁଣାରୁ, ଈଶ୍ୱରୀୟ ବ୍ୟବସ୍ଥାରୁ (All portry is an inspiration, a thing breathed into the thinking organ from above; it is recorded in the mind, but is born in the higher principle of direct knowledge or ideal vision which surpasses mind. it is in reality a revelation
- ଶ୍ରୀ ଅରବିନ୍ଦ)।

ଲେଖିବା ଓ ବଞ୍ଚିବା ତେଣିକି ତାଙ୍କ ପାଇଁ 'ଏକାକାର, ଏକାର୍ଥବାଚୀ' ହେବା ଅବଧାରିତ। ଏଇ 'ହୋମାଗ୍ନି' ନିର୍ଦ୍ଧୂମ ରହୁ।■

**ମାଦଳା ସାହି, ଜୟପୁର**
**ମୋ: ୯୪୩୮୪୪୫୪୬୦**

# ବିଶାଳ ହିନ୍ଦୁ ସମ୍ମିଳନୀ



**ମାର୍ଶାଘାଇ,୮।୨/ଏନ୍ଏନ୍ଏସ୍:** ମାର୍ଶାଘାଇ ବ୍ଲକ ତାଳସଙ୍ଗାସ୍ଥିତ ନୀଳକଣ୍ଠେଶ୍ୱର ବଟ ମହାପୁରଙ୍କ ପୀଠରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ସୁଲେଖ ଚନ୍ଦ୍ର ପ୍ରଧାନ, ପଟ୍ଟାମୁଣ୍ଡାଇ ଖଣ୍ଡ କାର୍ଯ୍ୟବାହ ବିଜ୍ଞାନ ଭୂଷଣ ପ୍ରଧାନ, ପଟ୍ଟାମୁଣ୍ଡାଇ ଖଣ୍ଡ ବ୍ୟବସ୍ଥା ପ୍ରମୁଖ ସମରେନ୍ଦ୍ର ଜେନା, ବାବାଜୀ ନିତ୍ୟାନନ୍ଦ ଦାସ, ବିମ୍ବାଧର ଲେଙ୍କା ପ୍ରମୁଖ ଯୋଗ ଦେଇ ହିନ୍ଦୁ ଧର୍ମର ସୁରକ୍ଷା ଏବଂ ଏଥିପାଇଁ ସମଗ୍ର ହିନ୍ଦୁ ସମାଜ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସମାଜ ତରଫରୁ ବିମ୍ବାଧର ଲେଙ୍କା, ଅରବିନ୍ଦ ସୁନ୍ଦରାୟ, ପ୍ରଦୀପ କୁମାର ମହାନ୍ତି, ଅଶୋକ କୁମର ବେହେରା, ଶିଶିର କୁମାର ନାୟକ, କୃପାସିନ୍ଧୁ ବେହେରା, ଚିତ୍ତରଞ୍ଜନ ମହାନ୍ତି, ନିରଞ୍ଜନ କାନୁନ୍‌ଗୋ, ସୁଶାନ୍ତ କୁମାର ପଣ୍ଡା, ମାଧବ ବେହେରା, ବିଭୂତି ସ୍ୱାଇଁ, ଦେବେନ୍ଦ୍ର ମହାନ୍ତି, ଜୟୀରାମ ମହାନ୍ତି, ଗିରିଧାରୀ ଦାସ, ଶ୍ୟାମସୁନ୍ଦର ଦଳାଇ ଓ ଅଲେଖ ଓଝାଙ୍କ ସମେତ ହିନ୍ଦୁ ସମାଜର ଶତାଧିକ ଲୋକ ଉପସ୍ଥିତ ଥିଲେ ।

# 'ସଂସ୍କାରମୂଳକ ଶିକ୍ଷା ହିଁ ସମାଜକୁ ସୁଦୃଢ଼ କରିବ'

**ଅନୁଗୁଳ,୮।୨/ଏନ୍ଏନ୍ଏସ୍:** ଅନୁଗୁଳ ସହର ହାଟଛକସ୍ଥିତ ଶ୍ରୀରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ସଭାପତି ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଖଳାରୀ ସରପଞ୍ଚ ସସ୍ମିତା ଗଡ଼ନାୟକ, ସମାଜସେବୀ ପର୍ଶୁରାମ ଦାଶ, ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ପ୍ରଧାନ କହିଲେ ଯେ ଶିଶୁମାନଙ୍କର ପ୍ରାଥମିକ ଶିକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କେବଳ ପାଠ ପଢ଼ାଇ ଉଚ୍ଚ ଶିକ୍ଷିତ କରିଦେଲେ ହେବ ନାହିଁ ବରଂ ଶିଶୁମାନଙ୍କୁ ଆମ୍ଭେ ପ୍ରାଥମିକ ଅବସ୍ଥାରେ ସଂସ୍କାର ମୂଳକ ଶିକ୍ଷା ପ୍ରଦାନ କରିବା ତେବେ ଆମ ସମାଜ ସୁଦୃଢ଼ ଓ ଶୃଙ୍ଖଳିତ ହୋଇପାରିବ । ଏଥିପ୍ରତି ସମସ୍ତ ପିତାମାତା ସଯତ୍ନବାନ ହେବା ଆବଶ୍ୟକ ବୋଲି ମୁଖ୍ୟଅତିଥି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ । ସେହିଭଳି ମୁଖ୍ୟବକ୍ତା ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ କହିଲେ ଯେ ପିତାମାତା ହେଉଛନ୍ତି ଶିଶୁର ପ୍ରଥମ ଗୁରୁ । ତେଣୁ ଶିଶୁମାନଙ୍କ ଭବିଷ୍ୟତ ପିତା ମାତାଙ୍କ ଉପରେ ନିର୍ଭର କରେ । ତେଣୁ ପ୍ରତ୍ୟେକ ପିତାମାତା ଶିଶୁମାନଙ୍କୁ ଚାପ ଗ୍ରସ୍ତ ନ କରି ଶିଶୁର ମାନସିକ ଅବସ୍ଥା ବୁଝି ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପର୍ଶୁରାମ ଦାଶ,ସସ୍ମିତା ଗଡ଼ନାୟକ,ସୁଜିତ ଦେହୁରୀ ତାଙ୍କ ଅଭିଭାଷଣରେ କହିଲେ ଯେ ଆଜିର ଆଧୁନିକ ଯୁଗରେ ମୋବାଇଲ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି । ଶିଶୁମାନଙ୍କୁ ମୋବାଇଲ୍‌ଠାରୁ ଦୂରେଇ ରଖିବା ସହ ଯୋଗ, ଧ୍ୟାନ, ବ୍ୟାୟାମ କରାଇବା ଆବଶ୍ୟକ, ଯଦ୍ୱାରା ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିବ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ସଂଯୁକ୍ତା ଭୋଇ, ଲିଲି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ାର ଶ୍ରେଷ୍ଠ ଖେଳାଳି ଏବଂ ବାର୍ଷିକ କ୍ରୀଡ଼ାରେ ମ୍ୟୁଜିକ୍‌ଚେୟାର ଓ ଦୌଡ଼ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅଭିଭାବକ /ଅଭିଭାବକଙ୍କୁ ଅତିଥି ମାନେ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ପବିତ୍ର ଦେହୁରୀ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିବାବେଳେ ଓଡ଼ିଆ ଅଧ୍ୟାପିକା ସବିତାରାଣୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ବିଦ୍ୟାମନ୍ଦିର ଶିଶୁ ଭାଇଭଉଣୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାମନ୍ଦିର ଗୁରୁମା ନିରୁପମା ଗଡ଼ନାୟକ, ବନ୍ଦନା ତ୍ରିପାଠୀ, କବିତା ସତପଥି, ବିନୋଦିନୀ ଦାଶ, ଋତୁପର୍ଣ୍ଣା ଧୀର, ଲିପ୍ସା ରଥ, ଲିପ୍ସା ପ୍ରିୟଦର୍ଶିନୀ, ଲୋପାମୁଦ୍ରା ସାହୁ, ସ୍ୱର୍ଣ୍ଣପ୍ରଭା କର, ମଞ୍ଜୁଲିକା ପ୍ରଧାନ, ମଞ୍ଜୁ ଦେହୁରୀ, ପୁଷ୍ପ ଭୋଇ, ସିଦ୍ଧାର୍ଥ ସାହୁ, କୃଷ୍ଣ ପ୍ରଧାନ, ଚଗୁଲୁ ଗଡ଼ନାୟକ ଓ ଦିଲ୍ଲୀପ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ ।



# 'ବୌଦ୍ଧିକ କ୍ଷେତ୍ରରେ ଉନ୍ନତି ହେଲେ ସମାଜରେ ଅଭୂତପୂର୍ବ ବିକାଶ ହେବ'

**ଆଳି,୮।୨/ଏନ୍ଏନ୍ଏସ୍:** ଯେଉଁ ସମାଜ ବୌଦ୍ଧିକ କ୍ଷେତ୍ରରେ ଯେତେ ଉନ୍ନତ ସେ ସମାଜ ସେତେ ଶୃଙ୍ଖଳିତ ହୋଇଥାଏ ଓ ଭବିଷ୍ୟତ ପିଢ଼ି ସେଇଭଳି ଭାବେ ନିଜକୁ ଗଢ଼ି ତୋଳିବାକୁ ଚେଷ୍ଟା କରିବେ । ଆଜିର ବିଶ୍ୱ ବୈଷୟିକ କ୍ଷେତ୍ରରେ ଯେତିକି ଉନ୍ନତି ଲାଭ କରିଛି, ବୌଦ୍ଧିକ କ୍ଷେତ୍ରରେ ସେହି ପରିମାଣରେ ଉନ୍ନତି କରି ନାହିଁ ବୋଲି ପରାଗ ସାହିତ୍ୟ ସଂସଦର ୪୪ତମ ବାର୍ଷିକ ଉତ୍ସବରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି ।

ଆଳିର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦର ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଓ ସ୍ତମ୍ଭକାର ନିରାକାର ଦାସ କହିଲେ ଯେ ପରିବର୍ତ୍ତିତ ବିଶ୍ୱରେ ଆମେ ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଯେତିକି ଉନ୍ନତି ଲାଭ କରିଛେ, ସମପରିମାଣରେ ବୌଦ୍ଧିକ କ୍ଷେତ୍ରରେ ଆମେ ଉନ୍ନତି ଲାଭ କରି ପାରିନାହେଁ । ବୌଦ୍ଧିକ କ୍ଷେତ୍ରରେ ଉନ୍ନତି ନ ହେଲେ ସମାଜ ନିମ୍ନଗାମୀ ହେବ । ଅନ୍ୟାୟ ଅତ୍ୟାଚାର ବଢ଼ି ବଢ଼ି ଚାଲିବ । ତେଣୁ ଆମକୁ ଏବେଠାରୁ ସଚେତନ ହେବାକୁ ପଡ଼ିବ । ଯେଉଁ ସମାଜ ବୌଦ୍ଧିକ କ୍ଷେତ୍ରରେ ଯେତେ ଉନ୍ନତ, ସେହି ସମାଜ ନିମ୍ନମୁଖୀ ନୁହେଁ ଉର୍ଦ୍ଧ୍ୱମୁଖୀ ହୋଇ ଉନ୍ନତିର ଚରମ ସୀମା ସ୍ପର୍ଶ କରେ । ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଡ. ଶ୍ରୀହରି ଧଳ କହିଲେ ଯେ ମଣିଷ ଏବେ ବ୍ୟକ୍ତି କୈନ୍ଦ୍ରିକ ହୋଇଯାଇଛି, ଯାହା ଫଳରେ ପରିବାର ମଧ୍ୟରେ ଠିକ୍ ସମନ୍ୱୟ ରହି ପାରୁନାହିଁ । ବାପାମାଆଙ୍କୁ ପିଲାମାନେ ଯତ୍ନ ନେବାରେ ଅବହେଳା ପ୍ରକାଶ କରୁଛନ୍ତି । ଏଥିପାଇଁ ପିଲାମାନଙ୍କୁ ବ୍ୟକ୍ତି କୈନ୍ଦ୍ରିକ କରି ନ ଗଢ଼ି ସମାଜ କୈନ୍ଦ୍ରିକ କରି ଗଢ଼ି ତୋଳିବା ଉଚିତ । ସମ୍ମାନିତ ଅତିଥି ଭାବେ କବି ଓ ପ୍ରାବନ୍ଧିକ ରାଜୀବ ପାଣି କହିଲେ ଯେ ସମାଜ ଆଜି ନିମ୍ନଗାମୀ ହେଉଛି । ସାହିତ୍ୟ ହିଁ ଏହି ନିମ୍ନଗାମୀ ସମାଜକୁ ବାଟ ଦେଖାଇପାରିବ । ଅନ୍ୟତମ ସମ୍ମାନିତ ଅତିଥି ଇଂ ନିଳାଦ୍ରୀଭୂଷଣ ମହାପାତ୍ର ଯୋଗ ଦେଇ କହିଲେ ଯେ ସାହିତ୍ୟିକମାନେ ଜଣେ ଜଣେ ବଡ଼ ସମାଜ ସଂସ୍କାରକ । ସେମାନେ ହିଁ ସମାଜରେ ଉନ୍ନତି ର ପରିବାହକ । ଏହି ଅବସରରେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନାଙ୍କୁ ପରାଗ ସ୍ୱତନ୍ତ୍ର ସମ୍ମାନ, ରାଜୀବ ପାଣିଙ୍କୁ ପ୍ରଥମ ଶୋଭମଣି ସ୍ୱାଇଁ କବିତା ସମ୍ମାନ, ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ ରତ୍ନାକର ମିଶ୍ର ଶିକ୍ଷା ଓ ସାହିତ୍ୟ ସମ୍ମାନ, ସୀମାଚଳ ଦାସଙ୍କୁ ପରାଗ ଗଳ୍ପ ସମ୍ମାନ, ଡ଼. ସ୍ୱର୍ଣ୍ଣପ୍ରଭା ଖଟୁଆଙ୍କୁ ପରାଗ ଯୁବ କବି ସମ୍ମାନ, ପ୍ରଦୀପ୍ତ ମହାନ୍ତିଙ୍କୁ ପରାଗ ସର୍ଜନ ସମ୍ମାନ, ଖଗେଶ୍ୱର ମହାନ୍ତିଙ୍କୁ ପରାଗ କବିତା ସମ୍ମାନ ୨୦୨୬, ଶୋଭନା ଜେନାଙ୍କୁ ପରାଗ ସଫଳ ସାହିତ୍ୟିକ ସମ୍ମାନ, ନିହାରିକା ରଥଙ୍କୁ କବିତା ସମ୍ମାନ, ସନ୍ତୋଷିନୀ ଦାଶ ଗିରିଙ୍କୁ ସଫଳ କବି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ନୀଳାମ୍ବର ପଣ୍ଡାଙ୍କ କବିତା ସଂକଳନ ନୀଳ ତରଙ୍ଗ ଓ ସନ୍ତୋଷିନୀ ଦାଶ ଗିରିଙ୍କ କବିତା ଗୋଧୂଳି ସଞ୍ଚର ଗୀତକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ବରିଷ୍ଠ କବି ଅଶୋକ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ । କବି ସର୍ବାଣୀ ଦାସ ଓ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୪୦ରୁ ଉର୍ଦ୍ଧ୍ୱ ଅତିଥିକବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ସମ୍ପାଦକ ବନମାଳୀ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ କବି ସୁରେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।



# ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ ସମୀକ୍ଷା ବୈଠକ



**ଯାଜପୁର,୮।୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଏବଂ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ବିଭାଗର ସଚିବ, ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଯୋଗ ଦେଇଥିଲେ । ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ କିପରି ଶାନ୍ତିଶୃଙ୍ଖଳାର ସହ ବିନା କୌଣସି ବିଭ୍ରାଟରେ କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ମୋଟ ୧୦ଟି ନୋଡାଲ କେନ୍ଦ୍ର ଏବଂ ୧୫୧ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଯୁକ୍ତ ଦୁଇ ପରୀକ୍ଷା ପାଇଁ ଯାଜପୁର ଜିଲ୍ଲାରେ ମୋଟ ୭ଟି ପରୀକ୍ଷା ପରିଚାଳନା ହବ୍ ସହ ୫୬ ଟି ପରୀକ୍ଷା କେନ୍ଦ୍ର ଏହି ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଏକ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନିରୀକ୍ଷଣ କରାଯିବ । ପରୀକ୍ଷା ପରିଚାଳନା ହବ୍‌ଗୁଡ଼ିକରେ ସିସିଟିଭି ସ୍ଥାପନ କରାଯାଇଛି । ପ୍ରଶ୍ନପତ୍ର ଯେପରି ଲିକ୍ ନ ହୁଏ, ତାହା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ ନିୟୋଜିତ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷାର୍ଥୀ ଏବଂ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କର୍ମଚାରୀ କୌଣସି ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ମୋବାଇଲ ପରୀକ୍ଷା ହଲ୍ ଭିତରକୁ ନେଇପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏହି ଆଭାସୀ ବୈଠକରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସହ ବିଭିନ୍ନ କଲେଜ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ ।



ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ରନଗରଠାରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରାଯାଉଛି

# ଭିତରକନିକାରେ ଅନୁଗୁଳ ଟ୍ରେନିଂ ରେଞ୍ଜ୍ ଅଫିସର୍

**ରାଜନଗର,୮।୨/ଏନ୍ଏନ୍ଏସ୍:** ଭିତରକନିକା ଜାତୀୟ ଉଦ୍ୟାନରେ ଅନୁଗୁଳ ରେଞ୍ଜ୍ ଅଫିସ୍‌ର ଟ୍ରେନିଂ ସ୍କୁଲରୁ ୪୬ ଜଣ ଆରଓ ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ କରିଛନ୍ତି । ଉଭିଦ ଓ ପ୍ରାଣୀଜଗତ ବିଷୟରେ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ନାୟକ ଓ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କଠାରୁ ପରିପୂରକ ଜ୍ଞାନ ଆହରଣ କରିଛନ୍ତି ।



# ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା ଶିବିର

**ଛେଣ୍ଡିପଦା,୮।୨/ଏନ୍ଏନ୍ଏସ୍:** ଅନୁଗୁଳ ବନଖଣ୍ଡ ଅନ୍ତର୍ଗତ ଜରପଡ଼ା ଜଙ୍ଗଲ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ଅନୁଗୁଳ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ଜରପଡ଼ା ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଗୁଳ କେନ୍ଦୁପତ୍ର ବିଭାଗ ରେଞ୍ଜ ଅଫିସର୍ ମନମୋହନ ସାହୁ, ଫରେଷ୍ଟର୍ ଶିଶିର କୁମାର ସିଂହ, ଛେଣ୍ଡିପଦା ସେକ୍ସନ ଫରେଷ୍ଟର୍ କୁଞ୍ଜ ବିହାରି ସାହୁ, ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ୍ ଦିଲ୍ଲୀପ କୁମାର ସାହୁ, ସାମାଜିକ କର୍ମୀ ତଥା ପରିବେଶବିତ୍ ଜୀବନାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଜଙ୍ଗଲ ନିଆଁ ଲାଗିବାର କାରଣ ଏବଂ ନିରାକରଣ ସମ୍ପର୍କରେ ଉପସ୍ଥିତ ଅତିଥିଗଣ ସବିଶେଷ ଆଲୋଚନା କରିଥିଲେ । ଆଗାମୀ ଦିନରେ ସମସ୍ତ ବନ ସୁରକ୍ଷା ସମିତି ସ୍ତରରେ ଏ ନେଇ ବ୍ୟାପକ ସଚେତନତା କରାଯିବ ବୋଲି ଆହ୍ୱାନ ଦିଆଯାଇଥିଲା । ଏହା ପରେ ଜଙ୍ଗଲ ନିଆଁ ଲାଗିବାର କାରଣ ଏବଂ ନିରାକରଣ ତଥା କିଭଳି ଭାବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଜଙ୍ଗଲ ବିଭାଗ ପକ୍ଷରୁ ନିକଟସ୍ଥ ଆଡଶୀଳା ପାହାଡ଼ ପାଦଦେଶରେ ଏକ ମକ ଡ୍ରିଲ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର୍ ଲକ୍ଷ୍ମୀପ୍ରିୟା ବେହେରା, ଫରେଷ୍ଟର ଟିକେଶ୍ୱର୍ ନାୟକ, ଫରେଷ୍ଟର ବସନ୍ତ କୁମାର ଗଡ଼ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଯୋଗ ଦେଇଥିଲେ । ଶେଷରେ ବିଭାଗୀୟ କର୍ମଚାରୀ ଲୋକନାଥ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ୍ କାର୍ଯ୍ୟକ୍ରମ



**ଅନୁଗୁଳ,୮।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଜିଲ୍ଲା ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଅଧ୍ୟକ୍ଷ ଭାବେ ଯୋଗଦେଇ ଜନଗଣନା ଏକ ଦର୍ପଣ ସଦୃଶ ବୋଲି କହିଥିଲେ । ଏହି ଜନଗଣନାରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ପ୍ରତ୍ୟେକ ପରିବାରର ଆର୍ଥିକ,ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରିବ ବୋଲି ସେ କହିଥିଲେ ।

ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପବିତ୍ର କୁମାର ମହଲା ଓ ପରିସଂଖ୍ୟାନ ଅନୁସନ୍ଧାନକାରୀ ଦୀପକ କୁମାର 'ଗୃହ ତାଲିକାକରଣ' ଏବଂ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲରୁ ଆରମ୍ଭ ହୋଇ ୧୫ ମେ ପର୍ଯ୍ୟନ୍ତ ଚାଲିବ । ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ସାଧାରଣ ଜନତାଙ୍କ ସୁବିଧା ପାଇଁ ଆସନ୍ତା ୧ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ରହିବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ । ମୋବାଇଲ୍ ଆପ୍ ବ୍ୟବହାର ଏବଂ ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ ସମ୍ପର୍କରେ ସମସ୍ତ ନିଯୁକ୍ତ ଅଧିକାରୀମାନଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୁଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ଭୋଇ, ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲଟି ଓ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କଳାକ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ କେନ୍ଦ୍ରାପଡ଼ା

**କେନ୍ଦ୍ରାପଡ଼ା,୮।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ପୌରାଞ୍ଚଳର ମହିପାଳ ସ୍ଥିତ କୁନ୍ତଳା କୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ପରେ ବିଦ୍ୟାଳୟ ତାର ପ୍ରଥମ ବାର୍ଷିକ ପରୀକ୍ଷା ଓଡ଼ିଶା ଲଳିତ କଳା ଏକାଡେମୀ ତତ୍ତ୍ୱାବଧାନରେ ଆୟୋଜନ କରିଛି । ଚଳିତ ବର୍ଷ ପ୍ରାଥମିକ ପରୀକ୍ଷାରେ ମୋଟ ୩୫ ଜଣ କୁନି କଳାକାର ଭାଗ ନେଇଛନ୍ତି । ରବିବାରଠାରୁ କନିଷ୍ଠ ଭାଗ-୧, ଭାଗ-୨ ଓ ବରିଷ୍ଠ ଭାଗ-୧ ଓ ଭାଗ-୨ ପରୀକ୍ଷା ଅନୁଷ୍ଠିତ ହେବ । କେନ୍ଦ୍ରାପଡ଼ା ସହରରେ ଏପରି ପରୀକ୍ଷା କରି ପ୍ରମାଣପତ୍ର ଦେଉଥିବା ଏକମାତ୍ର ଅନୁଷ୍ଠାନ କୁନ୍ତଳାକୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ୨୦୨୧ ମସିହାରେ ଆରମ୍ଭ ହୋଇଥିଲା । ଦୀର୍ଘ ପାଞ୍ଚ ବର୍ଷ ଧରି ପିଲାମାନଙ୍କୁ କଳା ଶିକ୍ଷା ପ୍ରଦାନ କରି ଆସୁଥିବା ଏହି କଳା ଶିକ୍ଷା ଅନୁଷ୍ଠାନକୁ ଏ ବର୍ଷ ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଥିବା ଲଳିତ କଳା ଏକାଡେମୀ ସ୍ୱୀକୃତି ପ୍ରଦାନ କରିଛି । ଏହି ଅନୁଷ୍ଠାନ ପିଲାମାନଙ୍କୁ କଳାଶିକ୍ଷା ଦେଇ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛି ବୋଲି ପ୍ରଧାନ ଗୁରୁଜୀ ଅଶୋକ ନାୟକ କହିଛନ୍ତି । ଜିଲ୍ଲାର କଳା ଓ ସଂସ୍କୃତି କ୍ଷେତ୍ରରେ ଉନ୍ନତି ଓ ରାଜ୍ୟରେ ଏହାକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ସେ ଏହି କଳା ଶିକ୍ଷା ଅନୁଷ୍ଠାନ ଗଢିଛନ୍ତି ବୋଲି କହିଛନ୍ତି । ଏହି ଅବସରରେ ଉପସ୍ଥିତ ଅଭିଭାବକମାନେ ବିଦ୍ୟାଳୟ ଓ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି । ଆଗାମୀ ଦିନର କେନ୍ଦ୍ରାପଡା ଯେପରି ସମଗ୍ର ରାଜ୍ୟ ଓ ଦେଶରେ କଳା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ସେ ନେଇ ଏହି ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଦ୍ୟାଳୟର ମୁଖ୍ୟ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଅଶୋକ କୁମାର ନାୟକ ମତବ୍ୟକ୍ତ କରିଛନ୍ତି ।



# ଠିକାଶ୍ରମିକ କଂଗ୍ରେସ୍ ପକ୍ଷରୁ ଗଣଧାରଣା

**ତାଳଚେର,୮।୨/ଏନ୍ଏନ୍ଏସ୍:** ତାଳଚେର ରେଲୱେ ଷ୍ଟେସନ ସମ୍ମୁଖରେ ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସର ସଭାପତି ରାଜକିଶୋର ସାହୁଙ୍କ ନେତୃତ୍ୱରେ ଗଣବିକ୍ଷୋଭ କରାଯାଇଛି । ସଂଘର କହିବା ଅନୁଯାୟୀ, ଦୀର୍ଘ ୭ବର୍ଷ ଧରି ରେଲୱେ ୱାଗନରେ ପାଲଭିଡ଼ାକୁ ନେଇ ଦାବି ଜଣାଇଥିଲେ । ରେଲୱେ ଓ ଏମ୍‌ସିଏଲ୍ ପକ୍ଷରୁ କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇନାହିଁ । ପ୍ରଶାସନିକ ସ୍ତରରେ ବାରମ୍ବାର ବିଭିନ୍ନ ସମୟରେ ରେଲୱାଗନରେ ପାଲଭିଡ଼ା ଦାବିକୁ ନେଇ ଆଲୋଚନା କରାଯାଇଥିଲା । କିନ୍ତୁ ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଗତ ନଭେମ୍ବର ମାସରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରେଲୱେ ୱାଗନରେ ପାଲଭିଡ଼ିବିକୁ ସ୍ପଷ୍ଟଭାବେ ନିର୍ଦ୍ଦେଶନାମା ଜାରି କରିଥିଲା, ତାହା ମଧ୍ୟ ଖାତିର କଲେ ନାହିଁ । ତେଣୁ ଏହାକୁ ନେଇ ଆଜି ମହାନଦୀ କୋଇଲା ଠିକାଶ୍ରମିକଙ୍କ ସହିତ ଶତାଧିକ ଜନସାଧାରଣ ଗଣବିକ୍ଷୋଭ କରିଥିଲେ । ଯଦି ଆଗାମୀ ମାର୍ଚ୍ଚ ଆରମ୍ଭରୁ ରେଲୱେ ୱାଗନରେ ପାଲଭିଡ଼ା କାର୍ଯ୍ୟ ନହେଲେ ତାଳଚେରରୁ କୋଇଲା ପରିବହନ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି ଗଣଧାରଣାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ, ଘଣ୍ଟପଡ଼ା ଗ୍ରାମ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ସବିତା ଧିର, ନାରୀନେତ୍ରୀ ପୁଷ୍ପଲତା ସାହୁ, ସମାଜସେବୀ ସୁଲେଖ ସେଠୀ, ବଳରାମ ବେହେରା, ଜିନେଶ ସାହୁ, ବିକାଶ ନାୟକ, ପ୍ରଶାନ୍ତ ବିଶ୍ୱାଳ, ସହଦେବ ସାହୁ, ଦୁର୍ଗା ପ୍ରସାଦ ଦୋରା, ବିଭୂତି ସାହୁ, ଗୌତମ ବେହେରା ପ୍ରମୁଖ ଏହି ଗଣଧାରଣାରେ ଯୋଗଦେଇଥିଲେ । ପ୍ରଗତି ସ୍ୱଚ୍ଛାସେବୀ ସଂଗଠନର ସମ୍ପାଦକ ପ୍ରଭାତ ରଥ, ସୁନିଲ ପାଣି ଯୋଗଦେଇ ରେଲଲେୱେ ୱାଗନର ମାନବିକ ଅଧିକାରୀ କ୍ଷୁର୍ଣ୍ଣ କରୁଛି ବୋଲି ପ୍ରକାଶ କରିଥିଲେ ।



## ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ସମାରୋହ

# 'ପବିତ୍ରମୋହନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ'

- ପବିତ୍ରନଗରରେ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ସ୍ମୃତିପୀଠର ଲୋକାର୍ପଣ କଲେ ରାଜ୍ୟପାଳ
- ଶିକ୍ଷା ଓ କୃଷିର ବିକାଶ ଦିଗରେ ସମର୍ପିତ ହେବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ
- ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ





**ପାଲଲହଡ଼ା, କଣିହାଁ, ୮।୨/ଏନ୍ଏନ୍ଏସ୍:** ଓଡ଼ିଶାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଶହୀଦ ପବିତ୍ର ମୋହନ ପ୍ରଧାନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ସମାଜରେ ପରିବର୍ତ୍ତନର ସୂତ୍ରପାତ କରିଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ନିଜ ନିଜ ଅଞ୍ଚଳରେ ବିଶେଷତଃ ଶିକ୍ଷା ଓ କୃଷିର ବିକାଶ ଦିଗରେ ସମର୍ପିତ ହେବା ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ରବିବାର ଅନୁଗୁଳ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପବିତ୍ରନଗର ଠାରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ଗରିମାମୟ ଉପସ୍ଥିତିରେ ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକ ତଥା ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜୟନ୍ତୀ ଅବସରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ପବିତ୍ର ନଗର ଠାରେ ଏହି ମହାନାୟକଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ଏବଂ 'ସ୍ମୃତିପୀଠ' ଉନ୍ମୋଚନ କରିଥିଲେ। ଏହାସହ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପିତ କରିଥିଲେ ରାଜ୍ୟପାଳ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସମୟରେ ପବିତ୍ର ମୋହନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ପବିତ୍ର ନଗର ଠାରେ ଉନ୍ମୋଚିତ ହୋଇଥିବା ପବିତ୍ର ମୋହନ ପ୍ରଧାନଙ୍କ ଏହି ପ୍ରତିମୂର୍ତ୍ତି ଓ ସ୍ମୃତିପୀଠ ଆଗାମୀ ପିଢ଼ି ପାଇଁ ତ୍ୟାଗ ଓ ସେବାର ଏକ ଜ୍ୱଳନ୍ତ ନିଦର୍ଶନ ହୋଇ ରହିବ। ଆଜି ଲୋକାର୍ପିତ ଓ ଭିତ୍ତିପ୍ରସ୍ତର ହୋଇଥିବା ବିକାଶମୂଳକ କାର୍ଯ୍ୟ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତି ଆମର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି, ଯାହା ଏହି ଅଞ୍ଚଳର ଜନସାଧାରଣଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ। ତନ୍ମଧ୍ୟରୁ ଖମାର ଠାରେ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ।

ସେ କହିଛନ୍ତି ଯେ ପବିତ୍ର ମୋହନ ପ୍ରଧାନଙ୍କ 'ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ' - ତାଙ୍କର ଏହି ଦର୍ଶନ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ ଶିକ୍ଷା ନୀତିରେ ପ୍ରତିଫଳିତ ହେଉଛି। ଆଜିର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଯୁଗରେ ପିଲାମାନେ କେବଳ ଶିକ୍ଷିତ ନୁହେଁ, ବରଂ 'ୱେଲଥ୍ କ୍ରିଏଟର' ହୋଇ ସ୍ୱାଭିମାନର ସହ ବଞ୍ଚିବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ତେବେ ପାଲଲହଡ଼ା ଓ ତାଳଚେର ଅଞ୍ଚଳରେ ଶିକ୍ଷା ଏବଂ କୃଷିର ବିକାଶ ଦିଗରେ ସମର୍ପିତ ହେବା ହିଁ ପବିତ୍ର ବାବୁଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ ଯେ ଆଜି ରାଜ୍ୟପାଳଙ୍କ କରକମଳରେ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୫୩ କୋଟି ଟଙ୍କାର ୨୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୬ କୋଟି ଟଙ୍କାର ୬ଟି ପ୍ରକଳ୍ପର ଉଦଘାଟିତ ହୋଇଛି। ପବିତ୍ର ମୋହନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ପବିତ୍ରନଗର ଠାରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମୃତି ପୀଠ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଛି। ଖମାର ଠାରେ ୧୧ କୋଟି ଟଙ୍କାର ସିଏଚସି ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପିଏଚସି କୋଠାର ଉଦଘାଟନ ହୋଇଛି। ପବିତ୍ରନଗର ଡିଗ୍ରୀ କଲେଜରେ ୩.୬୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏବଂ ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଗମନାଗମନ ସୁବିଧା ପାଇଁ ସମାକୋଇ ନଦୀ ଉପରେ ୩୦ କୋଟି ଟଙ୍କାରେ ହାଇଲେଭଲ ବ୍ରିଜ୍ ଏବଂ ୨୧.୮୭ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥ-୬ରୁ ଜମାରଡିହି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପାଲଲହଡ଼ାଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ପବିତ୍ରନଗରରେ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ପାଇଁ ମଧ୍ୟ ଶିଳାନ୍ୟାସ ହୋଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜନଗଣନା ସମ୍ପର୍କିତ ତାଲିମ୍ ଓ ସମୀକ୍ଷା



**ବାଲେଶ୍ୱର,୮।୨/ଏନ୍ଏନ୍ଏସ୍:** ଜନଗଣନା-୨୦୨୭ ସମ୍ପର୍କରେ ପ୍ରାରମ୍ଭିକ ତାଲିମ୍ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତଥା ଜନଗଣନା ଜିଲ୍ଲା ନୋଡାଲ୍ ଅଧିକାରୀ ସୁଧାକର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଡେପୁଟି ଜିଲ୍ଲାପାଳ (ସାଧାରଣ ଓ ବିବିଧ), ସମସ୍ତ ପୌରପାଳିକା ଓ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ତହସିଲଦାର୍, ଅତିରିକ୍ତ ତହସିଲଦାର୍ଙ୍କ ସହିତ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଜିଲ୍ଲା ନୋଡାଲ୍ ଅଫିସର୍ (ଜନଗଣନା) 'ଜନଗଣନା-୨୦୨୭ର ପରିଚୟ ଓ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ' ବିଷୟରେ ପାୱାର୍ ପଏଣ୍ଟ ମାଧ୍ୟମରେ ଏକ ବିସ୍ତୃତ ଉପସ୍ଥାପନ କରିଥିଲେ। ଏହି ଉପସ୍ଥାପନାରେ ଜନଗଣନା-୨୦୨୭ର ଉଦ୍ଦେଶ୍ୟ, ଏହାର ଗୁରୁତ୍ୱ ଏବଂ ଜିଲ୍ଲା ଓ କ୍ଷେତ୍ରସ୍ତରରେ ଗ୍ରହଣୀୟ ବିଭିନ୍ନ ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ପ୍ରତ୍ୟେକ ସ୍ଲାଇଡ୍ ପରେ ଅଂଶଗ୍ରହଣକାରୀଙ୍କୁ ପ୍ରଶ୍ନ ପଚାରିବା ଓ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଅଂଶଗ୍ରହଣକାରୀଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ସନ୍ଦେହ ଓ ପ୍ରଶ୍ନର ସନ୍ତୋଷଜନକ ସ୍ପଷ୍ଟୀକରଣ ଜିଲ୍ଲା ନୋଡାଲ୍ ଅଫିସର୍ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶନାରେ ପ୍ରଦାନ କରିଥିଲେ। ଏହି ବୈଠକରେ ଶ୍ରୀ ନାଏକ ସମୟାନୁବର୍ତ୍ତୀ ପ୍ରସ୍ତୁତି, ସମସ୍ତ ସଂପୃକ୍ତ ବିଭାଗଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଓ ଜନଗଣନା ସମ୍ବନ୍ଧୀୟ ଦାୟିତ୍ୱ ପ୍ରତି ସମସ୍ତ ଅଧିକାରୀଙ୍କ ସଠିକ୍ ବୁଝାମଣା ଅତ୍ୟନ୍ତ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ନାଉଗାଁ,୮।୨/ଏନ୍ଏନ୍ଏସ୍:** ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ପଞ୍ଚାୟତର ଗାରୋଇ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଜୈନିକ ମହିଳାଙ୍କ ସରଳତାର ସୁଯୋଗ ନେଇ ପ୍ରଥମେ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରିବା ପରେ ତାଙ୍କ ସହିତ ଜୋର୍‌ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଘଟଣା ଏବେ ସାମ୍ନାକୁ ଆସିଛି। ସୂଚନା ମୁତାବକ ଗାରୋଇ ଅଞ୍ଚଳରେ ଜୈନିକ ମହିଳାଙ୍କ ସ୍ୱାମୀ ପରିବାର ପ୍ରତିପୋଷଣ ନିମନ୍ତେ ବାହାରେ ରହୁଥିବାବେଳେ ଏହାର ସୁଯୋଗ ନେଇ ସେହି ଗ୍ରାମର ଜୈନିକ ଯୁବକ ଦୀର୍ଘ ଏକ ବର୍ଷ ଧରି ସାହାଯ୍ୟ ଆଳରେ ଜୋର୍‌ଜବରଦସ୍ତ ସମ୍ପର୍କ ରଖି ଆସୁଥିଲା। କିଛିଦିନ ତଳେ ମହିଳାଙ୍କୁ ବାଲିକୁଦାରେ ଥିବା ଏକ ଲଜ୍‌କୁ ନେଇ ମଧ୍ୟ ଖରାପ ସମ୍ପର୍କ ରଖିଥିଲା। ଏହାର ସୂଚନା ପାଇବା ପରେ ମହିଳାଙ୍କ ସ୍ୱାମୀ ଓ ପରିବାର ଲୋକେ ଉକ୍ତ ଯୁବକକୁ ପଚାରିବାରୁ ଅଭିଯୁକ୍ତ ଓ ତାଙ୍କ ପରିବାର ଲୋକେ ମିଶି ମହିଳାଙ୍କ ଶ୍ୱଶୁରଙ୍କୁ ମରାଣତ୍ମକ ଆକ୍ରମଣ କରିଥିଲେ। ଏହାସହ ମହିଳାଙ୍କ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କୁ ନାନାଦି ପ୍ରକାର ଧମକ ମଧ୍ୟ ଦେଇଥିଲେ। ଅନ୍ୟପଟେ ଏହାର ସୂଚନାପାଇ ଗାରୋଇ ଫାଣ୍ଡି ଅଧିକାରୀ ଓ ତାଙ୍କ ଟିମ୍ ପହଞ୍ଚି ମହିଳାଙ୍କ ଶ୍ୱଶୁରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ୬ ଜଣଙ୍କ ନାମରେ ଏକ ଲିଖିତ ଅଭିଯୋଗ ଦେଇଥିବାବେଳେ ପୁଲିସ୍ ଉକ୍ତ ଘଟଣାକୁ ଆଧାର କରି ସମସ୍ତ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଥିଲେ। ପୀଡ଼ିତା ମହିଳା ଜଣକ ମଧ୍ୟ ଏକ ଲିଖିତ ଅଭିଯୋଗ ଉକ୍ତ ଅଞ୍ଚଳର ଜିତେନ୍ଦ୍ର ମଲ୍ଲିକଙ୍କ ନାମରେ ଦେଇଥିବାବେଳେ ପୁଲିସ୍ ଉକ୍ତ ଘଟଣାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରି ଏକ ମାମଲା ଦାୟର କରି ସମ୍ପୃକ୍ତ ଅଭିଯୁକ୍ତ ନାମରେ ମାମଲା ରୁଜୁ କରିଥିଲା। ସେହିପରି ଅଭିଯୁକ୍ତ ଜିତେନ୍ଦ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମଲ୍ଲିକ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ନେଇ ନାଉଗାଁ ପୁଲିସ୍ ସୂତ୍ରରୁ ସୂଚନା ମିଳିଛି। ତେବେ ପୁଲିସ୍ ଅଭିଯୁକ୍ତ ଜିତେନ୍ଦ୍ରକୁ ଗିରଫ କରି ଅଧିକରୁ ଅଧିକ ତଦନ୍ତ ଚଲାଇଥିବା ନେଇ ନାଉଗାଁ ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ ପ୍ରକାଶ କରିଛନ୍ତି।

**AFFIDAVIT**

It is for general information that I, Sachidananda Das S/o Harihar Das R/o Kusuda, Baleswar, Kusuda Odisha - 756035, declare that name of my father has been wrongly written as Harihara Das in my 10th & 12th School Certificate Cum Marksheet. The actual name of my father is Harihar Das, which may be amended accordingly.

# ନରସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**କୁଆଖିଆ,୮।୨/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ସ୍ଥିତ ନରସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ରବୀନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସଂଗୀତ ନିର୍ଦ୍ଦେଶକ ତଥା ଅଭିନେତା ଶ୍ରୀକାନ୍ତ ଗୌତମ, ମୁଖ୍ୟବକ୍ତା ରସୁଲପୁର ବ୍ଲକର ଉନ୍ନୟନ ଅଧିକାରୀ ସତ୍ୟାନନ୍ଦ ଦାଶ, ସମ୍ମାନିତ ଅତିଥି କୁଆଖିଆ ଥାନାଧିକାରୀ ଚିନ୍ମୟୀ ସାହୁ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ଦାସ ଯୋଗ ଦେଇ ସାଧନା, ଧୈର୍ଯ୍ୟ ସହିତ ଆତ୍ମବିଶ୍ୱାସ ରଖି ପାଠ ପଢ଼ିଲେ ଜୀବନରେ ସଫଳ ହେବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନରେଶ କୁମାର କର ମଞ୍ଚ ସଂଯୋଜନା କରିଥିବା ବେଳେ ସମ୍ପାଦକ ଅନାଦି ଚରଣ ସାହୁ ବିବରଣୀ ବାର୍ଷିକ ପାଠ କରିଥିଲେ। କମିଟିର ସଭ୍ୟ ତ୍ରିଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ପୂର୍ଣ୍ଣଚନ୍ଦ୍ର ରାଉତ, ଈଶ୍ୱର ସାହୁ, ମନୋଜ ମହାରଣା, ସୁରେଶ ପଣ୍ଡା, ଅମୀୟ ରଞ୍ଜନ ସାହୁ, ଶୁଭକାନ୍ତ ଷଡ଼ଙ୍ଗୀ, ଗୁରୁଜୀଗୁରୁମା, ସେବକସେବିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ସହିତ ନୃତ୍ୟଗୁରୁ ଅଶୋକ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ବିଭାଗରେ ସରକାରୀ ବୃତ୍ତି, ରାଜ୍ୟସ୍ତରୀୟ କ୍ରୀଡ଼ା ପୁରସ୍କାରପ୍ରାପ୍ତ ତଥା କ୍ରୀଡ଼ା ଚାମ୍ପିଅନ୍ ନବନିତା ରାଉତ, ତୃତୀୟ ଶ୍ରେଣୀରେ ସରକାରୀ ବୃତ୍ତିପ୍ରାପ୍ତ ଯଶସ୍ୱିନୀ ସାହୁଙ୍କୁ ବରିଷ୍ଠ ବାଳକ ସାଇ ଶୁଭମ ବେହେରା, କନିଷ୍ଠ ବିଭାଗର ବାଳିକା ଶୁଭଲକ୍ଷ୍ମୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ତରଫରୁ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନୃତ୍ୟଗୀତରେ ଅଂଶ ଗ୍ରହଣ କରିଥିଲେ। କମିଟିର କୋଷାଧ୍ୟକ୍ଷ ଅଶୋକ କୁମାର ଦାସ ଧନ୍ୟବାଦ୍ ଦେଇଥିଲେ।

## ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହରେ ରାଜ୍ୟପାଳ

# ପ୍ରକୃତ ସଫଳତା ଦାୟିତ୍ୱବାନ ନାଗରିକ ହେବାରେ ନିହିତ: ରାଜ୍ୟପାଳ



**ଅନୁଗୁଳ,୮।୨/ଏନ୍ଏନ୍ଏସ୍:** ଜୀବନରେ ପ୍ରକୃତ ସଫଳତା କେବଳ ବୃତ୍ତିଗତ ସଫଳତା କିମ୍ବା ଭୌତିକ ସମୃଦ୍ଧିରେ ନୁହେଁ,ବରଂ ଭଲ ମଣିଷ ଏବଂ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ରଖୁଥିବା ଦାୟିତ୍ୱବାନ ନାଗରିକ ହେବାରେ ନିହିତ ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ରବିବାର ଅନୁଗୁଳ ଜିଲ୍ଲାର କଣିହାସ୍ଥିତ ପିଏମ୍ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ସାତ ଦଶନ୍ଧିରୁ ଅଧିକ ସମୟ ଧରି ପ୍ରତିଷ୍ଠାନ ବଜାୟ ରଖିଥିବା ସମର୍ପଣ,ଶୃଙ୍ଖଳା ଏବଂ ଅଖଣ୍ଡତାର ମୂଲ୍ୟବୋଧକୁ ଅଧିକ ଋଦ୍ଧିମନ୍ତ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଏହି ସମାରୋହରେ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ ଶିକ୍ଷା କେବଳ କ୍ୟାରିୟର ନୁହେଁ ବରଂ ଚରିତ୍ରକୁ ମଧ୍ୟ ଗଢ଼ି ତୋଳିବା ଉଚିତ,ଯାହା ଯୁବବର୍ଗଙ୍କୁ ସମାଜରେ ସକାରାତ୍ମକ ଅବଦାନ ଦେବାରେ ସକ୍ଷମ କରିବ। ଅନୁଷ୍ଠାନକୁ ଏକ ଶିକ୍ଷାଗତ ଐତିହାସିକ କୀର୍ତ୍ତିମାନ ଭାବରେ ବର୍ଣ୍ଣନା କରି ରାଜ୍ୟପାଳ ସ୍ମରଣ କରିଥିଲେ ଯେ ଏହା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ରାଜନେତା ଏବଂ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ରାଜ୍ୟପାଳ କହିଥିଲେ ଯେ, ଯେତେବେଳେ ଏହି ଅଞ୍ଚଳ ସୀମିତ ଶିକ୍ଷା ଓ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲା, ସେତେବେଳେ ସ୍ୱର୍ଗତ ପ୍ରଧାନ ଦୃଢ଼ ବିଶ୍ୱାସର ସହିତ ସ୍କୁଲ ପ୍ରତିଷ୍ଠା କରିଥିଲେ। ତାଙ୍କର ବିଶ୍ୱାସ ଥିଲା- ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ଶକ୍ତିଶାଳୀ ଶକ୍ତି। ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ, ପ୍ରସିଦ୍ଧ ରାଜନେତା ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ପ୍ରସ୍ତାବିତ ପବିତ୍ର ମୋହନ ପ୍ରଧାନଙ୍କ ସମ୍ମାନାର୍ଥେ ସ୍କୁଲର ନାମକରଣ ପବିତ୍ର ମୋହନ ପ୍ରଧାନଙ୍କ ଅବଦାନ ଏବଂ ଦୃଷ୍ଟିକୋଣକୁ ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ବୋଲି ମତବ୍ୟକ୍ତ କରିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ସ୍କୁଲକୁ ପିଏମ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରିବାରେ ଭୂମିକା ପାଇଁ ରାଜ୍ୟପାଳ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ଏହି ଅନୁଷ୍ଠାନକୁ ଅନ୍ତର୍ଭୁକ୍ତିମୂଳକ ଶିକ୍ଷାର ଏକ ମଡେଲ ବୋଲି ଅଭିହିତ କରି ସମାଜ ପାଇଁ ୭୫ ବର୍ଷର ସେବା ପୂରଣ କରିଥିବା ଏହି ଅନୁଷ୍ଠାନକୁ ଆହୁରି ଉଚ୍ଚତାରେ ପହଞ୍ଚାଇବା ପାଇଁ ସମସ୍ତ ଅଂଶୀଦାରଙ୍କୁ ଏକାଠି କାମ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ଢେଙ୍କାନାଳର ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗର ବିଧାୟକ ବିଭୁତି ଭୂଷଣ ପ୍ରଧାନ, ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ,ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ,ଛେଣ୍ଡିପଦାର ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ପ୍ଲାଟିନମ୍ ଜୁବିଲି କମିଟିର ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ ଏହି ସମାରୋହରେ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧି ପ୍ରସାଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକର ଉନ୍ମୋଚନ କରାଯାଇଥିଲା।

## ଇଂରାଜୀ ବିଭାଗ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

# 'ସାହିତ୍ୟକୁ ଇଂରାଜୀ ଅନୁବାଦ କରିବା ସମୟରେ ଯତ୍ନବାନ ହେବା ଜରୁରୀ'




**କେନ୍ଦ୍ରାପଡ଼ା,୮।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀ 'ଭୋକାଲ୍ ଫର୍ ଲୋକାଲ୍' ଉଦ୍‌ଯାପିତ ହୋଇଯାଇଛି। କଲେଜର ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର୍ ଡ. ପୂର୍ବାଶା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସକୁ କଲେଜ ଅଧ୍ୟକ୍ଷ ପ୍ରଫେସର୍ ଶାନ୍ତନୁ କୁମାର ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷା ତଥା ଓଡ଼ିଶା ଲେଖିକା ସଂସଦ ସଭାପତି ଶକୁନ୍ତଳା ବଳିଆରସିଂ ଯୋଗଦେଇ ସାହିତ୍ୟକୁ ଇଂରାଜୀ ଅନୁବାଦ କରିବା ସମୟରେ ଅତ୍ୟନ୍ତ ଯତ୍ନବାନ ହେବା ଜରୁରୀ। କାରଣ ଏକବିଂଶ ଶତାବ୍ଦୀରେ ଯେଉଁ ସାହିତ୍ୟ ଅନୁବାଦ ହେଉଛି ସେଥିରେ କବି ଓ ସାହିତ୍ୟିକଙ୍କ ମୂଳଭାବନା ନଷ୍ଟ ହୋଇଯାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ପ୍ରଫେସର୍ ଅସିମ ରଞ୍ଜନ ପାଢ଼ୀ ବକ୍ତାଭାବେ ଯୋଗଦେଇ ଆଞ୍ଚଳିକ ଭାଷା ସାହିତ୍ୟର ଇଂରାଜୀ ଅନୁବାଦ ନହେଲେ ଏହା ଅନ୍ତର୍ଜାତୀୟସ୍ତରରେ ଗ୍ରହଣୀୟ ହୋଇପାରିବ ନାହିଁ କି ଏହାର ସୃଜନଶୀଳତା ବୃଦ୍ଧି ପାଇପାରିବ ନାହିଁ ବୋଲି କହିଥିଲେ। ଅନ୍ୟତମ ବକ୍ତାଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଇଂରାଜୀ ବିଭାଗ ମୁଖ୍ୟ ରାମନାରାୟଣ ପଣ୍ଡା, ଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ସରୋଜ ମହାନନ୍ଦ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ରମେଶ ଚନ୍ଦ୍ର ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ବିରଜା ପ୍ରସାଦ ରାଉତରାୟ ପ୍ରମୁଖ ଯୋଗଦେଇ ପାରମ୍ପାରିକ ଭାଷା ସାହିତ୍ୟକୁ ଇଂରାଜୀରେ ଯଦି ଅନୁବାଦ କରାନଯିବ ତେବେ ତାହା ଆଞ୍ଚଳିକସ୍ତରରେ ସୀମିତ ହୋଇ ରହିଯିବ। ଆଞ୍ଚଳିକ ଭାଷା ସାହିତ୍ୟକୁ ଅନ୍ତର୍ଜାତୀୟସ୍ତରକୁ ନେବାକୁ ହେଲେ ଆଞ୍ଚଳିକ ଭାଷାର ଇଂରାଜୀ ଭାଷାରେ ଅନୁବାଦ ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର୍ ଡ. ରାମଚନ୍ଦ୍ର ବେହେରା, ପ୍ରଫେସର୍ ନନ୍ଦ କିଶୋର ପରିଡ଼ା, ପ୍ରଫେସର୍ ତପନ କୁମାର ପତି, ଡ. ଜ୍ୟୋତିର୍ମୟୀ ମହାପାତ୍ର, ପ୍ରଫେସର୍ ରାଜେନ୍ଦ୍ର ମହାନ୍ତି, ପ୍ରଫେସର୍ ମନୋଜ ମିଶ୍ର, ପ୍ରଫେସର୍ ବିଶେଶ୍ୱର ପଟ୍ଟନାୟକ ଓ ପ୍ରଫେସର୍ ବିଧୁଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରଭାମୟୀ ସାମନ୍ତରାୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପକ ଅଚ୍ୟୁତାନନ୍ଦ ମହାରଣା, ଅଧ୍ୟାପକ ସୁରେନ୍ଦ୍ର ପ୍ରସାଦ ମଲ୍ଲିକ, ଅଧ୍ୟାପିକା ହିରନମୟୀ ସାମଲ, ଅଧ୍ୟାପିକା ଲିଜାଶ୍ରୀ ପ୍ରିୟଦର୍ଶିନୀ ସେଠୀ, ସ୍ନାତକୋତ୍ତର ଇଂରାଜୀ ବିଭାଗ ଅତିଥି ଅଧ୍ୟାପକ ପ୍ରିୟାଂଶୁଶେଖର ରାଉତରାୟ ଓ ଅଧ୍ୟାପିକା ସୁଚେତା ପରିଜା ପ୍ରମୁଖ ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ସୁଜାତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଠିକ୍ ଢଙ୍ଗରେ ଲାଗୁନି ଷ୍ଟ୍ରୀଟ୍ ଲାଇଟ୍

● ଠିକାଦାରଙ୍କ ତରବରିଆ କାମ ଦାୟୀ ● ବ୍ଲକ୍ ପ୍ରଶାସନ ଓ ବିଧାୟକ ଦୃଷ୍ଟିଦେବାକୁ ଦାବି



**ଧର୍ମଶାଳା,୮।୨/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ଗାଁକୁ ଆଲୋକୀକରଣ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସୋଲାର୍ ଷ୍ଟ୍ରୀଟ୍ ଲାଇଟ୍ ଲଗାଯିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଠିକ୍ ଢଙ୍ଗରେ ଏହି ଷ୍ଟ୍ରୀଟ୍ ଲାଇଟ୍ ଗୁଡ଼ିକ ଲଗାଯାଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲାଇଟ୍ ଜଳୁଛି ହେଲେ ଏହାର ଆଲୋକ ଉକ୍ତ ଖୁଣ୍ଟ ପାଖର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ପଡୁଛି। ଏମିତିକି ରାସ୍ତା ପାର୍ଶ୍ୱରେ ଲାଇଟ୍ ଗୁଡ଼ିକ ଲାଗୁଥିଲେ ବି ରାସ୍ତା ଉପରକୁ ଆଲୋକ ପଡୁନାହିଁ। ବ୍ଲକ୍‌ରୁ ମିଳିଥିବା ସୂଚନାନୁସାରେ ଗୋଟିଏ ଷ୍ଟ୍ରୀଟ୍ ଲାଇଟ୍ ଲଗାଯିବା ପାଇଁ ଆନୁମାନିକ ୪୯ ହଜାର ଟଙ୍କାରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଉଛି। ପ୍ରତ୍ୟେକ ଗାଁ ଏବଂ ଛକମାନଙ୍କରେ ଏହି ଲାଇଟ୍ ଗୁଡ଼ିକୁ ଲଗାଯାଉଛି। ଫଳରେ ସାଧାରଣ ଲୋକ ରାତି ସମୟରେ ଯାତାୟାତରେ କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ। କିନ୍ତୁ ଠିକାଦାରଙ୍କ ଠକାମି ମନୋଭାବ ପାଇଁ ଏହି ଲାଇଟ୍ ଗୁଡ଼ିକୁ ଲଗାଇ ବିଲ୍ କରିବା ଆଶାରେ ଶୀଘ୍ର କାମ ଶେଷ କରିବା ପାଇଁ ତରବରିଆ ଭାବେ ଲାଇଟ୍ ଗୁଡ଼ିକ ଲଗାଯାଉଥିବା ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ବି ସଠିକ୍ ଭାବେ ଆଲୋକୀକରଣ ହେଉନଥିବା ଦେଖିବାକୁ ମିଳୁଛି। ତେଣୁ ଏହା ଉପରେ ବ୍ଲକ୍ ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଦାବି ହୋଇଛି।

ନିତିଦିନ NITIDIN

## ବାଙ୍ଗୁରୀଗାଁ ପଞ୍ଚାୟତରେ କମ୍ବଳ ବଣ୍ଟନ

**ଅସ୍ତରଙ୍ଗ,୮।୨/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ଗ୍ରାମ ପଞ୍ଚାୟତର କଣିଆ ଗ୍ରାମରେ ଦୁଇ ହଜାରରୁ ଉର୍ଦ୍ଧ ଗରିବ ନିରାଶୟ ଦୁଖୀ ରଙ୍କୀ ଓ ବୃଦ୍ଧବୃଦ୍ଧାଙ୍କୁ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟର ପୁରୀ ଜିଲ୍ଲା କାର୍ଯ୍ୟ କାରୀ ସଭାପତି ତଥା ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପ୍ରତିନିଧି ରାକେଶ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ବାଙ୍ଗୁରୀଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ପାର୍ଥ ସାରଥୀ ବେହେରା, ଟ୍ରଷ୍ଟର ସଭାପତି ସତ୍ୟପ୍ରିୟ ବେହେରା, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ ଟ୍ରଷ୍ଟର ସଭ୍ୟମାନେ ଉପସ୍ଥିତ ଥିଲେ।



## ପ୍ରଥମ ପୃଷ୍ଠାରୁ

### ଭାରତ-ମାଲେସିଆ ସମ୍ପର୍କ ...

ଦ୍ୱିପାକ୍ଷିକ ଡିଜିଟାଲ୍ ପରିଷଦ ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ଡିଜିଟାଲ୍ ସହଯୋଗରେ ନିରନ୍ତର ପ୍ରଗତିକୁ ପ୍ରଶଂସା କରିଥିଲେ ଏବଂ ଫିନଟେକ୍ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ୟୁପିଆଇ ଓ ପେନେଟ୍ ମଧ୍ୟରେ ଚୁକ୍ତିନାମାକୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସଂସଦୀୟ ଏବଂ ବିଶ୍ୱବିଦ୍ୟାଳୟ ବିନିମୟ ମାଧ୍ୟମରେ ଯୁବ ସମ୍ପର୍କକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଭାରତର ନାଳନ୍ଦା ବିଶ୍ୱବିଦ୍ୟାଳୟ ଏବଂ ମାଲାୟା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ମାଡ୍ରାସ ଓ ମାଲେସିଆର ଆଡଭାନ୍ସଡ୍ ସେମିକଣ୍ଡକ୍ଟର ଏକାଡେମୀ ମଧ୍ୟରେ ଜାରି ସହଯୋଗକୁ ସ୍ୱାଗତ କରିଥିଲେ। ମାଲେସିଆରେ ଭାରତର ପ୍ରଥମ ବାଣିଜ୍ୟିକ ଦୂତାବାସ ଖୋଲିବା ଦ୍ୱାରା ବାଣିଜ୍ୟିକ ଏବଂ ଲୋକ ସମ୍ପର୍କ ଆହୁରି ମଜବୁତ ହେବ ବୋଲି ମଧ୍ୟ ସେ ଉଲ୍ଲେଖ କରିଥିଲେ। ଦୁଇ ନେତା ବିଶ୍ୱ ଶାସନ ସଂସ୍କାର, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ଭାରତ-ଆସିଆନ ସହଭାଗୀତା ବୃଦ୍ଧି ସମେତ ପାରସ୍ପରିକ ହିତ ସହ ଜଡ଼ିତ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ସେମାନଙ୍କର ବିଚାର ବିନିମୟ କରିଥିଲେ। ପ୍ରଧାନମନ୍ତ୍ରୀ ଏଆଇଟିଆଇଜିଏ ସମୀକ୍ଷାର ଶୀଘ୍ର ପରିସମାପ୍ତି ପାଇଁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ ୨୦୨୬ରେ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଶୁଭେଚ୍ଛା ଏବଂ ନିଜର ସମର୍ଥନ ପ୍ରକାଶ କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଲାଲକିଲ୍ଲା ବିସ୍ଫୋରଣକୁ କଡ଼ା ନିନ୍ଦା କରିଥିବାରୁ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଧନ୍ୟବାଦ ଜଣାଇଥିଲେ ଏବଂ ଆତଙ୍କବାଦ ବିରୋଧରେ ନିରନ୍ତର ଘନିଷ୍ଠ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଦଶମ ଭାରତ-ମାଲେସିଆ ସିଇଓ ଫୋରମ୍ ଶନିବାର ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷ ଫୋରମର ଫଳାଫଳ ଡକ୍ୟୁମେଣ୍ଟକୁ ଗ୍ରହଣ କରିଥିଲେ। ଏହାପରେ ଦୁଇ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ବାର୍ତ୍ତା ପ୍ରଦାନ କରିଥିଲେ।

### ଦୁର୍ଘଟଣାରେ ଗଡ଼ିଲା ...

ନିକଟରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ପ୍ରଥମେ ପଟ୍ଟାଙ୍ଗି ଡାକ୍ତରଖାନା ଓ ପରେ କୋରାପୁଟସ୍ଥିତ ସହିଦ ଲକ୍ଷଣ ନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ ଆନ୍ଧ୍ର ସାଲୁର ମଣ୍ଡଳର ବାରିଗାଁର ସେଡା ଆପାନା, ସ୍ତ୍ରୀ ସେଡା ଅନିତା, ୫ ବର୍ଷ ବୟସର ଝିଅ ଓ ୨ ବର୍ଷ ବୟସର ପୁଅକୁ ନେଇ ଅମ୍ବାବାଲି ଗ୍ରାମପଞ୍ଚାୟତର ଗୁମୁଡୁପାଡୁ ଗ୍ରାମକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ ଯୋଗେ ଚିନ୍ତା ଏକୁବୁ, ସଙ୍କେଲି କୃପା, ମୁଷୁରୀ ସିନାୟ ଆସୁଥିଲେ। ପେଟୁରୁ ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେଡା ଅନିତା ଓ ଅନ୍ୟ ବାଇକ୍‌ର ଚିନ୍ତା ଏକୁବୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ସୁଙ୍କି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବ୍ରିଜ୍ ତଳୁ ମିଳିଲା ୨ଯୁବକଙ୍କ ...

ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରାଯିବ ବୋଲି କହିଛି। ଗତକାଲି ରାତିରେ ନନ୍ଦପୁର ଥାନାରେ କାର୍ଯ୍ୟ ସାରି ଉଗ୍ରସେନ ପାଙ୍ଗିଙ୍କ ସହିତ ହୋମଗାର୍ଡ ଭଗବାନ ଖିଲ ନିଜ ଗାଁକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ ପରେ ଓ ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

### ବାପାର ଛୁରାମାଡ଼ରେ ...

ମାତ୍ର ପୁଲିସ ଏହି ଅଭିଯୋଗକୁ ହାଲକା ଭାବେ ନେଇ କୌଣସି ତତ୍ପରତା ଦେଖାଇ ନଥିଲା। ତେବେ ରବିବାର ବିଭୂତି ପୁଅ କ୍ଷୀରୋଦଙ୍କୁ ଏକ ଛୁରୀରେ ଭୁସି ଦେଇଥିଲେ। ପରିବାର ଲୋକେ କ୍ଷୀରୋଦଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କ୍ଷୀରୋଦଙ୍କ ମୃତ୍ୟୁ ଖବର ପାଇ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଡାକ୍ତରଖାନାରେ ପହଞ୍ଚି ପଚରାଉଚରା କରିଥିଲେ। ପୁଲିସର ଅବହେଳା ଯୋଗୁ କ୍ଷୀରୋଦଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ତାଙ୍କ ମା' ଓ ଭାଇ। ପୁଲିସ ଯଦି ବିଭୂତିଙ୍କ ବିରୋଧରେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ନେଇଥା'ନ୍ତା, ତା'ହେଲେ ଏମିତି ଘଟି ନଥାଆନ୍ତା ବୋଲି ସେମାନେ କହିଛନ୍ତି।

### ମାଲକାନଗିରିରେ ରହିବେ ...

ସହିତ ତାଙ୍କର ନିର୍ବାଚନମଣ୍ଡଳୀର ଦୂରତା ମାତ୍ର ୨୦ କିଲୋମିଟର ଏବଂ ପ୍ରତି ନିର୍ବାଚନରେ ମାଲକାନଗିରି ଜିଲ୍ଲାରେ ସେ ପ୍ରତ୍ୟକ୍ଷ ଭାବେ ପ୍ରଚାର କରିଛନ୍ତି। ଏଠାରେ ତାଙ୍କର ଆଦିବାସୀ ବନ୍ଧୁମାନେ ରହିଥିବାରୁ ମାଲକାନଗିରିରେ ଆଶ୍ରୟ ନେବାକୁ ଉଚିତ ମଣିଲି ବୋଲି କବାସୀ ଲାଖମା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। କଂଗ୍ରେସର ଜିଲ୍ଲା ସଭାପତି ଶ୍ରୀନିବାସ ରାଓ, ବିଧାୟକ ପ୍ରାର୍ଥୀ ମାଲା ମାଢି ପ୍ରମୁଖ ତାଙ୍କର ବନ୍ଧୁ। ଏଠାକାର ଚଳଣି ସହ ମୁଁ ଜଡ଼ିତ ରହିଥିବାରୁ ଏଠାରେ ରହିବାକୁ ମୁଁ ପସନ୍ଦ କଲି । ପରବର୍ତ୍ତୀ ରାୟ ନମିଳିଲା ପର୍ଯ୍ୟନ୍ତ ମାଲକାନଗିରିରେ ରହିବାକୁ ମନସ୍ଥ କରିଛି ବୋଲି ସେ କହିଛନ୍ତି। କଂଗ୍ରେସ ପକ୍ଷରୁ ତାଙ୍କୁ ଏଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ରିକ୍ଲାମେସନ କଲୋନୀରେ ଏକ ସ୍ୱତନ୍ତ୍ର ଭଡ଼ା ଘରେ ତାଙ୍କର ରହିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।

### ମୁଁ ନିର୍ଦ୍ଦୋଷ, ମୋତେ ...

ନିର୍ଯାତନା ଦିଆଯାଉଥିବା କଥା ମିଡିଆ ଆଗରେ ଆରୋପ ଲଗାଇଛନ୍ତି ବିକ୍ରମ। ଏପେଟ ବିକ୍ରମ ପଣ୍ଡାଙ୍କ ଏଭଳି ଅଭିଯୋଗକୁ କିନ୍ତୁ ସଫା ସଫା ଖଣ୍ଡନ କରିଛନ୍ତି ବ୍ରହ୍ମପୁର ଜେଲ ଅଧୀକ୍ଷକ। କହିଛନ୍ତି ଯେ ବିକ୍ରମ ଅସୁବିଧାର ସମ୍ମୁଖୀନ ହେଉଥିବା କଥା, କେବେ ଆପତ୍ତି ଅଭିଯୋଗ କରି ନାହାନ୍ତି। ଆଉ ଖାଦ୍ୟ ବାବଦରେ ଉଠିଥିବା ଅଭିଯୋଗ ନେଇ ଜେଲ ଅଧୀକ୍ଷକ କହିଛନ୍ତି ଅନ୍ୟ ଜେଲ୍ ଅନ୍ତେବାସୀଙ୍କୁ ଯାହା ଖାଇବାକୁ ଦିଆଯାଉଛି, ବିକ୍ରମଙ୍କୁ ମଧ୍ୟ ସମାନ ଖାଦ୍ୟ ଦିଆଯାଉଛି। ଅସୁବିଧା କିମ୍ବା ହଇରାଣ ନେଇ ତାଙ୍କ ଦୃଷ୍ଟିକୁ କେବେ ବି ଆସିନି।

### ଟ୍ରେନି ଏୟାରକ୍ରାଫ୍ଟ ...

ଜମିରେ ପଡ଼ିବା ପରେ ଏହାର ସମ୍ମୁଖ ଭାଗ ପୂରା ନଷ୍ଟ ହୋଇଯାଇଥିଲା। ଘଟଣା ସଂପର୍କରେ ସୂଚନା ପାଇବା ପରେ ବାବଲେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବିମାନ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇପାରି ନାହିଁ। ତେବେ ଇଞ୍ଜିନରେ ବୈଷୟିକ ତ୍ରୁଟି ଯୋଗୁ ବିମାନଟି ଖସି ପଡ଼ିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ୨ ଓଡ଼ିଆ ମୃତ ...

ସ୍କୋର୍ପିଓରେ ବିଶାଖାପାଟଣାକୁ ନେଉଥିଲେ। ଅଢେଇ ଘଣ୍ଟା ଯାତ୍ରା କରିବା ପରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ପଲାସା ଓ ଟେକଲି ଜାତୀୟ ରାଜପଥ ମଧ୍ୟବର୍ତ୍ତୀ ଅଞ୍ଚଳର ପାଲଭାଲସା ନିକଟ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଆଇଚର ଟ୍ରକକୁ ସ୍କୋର୍ପିଓ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଲୋକ ଓ ନନ୍ଦିଗ୍ରାମ ପୁଲିସ ସହାୟତାରେ ଟେକଲି ମେଡିକାଲକୁ ନିଆଯାଇଥିଲା। ସେଠାରୁ ଗୁରୁତର ଥିବା ଡି.ରାମରାଓଙ୍କୁ ଶ୍ରୀକାକୁଲମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଟେକଲିରେ ଚିକିତ୍ସିତ ହେଉଥିବା ୫ ଜଣ ଗୁରୁତରଙ୍କୁ ଆଜି ବ୍ରହ୍ମପୁର ବଡମେଡିକେଲକୁ ଅଣାଯାଇଥିବା ଜଣାପଡ଼ିଛି। ସେମାନଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ନନ୍ଦିଗ୍ରାମ ପୁଲିସ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହା ସହିତ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ଶିକ୍ଷା ହିଁ ସମାଜର ...

ଆହୁରି ଅଧିକ ରହିବ। ଆମର ଯୁବପିଢ଼ି କେବଳ ଚାକିରି ପଛରେ ନଗୋଡ଼ାଇ 'ୱେଲଥ କ୍ରିଏଟର' ବା ଉଦ୍ୟୋମୀ ହେବା ପାଇଁ ସଂକଳ୍ପ କରିବା ଉଚିତ୍। ସମସ୍ତେ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ ଓ ପ୍ରେରଣାରେ ଉଦବୁଦ୍ଧ ହୋଇ ଏହି ଅଞ୍ଚଳରେ ଶିକ୍ଷାର ବ୍ୟାପକ ବିକାଶ କରାଇବା ପାଇଁ ସେ ଆହ୍ୱାନ କରିଛନ୍ତି। ଉତ୍ସବ ଅବସରରେ ବିଦ୍ୟାଳୟର ବାର୍ଷିକ ସ୍ମରଣିକା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା, ଯାହାକୁ ପ୍ରଶଂସା କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଏହି ପୁସ୍ତକ ପଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ଦେଶପ୍ରେମ ଓ ବୌଦ୍ଧିକ ବିକାଶ ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

## ଲୁଣା ନଦୀରେ ପାଣି ଛାଡ଼ିବାକୁ ଦାବି

# ରବିଧାନ ଫସଲ ଉଜୁଡ଼ିବା ଚିନ୍ତାରେ ଚାଷୀ

**ଡେଲାଙ୍ଗ,୮।୨/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକ ଦେଇ ପ୍ରବାହିତ ଲୁଣାନଦୀରେ ଜଳ ସଙ୍କଟ ଦେଖାଦେଇଛି। ଯାହା ଫଳରେ ନଦୀପାଣିକୁ ଭରସା କରି ରବିଧାନ ଚାଷକରିଥିବା ଚାଷୀ ମୁଣ୍ଡରେ ଏବେ ଜଳ ସଙ୍କଟ ଚିନ୍ତା ପଶିଛି। ପାଣିର ଅଭାବ ହେତୁ ଚାଷଜମୀ ଫାଟି ଆଁ କରିଛି। ଲୁଣାରେ ଚାଷପାଇଁ ପାଣି ଛାଡିବାକୁ କୃଷକ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଚାଷୀ ପ୍ରତାପ ଜେନା, ସୂର୍ଯ୍ୟନାରାୟଣ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ପ୍ରଶାନ୍ତ ଜେନା, ପ୍ରଭାକର ପ୍ରଧାନ, ଭାସ୍କର ପ୍ରଧାନ ପ୍ରମୁଖଙ୍କ ସମେତ ୩୦ରୁ ଉର୍ଦ୍ଧ ଚାଷୀ ଶନିବାର ଡେଲାଙ୍ଗ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।ସୂଚନା ଥାଉ ଲୁଣା ନଦୀର ଉଭୟ ପାର୍ଶ୍ୱରେ ଶତାଧିକ ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଗୁଡିକ ମାଧ୍ୟମରେ ଚାଷୀ ନିଜ ଜମିକୁ ଜଳ ସେଚନ କରାଇ ଧାନ ସହିତ ଅନ୍ୟାନ୍ୟ ଫସଲ କରିଥାଏ। ଏବେ ଲୁଣା ନଦୀରେ ପଟୁ ମାଟି , ପୋଚା ଦଳ ଓ ନାଗଫେଣି ଦଳ ଭର୍ତି ହୋଇ ରହିଥିବାରୁ ନଦୀର ଜଳ ଧାରଣ କ୍ଷମତା ଲୋପ ପାଇବାରେ ଲାଗିଛି।



ଏହି ସମସ୍ୟା ସମାଧାନ ପାଇଁ ପୂର୍ବରୁ ଯେମିତି ଚାଷିମାନଙ୍କ ହିତକୁ ଦୃଷ୍ଟିରେ ରଖି ନଦୀକୁ କେନାଲ ପାଣି ଛଡାଯାଇ ଜଳ ସେଚନ ଦ୍ୱାରାନିତ୍ୱ କରାଯାଉଥିଲା। ସେହିପରି ଭାବରେ କେନାଲ ପାଣି ନଦୀରେ ଛଡାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି କୃଷକ ନେତା ଶ୍ରୀ ପ୍ରଧାନ ଦାବି କରିଛନ୍ତି। ଆସନ୍ତା ୩ଦିନ ମଧ୍ୟର ନଦୀରେ ପାଣି ଛଡାନଗଲେ ବ୍ଲକର ଶତାଧିକ ଚାଷୀ ନିଜ ପରିବାର ସହିତ ରାଜରାସ୍ତାରେ ଆନ୍ଦୋଳନ କରିବେ ସ୍ଥାନୀୟ ଚାଷୀ ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପାଇବାପରେ ଜିଲାପାଳଙ୍କ ସମେତ ଉପ ଜିଲାପାଳ, ଜଳ ସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଜଳ ନିଷ୍କାସନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇ ଚାଷୀଙ୍କ ହିତ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଡାହାଣୀ ସନ୍ଦେହରେ ନିର୍ଯାତନା ପ୍ରଥା ବିଲୋପ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

**ଖୋର୍ଦ୍ଧା,୮।୨/ଏନ୍‌ଏନ୍‌ଏସ୍:** ଡାହାଣୀ ଚିରିଗୁଣି ଲାଗିବା, ଗୁଣିଗାରିଡି ଚେଙ୍କ ମାଧ୍ୟମରେ ଏହାକୁ ଭଲ କରିବା ପାଇଁ ଝାଡ଼ିବା ଆଦି ଅନ୍ଧ ବିଶ୍ୱାସ ଓ ସାମାଜିକକୁ ସଂସ୍କାର ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ସଭ୍ୟ ସମାଜ ପାଇଁ ଅନିର୍ବାର୍ଯ୍ୟ ଅଟେ। ଏହା କେବଳ ବିଦ୍ୟାଳୟରେ ପଢୁଥିବା ଛାତ୍ର ଛାତ୍ରୀ, ମହିଳା ସଂଗଠନ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଶେଷ ଭାବରେ ଅନୁସୂଚିତ ଜନଜାତି ଅଞ୍ଚଳରେ କାଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ବ୍ୟାପକ ଭାବେ ଜନଜାଗରଣ ଓ ଜନସଚେତନା ସୃଷ୍ଟି କରିପାରିଲେ ଏଭଳି ସାମାଜିକକୁ ପ୍ରଥାର ବିଲୋପ ସମ୍ଭବ ହୋଇ ପାରିବ ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡାହାଣୀ ସନ୍ଦେହରେ ନିର୍ଯାତନା ବନ୍ଦ କରିବା ଏକ ଦିବସୀୟ ସଚେତନତା କର୍ମଶାଳାରେ ରାଜ୍ୟ ସ୍ତରୀୟ ମୁଖ୍ୟ ପ୍ରଶିକ୍ଷିକା ଭାବେ ମାନସୀ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ବୈଠକରେ ଅଧକ୍ଷତା କରି ପ୍ରାଚୀନ କାଳରେ ଏଭଳି କୁପ୍ରଥା ବହୁଳ ମାତ୍ରରେ ଚାଲିଥିଲା। ଶିକ୍ଷାର ସାର୍ବଜନୀକରଣ ହେତୁ ଏଭଳି କୁ ପ୍ରଥା ସମାଜରୁ ହଟିବାରେ ଲାଗିଛି ବୋଲି କହିଥିଲେ। କର୍ମଶାଳରେ ପୁଲିସ କର୍ମଚାରୀ, ସରପଞ୍ଚ, ଓ୍ୱାର୍ଡସଭ୍ୟ, ଆଶା, ଅଙ୍ଗନବାଡ଼ି କର୍ମୀ, ଏ ଏନ୍ ଏମ, କିଶୋରୀ ବାଳିକା କଲେଜ ଛାତ୍ର ଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଅନୁସୂଚିତ ଜନ ଜାତି, ଜାତି ମହିଳା ଏବଂ ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ମଞ୍ଚ ସଂଯୋଜନାରେ ଅଧିକାରୀ ସୌଦାମିନୀ ଦାସ ସମ୍ପାଦିତ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ।

## ନିମାପଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ

**ଚାରିଛକ,୮।୨/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ପୂର୍ତ୍ତୀ ଅବସରରେ ବାରବାଟୀ ପଡ଼ିଆ ନିକଟସ୍ଥ ଆରାଧ୍ୟ ଦେବତା ପ୍ରଭୁ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଘଟିକା ରେ ପୁର୍ନେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ହରିହକ୍ଷଟ, ନଗର କୀର୍ତ୍ତନ ପୁରୁଣା ବସ ଷ୍ଟାଣ୍ଡ ମହାବୀରଙ୍କ ପୀଠରୁ ବଜାର ପରିକ୍ରମା କରି ପୁର୍ନେଶ୍ୱରଙ୍କ ନିକଟରେ ପହଞ୍ଚିଥିଲା। ହରିନାମରେ ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମଗ୍ର ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି, ସନାତନ ଧର୍ମ ଓ ସାମାଜିକ ଏକତାର ଜାଗରଣ ପାଇଁ ବିଶାଳ ହିନ୍ଦୁ ସମିଳନୀ ର ମୂଳଲକ୍ଷ ବୋଲି ଉପସ୍ଥିତ ସଂଗଠନ ର କାର୍ଯ୍ୟ କର୍ତ୍ତା ବକ୍ତବ୍ୟ ରଖିଥିଲେ।




ଗ୍ରାମବିକାଶ ପ୍ରମୁଖ କୈଳାସ ଚନ୍ଦ୍ର ମହାପାତ୍ର, ପ୍ରଭାତ କୁମାର ମହାପାତ୍ର ଗୋଶାଳା ପ୍ରମୁଖ ଅମୂଲ୍ୟ ପ୍ରସାଦ ଦାସ ସମାଜସେବୀ, ସୀମାନ୍ତ ଶେଖର ରଥ ଖଣ୍ଡ ଶହ ସଂଯୋଜକ, ହିନ୍ଦୁ ସମ୍ମିଳ ନୀ ସହ ସଂଯୋଜକ ଉମାଶଙ୍କର ଆଚାର୍ଯ୍ୟ, ଖଣ୍ଡ ସହ ସଂଯୋଜକ ଭାଗିରଥୀ ଓଝା, ଉପସଭାପତି ଶରତ କୁମାର ସେନାପତି, ରାଧାମୋହନ ଦାସ, କାର୍ଯ୍ୟ ସଂପାଦନ କରିଥିଲେ। ମଞ୍ଚରେ କୁଞ୍ଜ ବିହାରୀ ମଠାଧୀଶ ମହନ୍ତ ଜଗନ୍ନାଥ ଦାସ, ଶ୍ୟାମସୁନ୍ଦରପୁର ମଠାଧୀଶ ମହନ୍ତ ଲିଙ୍ଗରାଜ ଦାସ, ଗୋପାଳ ସାହୁ, ଅମିୟ ପୋଦାର, ଜ୍ଞାନରଞ୍ଜନ ଦାସ, ସମାଜସେବୀ ଦିଲ୍ଲୀପ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଟ୍‌ନି ଛଟ୍‌ନି ନେଇ ସତ ମାନିଲେ ସମ୍ପାଦକ: ଭିଡିଓ ଭାଇରାଲ୍

**ଓଡ଼ଗାଁ,୮।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକର ବିଭିନ୍ନ ପାକ୍ସରେ କଟନି ଛଟନି ଚାଲିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲେ ମଧ୍ୟ ସମବାୟ ବିଭାଗ ଷ୍ଟାନୁ ପଲଟିଯାଇଛି ।ଏବେ ମିଲର ଓ ପକ୍ଷ ସମ୍ପାଦକ ମିଳିମିଶି ଚାଷୀଙ୍କୁ ଲୁଟିବା ଆରମ୍ଭ କରିଛନ୍ତି। ଏହି ଘଟଣାକୁ ନେଇ ସତ ମାନିଛନ୍ତି କୋମଣ୍ଡ ପାକ୍ସ ସମ୍ପାଦକ। ସୂଚନା ଅନୁଯାୟୀ, ନୟାଗଡ ଜିଲ୍ଲାର ବିଭିନ୍ନ ପାକ୍ସରେ ଧାନ କଟନି ଛଟନି ଉପରେ ରୋକ୍ ଲଗାଇଛନ୍ତି ଜିଲ୍ଲାପାଳ ମଧୁମିତା ରଥ। ଅଭିଯୋଗ ଆସିଲେ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।କିନ୍ତୁ ପ୍ରତି ପାକ୍ସରେ ୬ରୁ ୭ କେଜି କଟନି ଛଟନି ହେଉଛି ।ଆଉ କେତେକ ଚାଷୀଙ୍କୁ ଟୁନ ଲଗାଇବାକୁ ମିଲକୁ ପଠାଇ ଦିଆଯାଇଛି ।ଫଳରେ ଚାଷୀ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଦୁଇଦିନ ତଳେ ଜଣେଚାଷୀ କୋମଣ୍ଡ ପାକ୍ସକୁ ଧାନ ଦେବାକୁ ଯାଇଥିଲେ। ଚାଷୀ ପାକ୍ସ ସମ୍ପାଦକଙ୍କ ଠାରୁ ସତ ପରଖିବା ପାଇଁ ତାଙ୍କର ଭିଡିଓ ଉତ୍ତୋଳନ ମଧ୍ୟ କରିଥିଲେ। ସେହି ସମୟରେ ପାକ୍ସ ସମ୍ପାଦକ ଲିଙ୍ଗରାଜ ସାହୁ ୬ କେଜି ଧାନ କଟନି ଛଟନି ହେଉଥିବା ଚାଷୀଙ୍କୁ କହିଥିଲେ। ଗୋଟିଏ ପଟେ ଜିଲ୍ଲାପାଳ କଟନି ଛଟନି ଉପରେ ଅଙ୍କୁଶ ଲଗାଇଥିବାବେଳେ ଆଉ ଗୋଟିଏ ପଟେ ସମ୍ପାଦକଙ୍କ ଶୋଷଣ ଚାଷୀଙ୍କୁ ତଳିତଳାନ୍ତ କରିଦେଉଥିବା ଜଣାପଡ଼ିଛି।

## ଠିକାଦାର ସଂଘ ସାଧାରଣ ପରିଷଦ ବୈଠକ

**କଣ୍ଟାପଡ଼ା,୮।୨/ଏନ୍‌ଏନ୍‌ଏସ୍:** ଆଜି ବାଗଲପୁରସ୍ଥିତ ମାକୋଚିଲେଇ ମଣ୍ଡପଠାରେ ନିଆଳୀ ଠିକାଦାର ସଂଘର ସଭାପତି ଜୟନ୍ତ କୁମାର ରାୟଙ୍କ ଆବାହକତ୍ୱରେ ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶା ରାଜ୍ୟ ଠିକାଦାର ମହାସଂଘର ସଭାପତି ଅନୀଲ କୁମାର ମହାଲାକ ରାଜ୍ୟ ଠିକାଦାର ମହାସଂଘର ସଂପାଦକ ଦୀଲିପ କୁମାରୋ ଜେନା, ପୁରୀ ଜିଲ୍ଲାଆବାହକ ପ୍ରତୀକ କୁମାର ପଣ୍ଡା, ରାଜ୍ୟ କୋରକମିଟି ସଭ୍ୟ ତାରିଣୀ ପ୍ରସାଦ ଦାସ, ରାଜ୍ୟ କୋରକମିଟି ସଭ୍ୟ ସଂଜୟ କୁମାର ମିଶ୍ର, ଉମାକାନ୍ତ ସାମନ୍ତରାୟ ଅଜୟ କୁମାର ମହାପାତ୍ର। ଜୟଦେବ ଠିକାଦାର ସଂଘର ସଭାପତି ରଶ୍ମୀରଂଜନ ବଳିୟାର ସିଂହଙ୍କ ସମେତ ପ୍ରାୟ ୧୦ଗୋଟି ଜିଲ୍ଲାଠିକାଦାର ସଂଘର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ। ଆଜିର ସାଧାରଣ ପରିଷଦ ବୈଠକରେ ଠିକାଦାରମାନଙ୍କ ବିଭିନ୍ନ ସମାସ୍ୟା ଉପରେ ବିଶଦ ଆଲୋଚନା କରାଯାଇଥିଲା, ସର୍ବସମ୍ମତ କ୍ରମେ ଠିକାଦାର ମହାସଂଘ ଏକଜୁଟ ରହିବା ଓ ସମସ୍ତ ଠିକାଦାର ଭାଇମାନେ ରାଜ୍ୟସରକାରଙ୍କ ନିର୍ଦ୍ଧାରିତ ଧାର୍ଯ୍ୟ ମୂଲ୍ୟାଙ୍କନ ଅନୁଯାୟୀ ଟେଣ୍ଡର ପେପର ଆହ୍ୱାନ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ନିଷ୍ପତ୍ତିକୁ ସମସ୍ତ ଠିକାଦାର ଭାଇମାନେ ମାନିବେ ଓ ଧାର୍ଯ୍ୟ ମୂଲ୍ୟାଙ୍କନ ଅନୁଯାୟୀ ସମସ୍ତ ଟେଣ୍ଡର ଆହ୍ୱାନ କରିବେ ବୋଲି ରାଜ୍ୟ ମହାସଂଘ ନେତୃତ୍ୱଙ୍କ ସହିତ ସହମତି ପ୍ରକାଶ କରିଛନ୍ତି।

## ଅତିରିକ୍ତ ତହସିଲ୍‌ଦାରଙ୍କୁ ମାଡ଼ ମାରିବା ଘଟଣାରେ ଜଣେ କୋର୍ଟଚାଲାଣ

**ଟାଙ୍ଗୀ,୮।୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ହରିଅନ୍ତା ନିକଟରେ ଜାନୁୟାରୀ ୨୦ ତାରିଖ ଦିନ ରାଜପଥ କଡ଼ରୁ ପ୍ରଶାସନ ପକ୍ଷରୁ ବେଆଇନ୍ ଭାବେ ଗଢି ଉଠିଥିବା ଘର ଓ ଦୋକାନ ଗୁଡିକୁ ଉଚ୍ଛେଦ କରାଯାଉଥିଲା। ତେବେ ଏହି ଉଚ୍ଛେଦ ସମୟରେ ରଞ୍ଜିତ ମହାନ୍ତି ନାମକ ଜଣେ ବ୍ୟକ୍ତି ଯେଉଁ ଘର ଭଙ୍ଗା ଯାଉଛି ତାହା ନିଜସ୍ୱ ଜାଗାରେ ରହିଛି ବୋଲି ଦାବି କରିବା ସହ ସେହି ଘରେ ଭଡା ସୂତ୍ରରେ ରହୁଥିବା ସୁଲୋଚନା ସ୍ୱାଇଁ, ଦିପ୍ତିରଞ୍ଜନ ମହାନ୍ତି ଅନ୍ୟ ସହଯୋଗୀମାନେ ମିଶି ପୁଲିସ, ଅତିରିକ୍ତ ତହସିଲଦାର ଓ ରାଜପଥ କର୍ମଚାରୀ ମାନଙ୍କୁ ମାଡ ମାରି ଠେଲାପେଲା କରିବା ସହ ରାସ୍ତା ଅବରୋଧ କରିଥିଲେ। ତେବେ ଉକ୍ତ ଘଟଣାର ୧୭ ଦିନ ପରେ ଟାଙ୍ଗୀ ପୁଲିସ ହରିଅନ୍ତା ପଞ୍ଚାୟତ ଦିପ୍ତିରଞ୍ଜନ ମହାନ୍ତିକୁ ଗିରଫକରି କୋର୍ଟଚାଲାଣ କରିଛି। ତେବେ ଉକ୍ତ ଘଟଣାରେ ସଂପୃକ୍ତଥିବା ଫେରାର ଥିବା ୬,ରୁ ୭ଜଣ ଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଟାଙ୍ଗୀ ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠୀ ପ୍ରକାଶ କରିଛନ୍ତି।

## ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ମେଳାପଡ଼ିଆ ଅନ୍ଧାର: ବ୍ୟବସାୟୀ ଓ ଦର୍ଶକ ହୀନସ୍ତା

**କଣ୍ଟିଲୋ,୮।୨/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ଆଦି ପୀଠ କଣ୍ଟିଲୋ ରେ ପ୍ରଭୁ ନୀଳମାଧବଙ୍କ ଭୈମୀ ଏକାଦଶୀ ମାଘ ମେଳା ଏବେ ଫଗୁଣ ମେଳାରେ ପରିଣତ ହୋଇଛି। ଅପେରା ପାର୍ଟି ଆସିବାରୁ ଆଜି ରବିବାର ଠାରୁ ମେଳା ଟିକିଏ ଆରମ୍ଭ ହୋଇଛି। ମେଳାରେ ସହ ସହ ଦୋକାନ ବଜାର ଓ ବିଭିନ୍ନ ପ୍ରକାର ଦୋଳି, ଘୋଡ଼ା ଗାଡି ମାଲିକ ମାନେ ହଜାର ହଜାର ଟଙ୍କା ବିଦ୍ୟୁତ୍ ବିଭାଗ ଙ୍କ ନିକଟରେ ଡିପୋଜିଟ କରିଥିଲେ ହେଁ ଆଜି ସନ୍ଧ୍ୟା ୬ ଘଣ୍ଟା ୩୦ ମିନିଟ ରୁ ରାତ୍ର ୮ ଘଣ୍ଟା ୩୫ ମିନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଯାହା ଫଳରେ ମେଳା ବୁଲି ଆସିଥିବା ହଜାର ହଜାର ପୁରୁଷ, ଝିଅ ବୋହୂ, ଛାତ୍ର ଛାତ୍ରୀ ଏବଂ ବୃଦ୍ଧ ବୃଦ୍ଧା ମାନେ ବହୁ ହଇରାଣ ଓ ହିନସ୍ତା ହୋଇଥିବା ନଜରକୁ ଆସିଛି। କାହିଁକି ଏତେ ସମୟ ମେଳାପଡ଼ିଆ ଅନ୍ଧାର ରହିଛି ବୋଲି ଟିପିସିଓଡିଏଲର କଣ୍ଟିଲୋ କନିଷ୍ଠ ଯନ୍ତ୍ରୀଙ୍କ ମତାମତ ଚାହିଁବାରୁ ଉତ୍ତର ଆସିଥିଲା ଅପେରା ପାର୍ଟିକୁ ବିଦ୍ୟୁତ୍ ସଂଯୋଗ ଯୋଗୁ ଲାଇନ କଟାଯାଇଛି। ଏଠି ବଡ ପ୍ରଶ୍ନ ଉଠୁଛି ଯେ, ଅପେରା ପାର୍ଟିକୁ ଅପରାହ୍ନ ୫ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସଂଯୋଗ ନକରି ହଜାର ହଜାର ବ୍ୟବସାୟୀ, ପୁରୁଷ, ମହିଳା, ଝିଅ ବୋହୂ, ଛାତ୍ର ଛାତ୍ରୀ, ତଥା ବୃଦ୍ଧ ବୃଦ୍ଧା ମାନଙ୍କୁ ହଇରାଣ ଓ ହୀନସ୍ତା କରିବାର କ'ଣ ଉଦ୍ଦେଶ୍ୟ ? ବିଦ୍ୟୁତ୍ ଲାଇନ କାଟି ମେଳାରେ ଚୋରି ରାହାଜାନି ଆଦି କରିବା ପାଇଁ ସୁବିଧା ଓ ସୁଯୋଗ ଦେଉଥିବା ଅଭିଯୋଗ ହେଉଛି। କାଲି ଠାରୁ ମେଳା ଚାଲୁଥିବା ପର୍ଯ୍ୟନ୍ତ ଏମିତି ବିଦ୍ୟୁତ୍ ସରବରାହ ବନ୍ଦ୍ କରି ମେଳାରେ ସମସ୍ତଙ୍କୁ ହଇରାଣ ନ କରିବା ପାଇଁ ବିଦ୍ୟୁତ୍ ବିଭାଗର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ବିସ୍ମୃତ ତ୍ରିପାଠୀଙ୍କ ନିକଟରେ ବ୍ୟବସାୟୀ ଓ ସର୍ବସାଧାରଣ ଦାବି କରିଛନ୍ତି।

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ

**ସାଲେପୁର,୮।୨/ଏନ୍‌ଏନ୍‌ଏସ୍:** ସାଲେପୁର ଫୁଟବଲ କପ,ସାଲେପୁର ସ୍ପୋର୍ଟସ ଏକାଡେମୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ସାଲେପୁର ହାଇସ୍କୁଲ ପଡିଆରେ ଉଦଘାଟିତ ହୋଇଯାଇଛି ।ଜିଲ୍ଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ପ୍ରଥମ ଦିନରେ ମ୍ୟାଚରେ ସାଲେପୁର ଫେଣ୍ଡସ କ୍ଲବ ଓ ଡାଇମଣ୍ଡ ଫେଣ୍ଡସ କ୍ଲବ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଉଭୟ ଦଳ ମଧ୍ୟରେ ୧-୧ ଗୋଲ ହୋଇଥିଲା। ଶେଷରେ ଟାଇବେକର ଜରିଆରେ ଡାଇମଣ୍ଡ ଫେଣ୍ଡସ କ୍ଲବ ଖୋର୍ଦ୍ଧା ୨-୧ ଗୋଲରେ ସାଲେପୁର ଫେଣ୍ଡସ କ୍ଲବକୁ ହରାଇ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ଆଗାମୀ ଦିନରେ ବାହାର ରାଜ୍ୟର ଖେଳାଳି ଏଠାରେ କିପରି ଖେଳିବେ ସେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ସ୍ପୋର୍ଟସ ଏକାଡେମୀ ଉପଦେଷ୍ଟା ଓ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚକୁ ଅବଦୁଲ ମାଟିନ, ଜୀବନଜ୍ୟୋତି ନାୟକ, ପ୍ରୀତମ କୁମାର ଜେନା ପରିଚାଳନା କରିଥିବାବେଳେ ରସାନନ୍ଦ ସାମଲ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ ।ମ୍ୟାଚ ପରିଚାଳନାରେ ସାଲେପୁର ସ୍ପୋର୍ଟସ ଏକାଡେମୀ ସଭାପତି ପ୍ରଦୀପ୍ତ କର, ସମ୍ପାଦକ ରାଜେଶ ଭୂୟାଁ, ଉପସଭାପତି ସୁରେନ୍ଦ୍ର ବେହେରା, ମିହିର କୁମାର ଜେନା, ପରବେଶ ଅଲ୍ଲୀ, ଅଶୋକ କୁମାର ସେଠୀ, ସୟଦ ନବି, ରାଧାନାଥ ସାହୁ, ମଦନମୋହନ ଜେନା, ଗୋପବନ୍ଧୁ ଭୂୟାଁ, ବିଶ୍ୱଜିତ ଭୂୟାଁ, ଭାସ୍କର ସେଠୀଙ୍କ ସମେତସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଡେଲାଙ୍ଗରେ ତତ୍କାଳ ଟ୍ରେନ୍ ଟିକେଟ୍‌ର କଳାବଜାରୀ, ଯାତ୍ରୀ ହନ୍ତସନ୍ତ

**ଡେଲାଙ୍ଗ,୮।୨/ଏନ୍‌ଏନ୍‌ଏସ୍:** ରେଳଯାତ୍ରୀଙ୍କୁ ସଂରକ୍ଷିତ ଟିକେଟ ନମିଳିବା ତଥା ଆପାତକାଳୀନ ପରିସ୍ଥିତିରେ ଦୂରକୁ ଯାତ୍ରା କରିବା ନିମନ୍ତେ ରେଳ ବିଭାଗ ପକ୍ଷରୁ ତତ୍କାଳ ଟିକେଟ ବୁକିଂର ବ୍ୟବସ୍ଥା କରାଯାଇଛି। ସାଧାରଣ ସଂରକ୍ଷିତ ଟିକେଟ ଦର ଠାରୁ ତତ୍କାଳ ଟିକେଟର ଦର ଅଧିକ ରଖାଯାଇଥିବା ବେଳେ ଏହି ଟିକେଟ କାଟିବାକୁ ଲୋକେ ରାତିତମାମ ରେଳ ଷ୍ଟେସନରେ ଜଗି ରହୁଥିବା ଦେଖିବାକୁ ମିଳେ। ହେଲେ ଡେଲାଙ୍ଗରେ ତତ୍କାଳ ରେଳ ଟିକେଟ ବୁକିଂକୁ କେତେକ ଅସାମାଜିକ ନିଜ ବ୍ୟବସାୟ ରୂପେ ଆପଣେଇଥିବା ଦେଖିବାକୁ ମିଳୁଛି । ଜଟଣୀ, ସାକ୍ଷୀଗୋପାଳ, ନିରାକାରପୁର, କଣାସ, ଚନ୍ଦନପୁର ଆଦି ଦୂରଦୂରାନ୍ତର ଲୋକଙ୍କ ଠାରୁ ଅଧିକ ମୂଲ୍ୟ ନେଇ କେତେକ ଅସାମାଜିକ ପ୍ରତିଦିନ ଡେଲାଙ୍ଗ ରେଳ ଷ୍ଟେସନରେ ଏକାଧିକ ତତ୍କାଳ ଟିକେଟ ବୁକିଂ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ତେବେ ଏହି ତତ୍କାଳ ଟିକେଟ ବୁକିଂର କଳାବାଜାରୀରେ ରେଳ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ହେବାପରେ ରେଳବାଇ ପୁଲିସ ଯାତ୍ରୀମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ନମ୍ବର କରିବାରେ ସହଯୋଗ କରୁଥିବା ଦେଖିବାକୁ ମିଳୁଛି। ତଥାପି ଏହି କଳାବାଜାରୀ ଥମୁନଥିବାରୁ ସ୍ଥାନୀୟ ଅଞ୍ଚଳର ରେଳଯାତ୍ରୀ ଟିକେଟ ନପାଇ ସମସ୍ୟା ଭୋଗୁଛନ୍ତି । ମିଳିଥିବା ସୂଚନା ମୁତାବକ ଭୁବନେଶ୍ୱରରୁ ସିକନ୍ଦରାବାଦ ଯିବାପାଇଁ ସ୍ଥାନୀୟ ଅଂଚଳର ଗଣେଶ କୁମାର ସ୍ୱାଇଁ ନିଜ ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ତତ୍କାଳ ଟିକେଟ କାଟିବାକୁ ଡେଲାଙ୍ଗ ରେଳ ଷ୍ଟେସନକୁ ଆସିଥିଲେ। ଡେଲାଙ୍ଗ ରେଳ ଷ୍ଟେସନରେ ଟିକେଟ ବୁକିଂ କରୁଥିବା କର୍ମଚାରୀ ରାଜେନ୍ଦ୍ର କୁମାର ସାହୁ ସେମାନଙ୍କ ହାତରୁ ଫର୍ମ ନେଇ ପାଖରେ ରଖିବା ସହିତ ତାଙ୍କ ପଛରେ ଥିବା କେତେକ ଯୁବକଙ୍କ ଟିକେଟ ଆଗୁଆ କାଟିଥିଲେ। ଫଳରେ ରାତି ତମାମ ନିଜ ଫର୍ମକୁ ଜଗି ରହିଥିବା ଏକାଧିକ ଲୋକଙ୍କୁ ଟିକେଟ ମିଳିପାରିନଥିଲା। ଏନେଇ ଯାତ୍ରୀଙ୍କୁ ପଚାରିବାରୁ ରେଳ କର୍ମଚାରୀ ଶ୍ରୀ ସାହୁ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଆଗୁଆ ଟିକେଟ କାଟିନେଇଥିବା ଯୁବକମାନେ ପ୍ରତିଦିନ ଅନ୍ୟମାନଙ୍କର ଟିକେଟ କାଟି ଅଧିକ ଟଙ୍କାରେ ବିକ୍ରୟ କରି ବ୍ୟବସାୟ କରୁଥିବା ଜଣାପଡିବା ପରେ ସେମାନଙ୍କୁ ଅଟକାଇବାରୁ ଘଟଣାସ୍ଥଳରୁ ସେମାନେ ଚମ୍ପଟ ମାରିଥିଲେ।

ଶ୍ରୀ ସ୍ୱାଇଁ ଘଟଣାର ତଦନ୍ତ କରିବାକୁ ଡେଲାଙ୍ଗ ଷ୍ଟେସନ ମାଷ୍ଟରଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପାଇବାପରେ ଉପରୋକ୍ତ ଅଧିକାରୀଙ୍କୁ ଅବଗତ କରାଯାଇ ତଦନ୍ତ କରାଯିବ ବୋଲି ଷ୍ଟେସନ ମାଷ୍ଟର ରଶ୍ମିକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

## ଆଜିର ଇତିହାସ

- ୧୮୨୪-ବଙ୍ଗାଳୀ କବି ମାଇକେଲ୍ ମଧୁସୂଦନ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିଥିଲେ।
- ୧୯୩୧-କୌଣସି ବ୍ୟକ୍ତିର ସମ୍ମାନରେ ଚିତ୍ର ସମେତ ଡ଼ାକ ଟିକେଟ ଜାରି ହୋଇଥିଲା।
- ୧୯୫୧-ସ୍ୱତନ୍ତ୍ର ଭାରତରେ ଜନଗଣନା କରିବା ପାଇଁ ସୂଚୀ କାର୍ଯ୍ୟ ଆରମ୍ଭ ହୋଇଥିଲା।
- ୧୯୭୩-ବିଜୁ ପଟ୍ଟନାୟକ ବିଧାନସଭାରେ ବିପକ୍ଷ ନେତା ଭାବରେ ଚୟନିତ ହୋଇଥିଲେ।
- ୧୯୯୯-ନିର୍ଦ୍ଦେଶକ ଶେଖର କପୁରଙ୍କ ଫିଲ୍ମ 'ଏଲିଜାବେଥ୍' ଓସ୍କାର ପୁରସ୍କାର ପାଇଁ ନୋମିନେଟ୍ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – କିଛି ସମସ୍ୟାର ସମ୍ମୁଖୀନ ହେବେ। ପରିବାର ସହିତ ବୁଲିବାକୁ ଯାଇପାରନ୍ତି। ବିବାହ ଫାଇନାଲ୍ ହୋଇପାରେ। କରଜ ଶୁଝିବାକୁ ଚେଷ୍ଟା କରିବେ। ଆଖପାଖର ଲୋକଙ୍କ ପ୍ରତି ସାବଧାନ ରହିବେ।

**ବୃଷ** – ଦିନଟି ଉତ୍ତମ ଫଳଦାୟକ ହେବ। ନୂଆ ବାହନ ନେଇ ଆସିପାରନ୍ତି। କୌଣସି ବଡ଼ ଅର୍ଡର ମିଳିବା ଯୋଗୁ ଖୁସି ରହିବେ। ସହଯୋଗୀଙ୍କ ମନ କଥା କହିବେ। ସରକାରୀ ଚାକିରିଆଙ୍କୁ ପରିଶ୍ରମ କରିବାକୁ ପଡ଼ିବ।

**ମିଥୁନ** – ଆଜି କୌଣସି ବିଶେଷ କାମ କରିବେ। ମନ ପ୍ରସନ୍ନ ରହିବ। ପ୍ରତାପ ବୃଦ୍ଧି ହେବ। ଖୁସିର ଠିକଣା ରହିବ ନାହିଁ। ବ୍ୟାପାରୀମାନେ ନୂଆ କାମର ଆରମ୍ଭ କରିପାରନ୍ତି। ଭାଗୀଦାରୀ କାମରେ କ୍ଷତି ହୋଇପାରେ।

**କର୍କଟ** – ଚିନ୍ତା କରି କାମ କରନ୍ତୁ। ବାହନର ପ୍ରୟୋଗ ସାବଧାନ ହୋଇ କରିବେ। ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ବୁଡ଼ି ଯାଇଥିବା ଧନ ମିଳିବ। ମିତ୍ରର ସ୍ମୃତି ମନେ ପଡ଼ିପାରେ।

**ସିଂହ** – ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦିନଟି ଦୁର୍ବଳ। ନେଣଦେଣ ସାବଧାନ ହୋଇ କରିବେ। ବାହନ ଚଲେଇବା ସମୟରେ ସାବଧାନ ରହିବେ। ଗୃହସ୍ଥ ଜୀବନ ସୁଖମୟ ହେବ। ଅଟକିଥିବା କାମ ପୂରା ହେବ।

**କନ୍ୟା** – ଦିନଟି କ୍ଷତିକାରକ ହୋଇପାରେ। ବ୍ୟାପାରରେ ବଡ଼ କାମ ହାତରେ ଲାଗିବ। ଏକ ବଡ଼ ରିସ୍କ୍ ନେଇପାରନ୍ତି। ଭାଗୀଦାରୀ କାମ ଚିନ୍ତାରେ ପକାଇବ। ଆଖପାଖର ଲୋକଙ୍କ ଠାରୁ ସାବଧାନ ରହିବେ।

**ତୁଳା** – ବ୍ୟବସାୟରେ ଖୁସି ଖବର ମିଳିବ। ପୁରୁଣା ଡିଲ୍ ଆଜି ଫାଇନାଲ୍ ହେବ। ମନର ଇଚ୍ଛା ପୂରଣ ହୋଇପାରେ। ଘରେ ଭଜନ, କୀର୍ତ୍ତନ ଆଦିର ଆୟୋଜନ କରିବେ। ବୟସ୍କମାନଙ୍କ ଭାବନାକୁ ସମ୍ମାନ କରିବାକୁ ହେବ।

**ବିଛା** – ପରୋପକାର କାମରେ ନାମ କମେଇବେ। ବ୍ୟବସାୟରେ ପୂରା ଧ୍ୟାନ ଦେବେ। ବ୍ୟବହାରରେ ସଂଯମ ରଖନ୍ତୁ। ବୁଲିବା ସମୟରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରାପ୍ତ ହେବ।

**ଧନୁ** – କୌଣସି କାମରେ ଚିନ୍ତା କରି ନିବେଶ କରିବେ। କାହାଠାରୁ ମାଗି ବାହନ ଚଲେଇଲେ କ୍ଷତି ସହିବେ। ଅକସ୍ମାତ୍ ଧନ ଖର୍ଚ୍ଚ ବଢ଼ିବ। ବାଦବିବାଦ ଠାରୁ ଦୂରରେ ରହିବେ। ବାଣୀରେ ନିୟନ୍ତ୍ରଣ ରଖନ୍ତୁ।

**ମକର** – ଦିନଟିରେ ପ୍ରସନ୍ନ ରହିବେ। ଖୁସି ଖବର ପାଇପାରନ୍ତି। ଯୁବବର୍ଗଙ୍କୁ କୌଣସି ଭଲ ଅବସର ମିଳିପାରେ। ବ୍ୟବସାୟରେ ପରିବର୍ତ୍ତନ କରିବାର ଯୋଜନା କରିପାରନ୍ତି। ଦୁଃଖ ମନରେ କାମ ନକଲେ ଭଲ।

**କୁମ୍ଭ** – ଦିନଟି ସକାରାତ୍ମକ ପରିଣାମ ଦେବ। ନୂଆ କାମର ଆରମ୍ଭ କରିବେ। ବ୍ୟବସାୟରେ ବଡ଼ ପରିବର୍ତ୍ତନ କରିବାକୁ ଚାହିଁଲେ କାହାରି ପରାମର୍ଶ ନିଅନ୍ତୁ। ଉନ୍ନତିର ରାସ୍ତାରେ ଆଗକୁ ବଢ଼ିବେ। ଯୋଜନା ଫଳୀଭୂତ ହେବ।

**ମୀନ** – ଦିନଟି ସମସ୍ୟା ନେଇ ଆସିବ। ସନ୍ତାନ ପାଇଁ ଚିନ୍ତା ରହିବ। ମନ ଆଜି ଅସ୍ଥିର ରହିବ। ଭାଗୀଦାରୀ କାମରୁ ଦୂରରେ ରୁହନ୍ତୁ। ନହେଲେ ଧୋକା ପାଇବେ। ପରିବାରର ସମସ୍ୟା ପୁଣି ଥରେ ଆରମ୍ଭ ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ସମଦୁଃଖସୁଖ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ।
ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ। (୧୪/୨୪)
ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ।
ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ। (୧୪/୨୫)

ଯାହାଙ୍କର ସୁଖ ଓ ଦୁଃଖ ସମାନ, ଯିଏ ସ୍ୱରୂପାବସ୍ଥାରେ ଅବସ୍ଥିତ ଅର୍ଥାତ ସବୁବେଳେ ପ୍ରସନ୍ନ ରୁହନ୍ତି, ମାଟି ପଥର ସୁନା ଯାହାଙ୍କ ନିକଟରେ ସମାନ, ନିଜ ନିନ୍ଦା ଓ ପ୍ରଶଂସାରେ ଯାହାଙ୍କର ସମାନ ଜ୍ଞାନ, ସେଇ ସହନଶୀଳ ମନୁଷ୍ୟ ହିଁ ଗୁଣତୀତ।

ସମ୍ମାନ ଓ ଅପମାନରେ ଯାହାଙ୍କର ସମାନ ଜ୍ଞାନ, ମିତ୍ରପକ୍ଷ ଓ ଶତ୍ରୁପକ୍ଷ ଉଭୟରେ ଯାହାଙ୍କର ସମାନ ବୁଦ୍ଧି, ଫଳରେ ଆଶା ରଖି ଯିଏ କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ, ଏପରି ଲୋକ ଗୁଣତୀତ ବୋଲି ବିବେଚିତ ହୁଅନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - ଟଙ୍କା ଓ ମାଟି ଟେଳାଟିରେ ଯାହାର ସମାନ ଜ୍ଞାନ ରହିଛି ସେ ହିଁ ପ୍ରକୃତରେ ସିଦ୍ଧ ଯୋଗୀ।

# ବୈଜ୍ଞାନିକ ବୀରଭଦ୍ରନ୍



ଭାରତୀୟ ମୂଳର ଜଳବାୟୁ ବୈଜ୍ଞାନିକ ବୀରଭଦ୍ରନ୍ ରାମନାଥନ୍ ଜିଓଲୋଜିରେ ନୋବେଲ୍ ପୁରସ୍କାର ପ୍ରାପ୍ତ କରିଛନ୍ତି। ଭାରତର ମାଟିରେ ଜନ୍ମ ହୋଇ ବଡ଼ ହୋଇଥିବା ରାମନାଥନ୍ ବୈଶ୍ୱିକ ସ୍ତରରେ ଦେଶକୁ ଗୌରବାନ୍ୱିତ କରିଛନ୍ତି। ବର୍ଷ ୨୦୨୬ର କ୍ରାଫୋର୍ଡ ପୁରସ୍କାର ପାଇଁ ତାଙ୍କୁ ଚୟନିତ ମଧ୍ୟ କରାଯାଇଛି। ରୟାଲ୍ ସ୍ୱୀଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ସମ୍ମାନକୁ ଭୂ-ବିଜ୍ଞାନର ନୋବେଲ୍ ପୁରସ୍କାର ବୋଲି କୁହାଯାଏ। ତାଙ୍କର ଥିଓରି ବୈଶ୍ୱିକ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆମର ବୁଝାମଣାକୁ ସମ୍ପୂର୍ଣ୍ଣ ଭାବରେ ବଦଳେଇ ଦେଇଛି। ୮୨ ବର୍ଷୀୟ ରାମନାଥନ୍‌ଙ୍କ ସବୁଠାରୁ ଐତିହାସିକ ଅନ୍ୱେଷଣ ଥିଲା ୧୯୭୫ରେ ଯେତେବେଳେ ସେ ଆମେରିକା ଅନ୍ତରୀକ୍ଷ ଏଜେନ୍ସି ନାସାରେ କାମ କରୁଥିଲେ। ସେ ଦୁନିଆକୁ ଜଣାଇଥିଲେ ଯେ କେବଳ କାର୍ବନ୍ ଡାଇଅକ୍ସାଇଡ୍ ହିଁ ପୃଥିବୀକୁ ଗରମ କରୁନାହିଁ। କ୍ଲୋରୋଫ୍ଲୋରୋକାର୍ବନ୍ସ ବି ଏଥିପାଇଁ ଦାୟୀ ହୋଇଥାଏ। ସେ ସମୟରେ ଏରୋସୋଲ୍ ଓ ଫ୍ରିଜ ପାଇଁ ଏହାର ବ୍ୟବହାର କରାଯାଉଥିଲା। ଏହି ଗ୍ରୀନ୍‌ହାଉସ୍ ଗ୍ୟାସ୍ କାର୍ବନ ଡାଇଅକ୍ସାଇଡ୍ ତୁଳନାରେ ଦଶ ହଜାର ଗୁଣ ଅଧିକ ପ୍ରଭାବୀ ଅଟେ। ଏ ସମ୍ପର୍କରେ ବୀରଭଦ୍ରନ୍ କହନ୍ତି ଯେ ୧୯୭୫ ପର୍ଯ୍ୟନ୍ତ ଆମକୁ ଲାଗୁଥିଲା ଯେ ବୈଶ୍ୱିକ ତାପାୟନ ମୁଖ୍ୟ ଭାବରେ କାର୍ବନ ଡାଇଅକ୍ସାଇଡ୍ କାରଣରୁ ହେଉଛି ବୋଲି। କିନ୍ତୁ ପର୍ଯ୍ୟାବରଣରେ ପରିବର୍ତ୍ତନର ଟେକ୍‌ନିକ୍ ଓ ମଣିଷର କ୍ଷମତାକୁ ଦେଖିବା ପରେ ସେ ସ୍ତବ୍ଧ ହୋଇଯାଇଥିଲେ।

କ୍ୟାରିୟର୍-ତାଙ୍କର ପ୍ରାରମ୍ଭିକ କ୍ୟାରିୟର୍‌ର ଯାତ୍ରା ସିକନ୍ଦରାବାଦର ଏକ ଫ୍ରିଜ ଫ୍ୟାକ୍ଟ୍ରିରୁ ଜଣେ ଇଞ୍ଜିନିୟର୍ ଭାବରେ ସେ ଆରମ୍ଭ କରିଥିଲେ। ସେ ପ୍ରଥମ ଥର କ୍ଲୋରୋଫ୍ଲୋରୋ କାର୍ବନ୍ (ସିଏଫ୍‌ସି) ଗ୍ୟାସ୍‌କୁ ହ୍ୟାଣ୍ଡେଲ୍ କରିଥିଲେ। ପରେ ସେ ଆନ୍ନାମଲାଇ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଜ୍ଞାନ ସଂସ୍ଥାରୁ ଡିଗ୍ରୀ ହାସଲ କରିଥିଲେ। ଭାରତୀୟ ମୂଳର ହୋଇଥିବା କାରଣରୁ ତାଙ୍କ କାମଗୁଡ଼ିକ ତାଙ୍କୁ ଇଣ୍ଡିଆନ୍ ଓସିନ୍ ଏକ୍ସପେରିମେଣ୍ଟ ଆଡ଼କୁ ପ୍ରେରିତ କରିଥିଲା। ଏହି ଅଧ୍ୟୟନ ଜରିଆରେ ସେ ଦକ୍ଷିଣ ଏସିଆ ଉପରେ ବାୟୁମଣ୍ଡଳୀୟ ବ୍ରାଉନ୍ କ୍ଲାଉଡ୍‌ସର ଚିହ୍ନଟ କରିଥିଲେ। ରାମନାଥନ୍ ପ୍ରମାଣିତ କରିଥିଲେ ଯେ ଭାରତୀୟ ମନ୍‌ସୁନ ଦୁର୍ବଳ ହେଉଛି ଓ ହିମାଳୟର ଗ୍ଲାସିଅର ଦ୍ରୁତଗତିରେ ତରଳୁଛି। ତେବେ କ୍ରାଫୋର୍ଡ ପୁରସ୍କାର ଅନ୍ତର୍ଗତ ତାଙ୍କୁ ଆଠ ମିଲିଅନ ସ୍ୱୀଡିଶ କ୍ରୋନୋର୍ (ଭାରତୀୟ ମୁଦ୍ରାରେ ୭.୫ କୋଟି) ନଗଦ ରାଶି ଓ ଏକ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ।



# ଅମିତଙ୍କ ଆଗାମୀ ରୋମାଣ୍ଟିକ୍ ଫିଲ୍ମ

ଅଭିନେତା ସାହିଦ କପୁର ଓ ରଶ୍ମିକା ମନ୍ଦାନା ନିକଟରେ ଶେଷ କରିଛନ୍ତି 'କକ୍‌ଟେଲ୍ -୨'ର ସୁଟିଂ। ଅନେକ ଦିନ ହେବ ଫିଲ୍ମଟି ଚର୍ଚ୍ଚାରେ ରହିଛି। ଖବର ଅନୁସାରେ ଏହି ଫିଲ୍ମ ପରେ ଏହି ଯୋଡ଼ି ଅମିତ ଶର୍ମାଙ୍କର ଆଗାମୀ ରୋମାଣ୍ଟିକ୍ କମେଡିରେ ଏକା ସହିତ ନଜର ଆସିବେ। ଫିଲ୍ମର ସୁଟିଂ କେବେ ଆରମ୍ଭ ହେବ ଏହାର ଅପ୍‌ଡେଟ୍ ଆସିଛି। ଫିଲ୍ମର ଶୀର୍ଷକ ବିଷୟରେ ସ୍ଥିର ହୋଇନାହିଁ କିନ୍ତୁ ଏହା ଏକ ରୋମାଣ୍ଟିକ୍-କମେଡି ଯାହାକୁ ଜିଓ ଷ୍ଟୁଡିଓଜ୍ ସହିତ ମିଶି ଦି ଭର୍ମିଲିୟନ୍ ୱାର୍ଲଡ ବ୍ୟାନର୍ ଅନ୍ତର୍ଗତ ସୁନୀଲ୍ ଖେତରପାଲ୍ ପ୍ରଡ୍ୟୁସ୍ କରିବେ। ଏହି ଫିଲ୍ମର ସୁଟିଂ ଆରମ୍ଭ ହେବ ଅଗଷ୍ଟ-ସେପ୍ଟେମ୍ବର ମାସରେ। ତେବେ ୱର୍କଫ୍ରଣ୍ଟ ଦୃଷ୍ଟିରୁ ସାହିଦ୍ ଏ ସମୟରେ ତାଙ୍କର ଆଗାମୀ ଫିଲ୍ମ 'ଓ ରୋମିଓ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ସେହିପରି ରଶ୍ମିକା ମନ୍ଦାନା ଫିଲ୍ମ 'ରାଣାବାଳୀ'ର ପ୍ରସ୍ତୁତିରେ ଲାଗିଛନ୍ତି ଯେଉଁଥିରେ ତାଙ୍କ ସହିତ ନଜର ଆସିବେ ବିଜୟ ଦେବରକୋଣ୍ଡା। ଫିଲ୍ମ 'କକ୍‌ଟେଲ୍-୨'ର ନିର୍ଦ୍ଦେଶନା ଦେଇଛନ୍ତି ହୋମୀ ଅଦଜାନିୟା। ଏହି ଫିଲ୍ମରେ କ୍ରିତି ସାନନ ମଧ୍ୟ ନଜର ଆସିବେ। ତେବେ ଫିଲ୍ମଟି ସେପ୍ଟେମ୍ବର ମାସରେ ରିଲିଜ ହୋଇପାରେ କିନ୍ତୁ ନିର୍ମାତାମାନେ କୌଣସି ଅଫିସିଆଲି ଘୋଷଣା କରିନାହାନ୍ତି। ୨୦୧୨ର ସୁପରହିଟ୍ ରୋମାଣ୍ଟିକ୍ କମେଡି 'କକ୍‌ଟେଲ୍'ର ଏହି ସିକ୍ୱେଲ୍ ଏବେ ନୂଆ ଜୋଶ୍ ସହିତ ପ୍ରସ୍ତୁତ ହେଉଛି। ଏହି ତ୍ରି-କୋଣୀୟ ପ୍ରେମ କାହାଣୀରେ ସାହିଦ କପୁର୍ ଏକ ଫ୍ରି-ସ୍ପିରିଟେଡ୍ ଯୁବକ ଭୂମିକାରେ ନଜର ଆସିବେ। ଏହାର ସହ-କଳାକାରମାନେ ହେଲେ ଅର୍ଜୁନ ରାମପାଲ୍, ଡିମ୍ପଲ୍ କାପାଡିଆ ଓ ରୋହିତ ଶରାଫ୍। ଦୋସ୍ତି, ପ୍ରେମ ଓ ଭୁଲ୍ ବୁଝାମଣାର ବିଷୟବସ୍ତୁକୁ ନେଇ ଏହି ଫିଲ୍ମର ନିର୍ମାଣ କରାଯାଇଛି।



# ସନ୍ତୁଳିତ ବାତ ଦୋଷ

**ଆୟୁର୍ବେଦ ଅନୁସାରେ ଶରୀରରେ ବାତ, ପିତ୍ତ ଓ କଫ- ଏହି ତିନି ଦୋଷ ସନ୍ତୁଳନରେ ରହିଲେ ମଣିଷ ଶାରୀରିକ, ମାନସିକ ଓ ଭାବନାତ୍ମକ ଭାବରେ ସୁସ୍ଥ ରହିଥାଏ। ଏଥିମଧ୍ୟରୁ ବାତ ଦୋଷକୁ ଉର୍ଜା ଓ ଗତିର ଆଧାର ଭାବରେ ନିଆଯାଏ ଯାହା ବାୟୁ ଓ ଆକାଶ ତତ୍ତ୍ୱ ସହିତ ଜଡ଼ିତ ଥାଏ। ଯେତେବେଳେ ବାତ ଅସନ୍ତୁଳିତ ହୋଇଥାଏ ଏହାର ପ୍ରଭାବ ନିଃଶ୍ୱାସ, ରକ୍ତ ସଂଚାର, ହୃଦୟ ଗତି, ସ୍କିନ୍, କେଶ ଓ ତନ୍ତ୍ରିକା ତନ୍ତ୍ର ଉପରେ ପଡ଼ିଥାଏ। ଆୟୁର୍ବେଦରେ ବାତ ଦୋଷକୁ ସନ୍ତୁଳିତ କରିବା ପାଇଁ ଅନେକ ସରଳ ଉପାୟ କୁହାଯାଇଛି।**



★ ପ୍ରଥମ ଉପାୟ ସ୍ନେହପାନ ଅର୍ଥାତ ତେଲର ସେବନ। ବିଶେଷ କରି ରାଶି ତେଲ ବାତ ଦୋଷକୁ ଶାନ୍ତ କରିବାରେ ଲାଭକାରୀ ପ୍ରମାଣିତ ହୋଇଛି। ଏହା ଗରମ ତେଲ ହୋଇଥିବାରୁ ଶରୀରରେ ବୃଦ୍ଧି ପାଉଥିବା ବାୟୁ ଦୋଷକୁ ସନ୍ତୁଳିତ କରିଥାଏ। ଏହାକୁ ଭୋଜନରେ ମିଶାଇ ବା ସୀମିତ ମାତ୍ରାରେ ନିୟମିତ ଭାବରେ ସେବନ କରିପାରିବେ।

★ ଅଭ୍ୟଙ୍ଗ ଅର୍ଥାତ ତେଲ ଦ୍ୱାରା ମାଲିସ୍। ବାତ ଦୋଷର ସମ୍ବନ୍ଧ ଶୁଷ୍କପଣ ସହିତ ରହିଛି ଯେଉଁ କାରଣରୁ ସ୍କିନ୍ ଓ କେଶ ଶୁଷ୍କ ହୋଇଯାଏ। ପ୍ରତିଦିନ ବା ସପ୍ତାହରେ କେତେ ଥର ତେଲ ଦ୍ୱାରା ମାଲିସ୍ କରିବା ଦ୍ୱାରା ଶରୀରକୁ ପୋଷଣ ମିଳିଥାଏ ଓ ତନ୍ତ୍ରିକା ତନ୍ତ୍ର ମଧ୍ୟ ସକ୍ରିୟ ହୋଇ ରହେ। ପୂରା ଶରୀରରେ ତେଲ ମାଲିସ୍ କରିବା ଯଦି ସମ୍ଭବପର ହେଉନାହିଁ ତେବେ ମୁଣ୍ଡ, ପାଦ ଓ କାନ ପଛରେ ତେଲ ଲଗେଇଲେ ଲାଭ ପାଇବେ।

★ ସ୍ୱେଦନ ଅର୍ଥାତ ଶରୀରରୁ ଝାଳ ବାହାର କରିବା। ଯୋଗ, ବ୍ୟାୟାମ ବା ହାଲୁକା ଗରମ ପ୍ରକ୍ରିୟା ଦ୍ୱାରା ଯେତେବେଳେ ଶରୀରରୁ ଝାଳ ବାହାରେ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଯାଏ ଓ ଉର୍ଜାର ପ୍ରବାହ ଖୁବ୍ ଭଲ ରହେ ଯେଉଁଥିରେ ବାତ ଦୋଷ ସନ୍ତୁଳିତ ହୋଇ ରହେ।

★ ଏହା ସହିତ ସନ୍ତୁଳିତ ଆହାର ଖାଇବା ସହିତ ବେଷ୍ଟନ ବା ଗରମ ପଟି ବାନ୍ଧିବା ଜରୁରୀ। ବାତ ଦୋଷ ବୃଦ୍ଧି ପାଇଲେ ଜଏଣ୍ଟ ଓ ହାଡ଼ଗୁଡ଼ିକରେ ବ୍ୟଥା ହେବାକୁ ଲାଗେ। ଏପରି ସ୍ଥଳେ ବ୍ୟଥା ହେଉଥିବା ଭାଗଗୁଡ଼ିକରେ ଗରମ ପଟି ଲଗେଇଲେ କଷ୍ଟରୁ ମୁକ୍ତି ମିଳିବ।

# ଚକୋଲେଟ୍ ଦିବସ

*ଭାଲେଣ୍ଟାଇନ୍ ସପ୍ତାହ ଆରମ୍ଭ ହୋଇସାରିଛି ଯାହା ଶେଷ ହେବ ଭାଲେଣ୍ଟାଇନ୍ ଦିବସରେ। ଆଜି ସମ୍ପର୍କରେ ମିଠାପଣ ଓ ଭଲପାଇବା ବ୍ୟକ୍ତ କରିବାର ଦିନ। କାରଣ ଭାଲେଣ୍ଟାଇନ୍ ସପ୍ତାହର ତୃତୀୟ ଦିନଟି ହେଉଛି ଚକୋଲେଟ୍ ଦିବସ। ଏହି ସପ୍ତାହଟି ରୋମାନ୍ସରେ ଭରି ରହିଥାଏ। ଗୋଲାପ ଦିବସ ଓ ପ୍ରପୋଜ୍ ଡେ' ପାଳନ କରିବା ପରେ ଚକୋଲେଟ୍‌ର ମିଠା ନିଜ ପାର୍ଟନରଙ୍କୁ ଦେଇ ପରସ୍ପରକୁ ଭଲ ଭାବରେ ବୁଝି ଅଧିକରୁ ଅଧିକ ସମୟ ଅତିବାହିତ କରିବାର ସୁଯୋଗ ଦେଇଥାଏ। ତେବେ 'ଚକୋଲେଟ୍' ଶବ୍ଦ ସମ୍ପର୍କରେ ବହୁତ ତଥ୍ୟ ରହିଛି। କିଛି ଏହାକୁ ସ୍ପାନିଶ୍ ଭାଷାର ଶବ୍ଦ କହନ୍ତି ତ ଆଉ କିଛି ଲୋକ ଏହାକୁ ମାୟା ଓ ଏଜ୍‌ଟେକ୍ ସଭ୍ୟତାରୁ ସୃଷ୍ଟି ହୋଇଛି ବୋଲି କହନ୍ତି। ଏହାର ସମ୍ବନ୍ଧ ମଧ୍ୟ ଆମେରିକା ସହିତ ଥିବା କଥା କୁହାଯାଏ। ଅନେକଗୁଡ଼ିଏ ଅଧ୍ୟୟନ ଅନୁସାରେ ଚକୋଲେଟ୍ ଖାଇବା ଦ୍ୱାରା ଲଭ୍ ଲାଇଫ୍ ଆହୁରି ମଜଭୁତ ହୁଏ। କାରଣ ଚକୋଲେଟ୍‌ରେ ଥାଏ ଥିୟୋବ୍ରୋମାଇନ୍ ଓ କ୍ୟାଫିନ୍ ପରି ତତ୍ତ୍ୱ। ଏହାକୁ ଖାଇବା ଦ୍ୱାରା ଏଣ୍ଡୋର୍ଫିନ୍ ରିଲିଜ ହୁଏ ଯାହାଦ୍ୱାରା ଆରାମ ଅନୁଭବ ହୁଏ। ତେବେ ଚକୋଲେଟ୍ ଦିବସ ପାଳନ କରିବା ସହିତ ଚକୋଲେଟ୍‌ର ଲାଭ ବିଷୟରେ ଜାଣିବା ଉଚିତ।*



★ ଚକୋଲେଟ୍‌ରେ ଥାଏ ଫ୍ଲାଭୋନଲ୍ ଯାହା ବୃଦ୍ଧି ପାଉଥିବା ବୟସର ଲକ୍ଷଣଗୁଡ଼ିକୁ କମ୍ କରାଏ। ଚକୋଲେଟ୍ ଫେସିଆଲ୍, ୱ୍ୟାକ୍ସିଙ୍ଗ୍, ଫେସ୍ ପ୍ୟାକ୍ ଓ ଚକୋଲେଟ୍ ବାଥ୍ ଆଦି କରି ବୟସର ଲକ୍ଷଣକୁ କମ୍ କରାଇ ସ୍କିନ୍‌ର ଚମକକୁ ଫେରି ପାଇବେ।

★ ଏକ ଅଧ୍ୟୟନ ଅନୁସାରେ ଚକୋଲେଟ୍‌କୁ ସଠିକ୍ ଭାବରେ ଖାଇଲେ ଓଜନ ହ୍ରାସ କରାଇବାରେ ସହଜ ହୁଏ।

★ ଅକ୍ସିଡେଟିଭ୍ ଚାପ ବୃଦ୍ଧି କରଉଥିବା ହର୍ମୋନକୁ ନିୟନ୍ତ୍ରିତ କରି ଅବସାଦକୁ ଦୂର କରାଇବାରେ ଚକୋଲେଟ୍ ପ୍ରଭାବଶାଳୀ ପ୍ରମାଣିତ ହୋଇଛି।

★ କିଛି ଲୋକ ଚକୋଲେଟ୍‌କୁ ମିଠା ଖାଦ୍ୟ ଭାବରେ ଖାଆନ୍ତି। କିନ୍ତୁ ଏହାର ଗଭୀର ସମ୍ବନ୍ଧ ରହିଛି ରୋମାନ୍ସ ସହିତ। ପିଇଏ ନାମକ ଏକ ରସାୟନ ଅଛି ଯାହା ମସ୍ତିଷ୍କରେ ଭଲପାଇବାର ଅନୁଭବକୁ ଜାଗ୍ରତ କରାଇଥାଏ। ଏହାକୁ ଖାଇଲେ ଡୋପାମାଇନ୍ ଓ ସେରୋଟୋନିନ୍ ନାମକ ହର୍ମୋନ୍ ରିଲିଜ ହୁଏ ଓ ଫିଲ୍ ଗୁଡ୍ ଫ୍ୟାକ୍ଟରର ଅନୁଭବ ହୋଇଥାଏ।

# ଗାନ୍ଧିବାଦୀ ବାବା ଆମ୍‌ଟେ

୨୪ ଡିସେମ୍ବର, ୧୯୧୪ରେ ୱାର୍ଦ୍ଧା, ମହାରାଷ୍ଟ୍ରରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ବାବା ଆମ୍‌ଟେ। ଦୀନ-ଦୁଃଖୀଙ୍କର ସେବା କରି ସେ ବାବା ନାମକୁ ସାର୍ଥକ କରିଥିଲେ ବୋଲି କୁହାଯାଏ।



ଏକ ବିଚିତ୍ର ପରିସ୍ଥିତି ମଧ୍ୟରେ ବାବା ଆମ୍‌ଟେଙ୍କ ବିବାହ ଜଣେ ସେବାଧର୍ମୀ ଯୁବତୀଙ୍କ ସହିତ ହୋଇଥିଲା। ସେ ତାଙ୍କର ସାର୍ବଜନିକ ଜୀବନ ଜଣେ ଓକିଲ ଭାବରେ ଆରମ୍ଭ କରିଥିଲେ। ଏ ପେସାରେ ସେ ସଫଳତା ପ୍ରାପ୍ତ କରିଥିଲେ ମଧ୍ୟ ଗାନ୍ଧିଜୀଙ୍କ ଭାରତ ଛାଡ଼ ଆନ୍ଦୋଳନ ତାଙ୍କ ଜୀବନର ଗତିପଥକୁ ବଦଳେଇ ଦେଇଥିଲା। ଆମ ଦେଶରେ ମହାତ୍ମା ଗାନ୍ଧୀ, ବିନୋବା ଭାବେ, ମଦର ଟେରେସାଙ୍କ ପରି ବାବା ଆମ୍‌ଟେ ମଧ୍ୟ ଜୀବଙ୍କ ମଧ୍ୟରେ ଅବସ୍ଥାନ କରୁଥିବା ନାରାୟଣ ସେବାକୁ ନିଜ ଆଚରଣରେ ସମାହିତ କରି ଖ୍ୟାତି ପ୍ରାପ୍ତ କରିଥିଲେ। ଏକ ସମ୍ପନ୍ନ ପରିବାରରୁ ଆସିଥିବା ବାବା ଆମ୍‌ଟେ ଜୀବନର ସବୁ ସୁଖ ଛାଡ଼ି ଗରିବ, ଦୁଃଖୀ ଓ କୃଷ୍ଠ ରୋଗୀଙ୍କର ଜୀବନକୁ ସୁଧାରିବାକୁ ଚେଷ୍ଟା କରିଥିଲେ। ଏହିପରି ଉଚ୍ଚ କାର୍ଯ୍ୟ ପାଇଁ ତାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରିଥିଲେ ସାଧାରଣ ଜନତା। ଏହା ସହିତ ତାଙ୍କ ମାର୍ଗରେ ପରିଚାଳିତ ହେବାକୁ ଶିକ୍ଷା ଦେଉଥିଲେ ବାବା ଆମ୍‌ଟେ। ୧୯୪୨ରେ ନିଜେ ଜେଲ୍ ଯାଇ ଅନେକ ଗିରଫ ହୋଇଥିବା ନେତାଙ୍କ କେସ୍ ଲଢ଼ିବା ପାଇଁ ସେ ଓକିଲଙ୍କୁ ସଂଗଠିତ କରିଥିବାର ଜଣାଯାଏ। ତେବେ ବରୋଦାରେ ଜଣେ କୃଷ୍ଠ ରୋଗୀଙ୍କୁ ଦେଖିବା ପରେ ତାଙ୍କ ଜୀବନ ଧାରାରେ ପରିବର୍ତ୍ତନ ଆସିଥିଲା। ପରେ କୃଷ୍ଠ ରୋଗୀଙ୍କ ପାଇଁ 'ଆନନ୍ଦ ବନ' ନାମକ ଏକ ଆଶ୍ରମର ସ୍ଥାପନା କରିଥିଲେ। ଏହା ବ୍ୟତୀତ ସୋମନାଥ, ଅଶୋକବନ ଆଦି ସେବା ସଂସ୍ଥାର ସ୍ଥାପନା ମଧ୍ୟ ବାବା ଆମ୍‌ଟେ କରିଥିଲେ। ରାଷ୍ଟ୍ରୀୟ ଏକତାକୁ ବୃଦ୍ଧି କରିବା ପାଇଁ ୧୯୮୫ରେ କାଶ୍ମୀରଠାରୁ କନ୍ୟାକୁମାରୀ ଓ ୧୯୮୮ରେ ଆସାମଠାରୁ ଗୁଜରାଟ ପର୍ଯ୍ୟନ୍ତ ଦୁଇ ଥର ଭାରତ ଯୋଡ଼ ଆନ୍ଦୋଳନ ସେ ଚଳାଇଥିଲେ। ଏହିସବୁ କାର୍ଯ୍ୟ ପାଇଁ ତାଙ୍କୁ ପଦ୍ମଶ୍ରୀ, ରାଷ୍ଟ୍ରୀୟ ଭୂଷଣ, ପଦ୍ମ ବିଭୂଷଣ ଓ ମାଗାସେସେ ପୁରସ୍କାରରେ ସମ୍ମାନିତ କରାଯାଇଛି। ୨୦୦୮ ମସିହା ଆଜିର ଦିନରେ ବାବା ଆମ୍‌ଟେଙ୍କର ନିଧନ ହୋଇଥିଲା।

# ଏପିଲେପ୍ସି ଦିବସ

**ଅନ୍ତର୍ଜାତୀୟ ସ୍ତରରେ ଏପିଲେପ୍ସି ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ଆଜି ଏକ ବିଶେଷ ଦିନ। ପ୍ରତିବର୍ଷ ଫେବୃଆରୀ ମାସର ଦ୍ୱିତୀୟ ସୋମବାର ଦିନ ପାଳନ କରାଯାଉଥିବା ଏହି ଦିବସରେ ପୂରା ଦୁନିଆର ଲୋକମାନେ ଏପିଲେପ୍ସି ସମ୍ପର୍କରେ ଜାଣନ୍ତି। ଏହା ଆଟାକ୍ ହେବା ପରି ଏକ ସ୍ଥିତି। ଏହି ଦିବସ ସମ୍ପର୍କରେ ସଚେତନତା ସୃଷ୍ଟି କରାଇବା, ସାମାଜିକ କଳଙ୍କକୁ କମ୍ କରାଇବା, ଏହାର ନିଦାନ, ଉପଚାର ଓ ସାମାଜିକ ସମାବେଶନ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଏହି ଦିବସ ଏକ ଅବସର ପ୍ରଦାନ କରିଥାଏ।**




## ଏପିଲେପ୍ସିର ସାମାନ୍ୟ ପ୍ରକାର

★ ଫୋକାଲ୍ ଆଟାକ୍ ମସ୍ତିଷ୍କର ଗୋଟିଏ ପାର୍ଶ୍ୱର ଏକ ବିଶିଷ୍ଟ କ୍ଷେତ୍ରରେ ଆରମ୍ଭ ହୁଏ। ପ୍ରଭାବିତ କ୍ଷେତ୍ରର ଆଧାର ଉପରେ ଲକ୍ଷଣର ଭିନ୍ନତା ଥାଇପାରେ। ଏଥିରେ ଅସାମାନ୍ୟ ସମ୍ବେଦନା, ଅନୈଚ୍ଛିକ ଗତିବିଧି, ଭାବନାରେ ପରିବର୍ତ୍ତନ ବା ଅଳ୍ପ ସମୟ ପାଇଁ ଚେତନା ଲୁପ୍ତ ହେବା ଆଦି କାରଣ ସାମିଲ ଅଛି। କିଛି ଲୋକ ଏହି ପ୍ରକାରର ଆଟାକ୍ ସମୟରେ ସଚେତ ଥାଆନ୍ତି।

★ ସାମାନ୍ୟ ଆଟାକ୍‌ର ପ୍ରାରମ୍ଭରେ ହିଁ ମସ୍ତିଷ୍କର ଦୁଇ ଭାଗ ପ୍ରଭାବିତ ହୋଇଥାଏ। ଏଥିରେ ପ୍ରାୟତଃ ବେହୋସୀ ଓ ଅଧିକ ସ୍ପଷ୍ଟ ଶାରୀରିକ ଲକ୍ଷଣଗୁଡ଼ିକ ଦେଖିବାକୁ ମିଳେ ଯଥା- ମାଂସପେଶୀ ଟାଇଟ୍ ହୋଇଯିବା, ଝଟ୍‌କା ଲାଗିବା, ତଟସ୍ଥ ହୋଇ ଦେଖିବା ବା ମାଂସପେଶୀଗୁଡ଼ିକର ଗତି ହ୍ରାସ ପାଇବା। ଏହି ପ୍ରକାରର ଆଟାକ୍ ସମ୍ପୂର୍ଣ୍ଣ ଶରୀରକୁ ପ୍ରଭାବିତ କରିଥାଏ ଓ ଉଚିତ ଉପଚାର ବିନା ଦୈନନ୍ଦିନ ଗତିବିଧିଗୁଡ଼ିକ ଉପରେ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ।

**ମହିଳାଙ୍କ ମୃତଦେହ ଉଦ୍ଧାର**

## ହତ୍ୟା ପରେ ଅଖାରେ ଭର୍ତ୍ତିକରି ଫିଙ୍ଗିଦେଲେ



**ବୈଶିଙ୍ଗା,୮।୨/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ତୁଳସୀଚଉରା ଉପକଣ୍ଠ ପୁରୁଣାପାଣି କେନାଲ୍ ରାସ୍ତାପାର୍ଶ୍ୱରେ ଥିବା ଏକ ଗଭୀର ପୋଖରୀରୁ ବିଭତ୍ସ ଭାବେ ହତ୍ୟା କରାଯାଇ ଅଖାରେ ପୁରାଇ ଫିଙ୍ଗି ଦିଆଯାଇଥିବା ଜଣେ‌କା ଅପରିଚିତା ମହିଳାଙ୍କ କ୍ଷତାକ୍ତ ମୃତଦେହ ବେତନଟୀ ପୁଲିସ୍ ଜବତ କରିଛି। ପ୍ରାପ୍ତ ସୂଚନା ମୁତାବକ ପୋଖରୀ ଭିତରେ ଏକ ଅଖା ଭାସୁଥିବାର ଦେଖି ଶୌଚ ହେବାକୁ ଯାଇଥିବା କିଛି ଲୋକ ସେହି ଅଖାକୁ କୂଳକୁ ଟାଣି ଆଣିଥିଲେ। ଖୋଲିବା ପରେ ସେଥିରେ କ୍ଷତାକ୍ତ ମୃତଦେହ ଦେଖି ତୁରନ୍ତ ବେତନଟୀ ପୁଲିସ୍‌କୁ ଖବର ଦେଇଥିଲେ। ଖବରପାଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ ବାହିନୀ ସହାୟତାରେ ପାଣି ଭିତରୁ ମୃତଦେହକୁ ବାହାର କରିଥିଲେ। ମୃତ ମହିଳାଙ୍କ ବୟସ ୫୫ରୁ ୬୦ ମଧ୍ୟରେ ହେବ ବୋଲି ପୁଲିସ୍ ଅନୁମାନ କରୁଥିବାବେଳେ ମହିଳାଙ୍କ ଗଳା ଏବଂ ଛାତିକୁ ଏକ ଧାରୁଆ ଅସ୍ତ୍ରରେ ବାରମ୍ବାର ହାଣି ବିଭତ୍ସ ଭାବେ ହତ୍ୟା କରାଯାଇଥିବା ନେଇ ପୁଲିସ୍ ଦେଖିବାକୁ ପାଇଥିଲା। ପରେ ମାଜିଷ୍ଟ୍ରେଟ୍ ଭାବେ ବେତନଟୀର ଅତିରିକ୍ତ ତହସିଲଦାର୍ ପିକେ ହିତାଂଶୁ ଜେନାଙ୍କ ଉପସ୍ଥିତିରେ ବାରିପଦାରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଏବଂ ବେତନଟୀ ପୁଲିସ୍ ସରଜମିନ୍ ତଦନ୍ତକୁ ବ୍ୟାପକ କରିଥିଲେ। ଏକ ଧାରୁଆ ଅସ୍ତ୍ରରେ ବାରମ୍ବାର ହାଣି ମହିଳାଙ୍କୁ ଅତ୍ୟନ୍ତ ନୃଶଂସ ଭାବେ ଅନ୍ୟତ୍ର କେଉଁଠି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବାକୁ ଯୋଜନାବଦ୍ଧ ବାବେ ଅଖା ଭିତରେ ପୁରାଇ ପୁରୁଣାପାଣି ପୋଖରୀରେ ଫିଙ୍ଗିଦେଇଥିବା ପୁଲିସ୍ ସନ୍ଦେହ କରୁଛି। ଅପରିଚିତା ମହିଳାଙ୍କ ଫଟୋ ବେତନଟୀ, ବଡ଼ସାହି, ବାରିପଦା ଓ ମୋରଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ପଠାଇ ପଚରାଉଚରା କରୁଥିଲେ ସୁଦ୍ଧା ରବିବାର ରାତି ପର୍ଯ୍ୟନ୍ତ କୌଣସି ପରିଚୟ ମିଳିପାରିନଥିଲା। ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ରକ୍ତଭିଜା ଗାମୁଛା, ରକ୍ତଭିଜା ଅଖା ଓ ପୋଖରୀ ପାଣି ସମେତ ବିଭିନ୍ନ ନମୁନା ସଂଗ୍ରହ କରିଛି। ଏନେଇ ଏକ ହତ୍ୟାକାଣ୍ଡଜନିତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## ଅଚ୍ୟୁତପୁର ବିଜୁ ସେତୁ ନିର୍ମାଣରେ ଅନିୟମିତତା

**ଖଇରା,୮।୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତର୍ଗତ ଅଚ୍ୟୁତପୁର-ରଟିଣା ରାସ୍ତାର ଅଚ୍ୟୁତପୁର ଗ୍ରାମ ନିକଟସ୍ଥ ତଳନଇରେ ଚାଲିଥିବା ବିଜୁ ସେତୁ ନିର୍ମାଣରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବାରୁ ବର୍ଷାଦିନ ପୂର୍ବରୁ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଡାଇଭର୍ସନ୍ ନଥିବାରୁ ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ମୁଣିଦା, ନଛିପୁର, ଓହଡ଼ ଓ ଅଚ୍ୟୁତପୁର ଆଦି ଗ୍ରାମର ଅଧିବାସୀ ଦାବି କରିଛନ୍ତି। ଉକ୍ତ ପୋଲ ନିର୍ମାଣ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୫ ଫେବୃଆରୀ ମାସରେ ଆରମ୍ଭ ହୋଇଥିଲା। ଏହାକୁ ପ୍ରାୟ ବର୍ଷେ ଅତିକ୍ରମ କରିସାରିଥିବାବେଳେ ମାତ୍ର ୪୦ ଭାଗ କାର୍ଯ୍ୟ ଶେଷ ହୋଇଛି। ପୋଲ ପାଇଁ ଗାତ ଖୋଳି ଛାଡ଼ି ଦିଆଯାଇଥିବାରୁ ଏବେ ଏହା ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି।ସାଧାରଣତଃ କୌଣସି ବଡ଼ ପୋଲ ନିର୍ମାଣ ବେଳେ ଗାଡ଼ିମଟର ଯାତାୟାତ ପାଇଁ ଡାଇଭର୍ସନ୍‌ର ବ୍ୟବସ୍ଥା କରାଯାଇଥାଏ। ହେଲେ ସେପରି କିଛି ବ୍ୟବସ୍ଥା ହୋଇନଥିବାରୁ ମୁଣିଦା ଓ ନଛିପୁରରୁ ବିଭିନ୍ନ ହାଇସ୍କୁଲ୍ ଓ କଲେଜରେ ପଢୁଥିବା ଛାତ୍ରଛାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ଗାଡ଼ ଖୋଳାଯିବା ଜାଗାର କଡ଼େ କଡ଼େ ଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଠିକାଦାର୍ ଗୋଟିଏ ପାର୍ଶ୍ୱର ଆପ୍ରୋଚ୍ ରୋଡ୍ ଶେଷ କରିସାରିଥିବାବେଳେ ସୂଚନାଫଳକ ନଲଗାଇ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖିଛନ୍ତି। ଯେଉଁଥିପାଇଁ ଗ୍ରାମବାସୀ କଞ୍ଚାମାଲର ଭାଗମାପ ସମ୍ପର୍କରେ ଅଜ୍ଞ ରହିଛନ୍ତି। ସେହିପରି ପୋଲ ପାଇଁ ଖୋଳାଯାଇଥିବା ଗାତ ମଧ୍ୟ ଅଣଓସାରିଆ ଏବଂ ବର୍ଷା ଋତୁରେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କୁ ପଚାରିବାରୁ ଡାଇଭର୍ସନ୍ ନିର୍ମାଣ ଓ ସୂଚନାଫଳକ ଲଗାଇବାକୁ ଠିକାଦାରଙ୍କୁ କୁହାଯାଇଥିବା କହିଛନ୍ତି।



**ବର୍ଷେ ପରେ ବି ସରିନି ୪୦ ଭାଗ କାର୍ଯ୍ୟ**

**ଡାଇଭର୍ସନ୍ ନଥିବାରୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଲୋକେ**

## ଗଛରେ ପିଟିହେଲା ବାଇକ୍, ଜଣେ ମୃତ

**ସୋର,୮।୨/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ନଟାପଡା ଲେଙ୍କା ଘର ଛକରେ ଗତକାଲି ବିଳମ୍ବିତ ରାତିରେ ଏକ ଗଛକୁ ଧକ୍କା ଦେଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତରିତ ହୋଇଛନ୍ତି। ସୂଚନାନୁସାରେ ବାଲିପୁର ଗ୍ରାମର ରଜତ ସିଂ ଏବଂ ରବି ସିଂ ଗତକାଲି ବିଳମ୍ବିତ ରାତିରେ ସୋରରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଲେଙ୍କା ଘର ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବି ସିଂ (୧୭)ଙ୍କ ମୃତ୍ୟୁ ହୋଇଥିବାବେଳେ ରଜତର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତରିତ କରିଥିଲେ। ସୋର ପୁଲିସ୍ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

**ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ**

## ‘ଓଡ଼ିଆ ଭାଷାକୁ ସାହିତ୍ୟ ପରିଚୟ ପ୍ରଦାନ କରେ’



**ଭଣ୍ଡାରିପୋଖରୀ,୮।୨/ଏନ୍‌ଏନ୍‌ଏସ୍:** ଭାଷା ଓ ସଂସ୍କୃତି ଜାତିକୁ ସମୃଦ୍ଧ କରେ। ସାହିତ୍ୟ ସମାଜକୁ ପଥ ପ୍ରଦର୍ଶନ କରୁଥିବାରୁ ସାହିତ୍ୟିକଙ୍କ ସମାଜ ଗଠନରେ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ଉପସ୍ଥିତ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଂସଦର ସଭାପତି ଡ଼ଃ ସୁରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତା ଓ କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରି ଭାଷା ଓ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶିଷ୍ଟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ‘ସୁବାର୍ତ୍ତା’ର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, କବି ବିଜୟ ମହାପାତ୍ର, ବ୍ରଜ କିଶୋର ନାୟକ, ଅବନୀ ପ୍ରଧାନ, ସଞ୍ଜିତ ବଳ, ସୁଧାଂଶୁ ଶେଖର ନାୟକ ଓ ବଦ୍ରିନାରାୟଣ ଧଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପବନ ନାୟକଙ୍କ ଚିଡିରି ମିଡିରି ଭିତିରି କଥା, ଝୁରଣବାଲା ଖୁଣ୍ଟିଆଙ୍କ କୁଞ୍ଜ କଳିକା, ମନୋରଞ୍ଜନ ନାୟକଙ୍କ ବଡ଼ ମଣିଷ ହେବା, କେଶବ ସେଠୀଙ୍କ ମନମର୍ମର, ରାଖାଲ ସ୍ୱାଇଁଙ୍କ କୁମ୍ଭୀର ପିଠିରେ ପଦ୍ମ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ପୁରୁଷୋତ୍ତମ ଧଳ ଓ ପ୍ରୀତିପଦ୍ମା ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତାପାଠ କରିଥିଲେ। ଅତିଥିମାନେ ସାହିତ୍ୟ ଓ ସଂସ୍କୃତି ପାଇଁ ଉତ୍ସର୍ଗୀକୃତ ଅନେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପୁସ୍ତକ, ଚିତ୍ରକଳା ଓ ପୁରୁଣା ସାମଗ୍ରୀର ପ୍ରଦର୍ଶନୀ କରାଯାଇଥିଲା। ଉଦ୍‌ଯାପନୀ ଅଧିବେଶନରେ ସଂସଦର ଉପସଭାପତି ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ଭାବେ ଇଂ ଅଭୟ ସୁତାର, ଡ଼ଃ କ୍ଷୀରୋଦ ସାମଲ, ପ୍ରାଧ୍ୟାପକ ସୁରଞ୍ଜନ ପଣ୍ଡା, ରତିକାନ୍ତ ବେହେରା, ପୁରୁଷୋତ୍ତମ ଧଳ ଓ ଅଧ୍ୟାପକ ଭରତ ଚନ୍ଦ୍ର କରଣ ବକ୍ତବ୍ୟ ରଖିଥିଲେ। ସଂସଦର ଉପସଭାପତି ଅଧ୍ୟାପକ ଅନାଦି ଚରଣ ସାହୁ, ପବନ କୁମାର ନାୟକ, ନିର୍ମଳ ସେନାପତି ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଭଣ୍ଡାରିପୋଖରୀ କଲଚୁରାଲ୍ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂସଦର କର୍ମକର୍ତ୍ତାମାନେ ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

**ସୋର,୮।୨/ଏନ୍‌ଏନ୍‌ଏସ୍:** ଦୀର୍ଘ ୨୫ ବର୍ଷ ଦେଶ ପାଇଁ ସମର୍ପିତ ହୋଇଥିବା ଜଣେ ଯବାନ ଅବସର ନେଇ ଫେରିବା ପରେ ଗାଁ ଓ ପରିବାର ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୋର ବ୍ଲକ୍ ମାଣିପୁର ପଞ୍ଚାୟତ ବାଘୁଆ ଗ୍ରାମର ବାଉଲି ଓଝାଙ୍କ ବଡ଼ ପୁଅ ଦୈତାରୀ ଓଝା ଦୀର୍ଘ ୨୫ ବର୍ଷ ଧରି ଦେଶ ସୁରକ୍ଷାରେ ନିୟୋଜିତ ଥିଲେ। ଗତ ଜାନୁଆରୀ ୩୧ରେ ଅବସର ନେଇ ରବିବାର ସକାଳେ ସୋର ରେଳ ଷ୍ଟେସନ୍‌ରେ ପହଞ୍ଚିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇ ବାଜା ଓ ଡିଜେ ବଜାଇ ଗାଁ ଅଭିମୁଖେ ନିଆଯାଇଥିଲା। ସେଠାରେ ଗ୍ରାମ ପରିକ୍ରମା ପରେ ଏକ ସଭା ଆୟେଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୋର ତହସିଲଦାର୍ ଦୈତାରୀ ମଲ୍ଲିକ, ସୋର ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରାଧାକୃଷ୍ଣ ମହାପାତ୍ର, ଅବସରପ୍ରାପ୍ତ ସୈନିକ କାହ୍ନୁଚରଣ ମିଶ୍ର ଓ ଦୈତାରୀଙ୍କୁ ଶିକ୍ଷା ଦେଇଥିବା ତାଙ୍କର ପ୍ରଥମ ଶିକ୍ଷକ ମହେଶ୍ୱର ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଯବାନ ଶ୍ରୀ ମଲ୍ଲିକ ଅବସର ପରେ ବି ଯଦି କେବେ ଦେଶ ସେବାର ପୁନଶ୍ଚ ସୁଯୋଗ ମିଳେ ତାହା ତାଙ୍କ ପାଇଁ ଏକ ଭାଗ୍ୟର କଥା ହେବ ବୋଲି କହିଥିଲେ। ଶ୍ରୀ ମଲ୍ଲିକ ୨୦୦୨ ଜାନୁଆରୀ ୨୪ରେ ଦେଶ ସୁରକ୍ଷାରେ ଯୋଗଦେଇ ମହାରାଷ୍ଟ୍ରର ନାସିକ୍ ଗୋଳାବାରୁଦ ୟୁନିଟ୍ ୭୩୨ରୁ ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସୋର ସୈନିକ ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷକ ପଞ୍ଚାନନ ପୋଇ, କେନ୍ଦ୍ରର ଛାତ୍ରଛାତ୍ରୀ, ସୋର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଏସିଆନ୍ ସୁଟିଂ ଚାମ୍ପିଅନ୍‌ସିପ୍‌ରେ ଚମକିଲେ କେନ୍ଦୁଝର ଝିଅ

**କେନ୍ଦୁଝର,୮।୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାର ଉଦୟପୁର ଗ୍ରାମର ଝିଅ ମାନ୍ୟତା ସିଂହ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ର ୧୦ ମିଟର୍ ଏୟାର୍ ରାଇଫଲ୍ ମହିଳା ଜୁନିଅର୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ମାନ୍ୟତା ପ୍ରଥମ ପଦାର୍ପଣରେ ସମୁଦାୟ ୨୪୯. ୭ ପଏଣ୍ଟ ହାସଲ କରିଥିଲେ। ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥିବା ମାନ୍ୟତା ଭୁବନେଶ୍ୱର କିଟସ୍‌ରେ ଇନଟିଗ୍ରେଟେଡ୍ ଲ କରିବା ସହ କଳିଙ୍ଗ ଷ୍ଟାଡିୟମ୍ ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ସୁଟିଂ ଏକାଡେମୀରେ ନିଜର ଅଭ୍ୟାସ ଜାରି ରଖିଛନ୍ତି। ମାନ୍ୟତାଙ୍କ ପିତା ସର୍ବଦମନ ସିଂହ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ସ୍କୁଲ୍‌ରେ ଶିକ୍ଷକତା କରୁଥିବାବେଳେ ମାତା ସ୍ମିତା ଦାସ ମଧ୍ୟ କଟକ ବିଡ଼ାନାସୀସ୍ଥିତ ଡିଏଭି ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଅଛନ୍ତି। ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, କେନ୍ଦୁଝର ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଅଂଶୁମାନ ସବୁଜ ମହାନ୍ତ ମାନ୍ୟତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।




## ୧୫ରୁ ଜାତୀୟସ୍ତରୀୟ ଗୋଶାଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ବାରିପଦା,୮।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ୍ ୟୁନିୟନ୍ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୨ୟ ବାର୍ଷିକ ଜାତୀୟସ୍ତରୀୟ ଦିବାରାତ୍ର ଗୋଶାଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଶେଷ ହୋଇଯାଇଛି। ଏନେଇ ଆୟୋଜନ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ମାସ ୧୫ ତାରିଖରୁ ମାର୍ଚ୍ଚ ୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଟିମ୍ ଅଂଶଗ୍ରହଣ କରିଛନ୍ତି ବୋଲି ସାଧାରଣ ସମ୍ପାଦକ ଗଦାଧର ନାୟକ ପ୍ରକାଶ କରିଥିଲେ। ପ୍ରତ୍ୟେକ ଦଳରେ ଜଣେ ରାଜ୍ୟସ୍ତରୀୟ ଓ ଜଣେ ଜାତୀୟସ୍ତରୀୟ ନାମିଦାମୀ ଖେଳାଳି ରହିଥିବା ଜଣାପଡ଼ିଛି। ୧୫ ତାରିଖ ସନ୍ଧ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍‌ଘାଟିତ ହେବାସହ ଗୋଟିଏ ମ୍ୟାଚ୍ ଅନୁଷ୍ଠିତ ହେବ। ପୁରସ୍କାରସ୍ୱରୂପ ଚାମ୍ପିଅନ୍ ପାଇଁ ୨ ଲକ୍ଷ ୫୦ ହଜାର ଓ ରନର୍ସଅପ୍ ପାଇଁ ୨ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ରଖାଯାଇଛି। ଏହାସହ ମ୍ୟାନ୍ ଅଫ୍ ଦି ସିରିଜ୍ ପାଇଁ ହିରୋ ବାଇକ୍, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ( ଫାଇନାଲ୍ ) ପାଇଁ ସାଇକେଲ୍, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ପାଇଁ ୱାସିଂ ମେସିନ୍, ଶ୍ରେଷ୍ଠ ବୋଲର୍ ପାଇଁ ଫ୍ରିଜ୍ ସହ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗୋ-ମାତାକୁ ପ୍ରାଧାନ୍ୟ ଦେଇ ଏଭଳି ଏକ ଟୁର୍ଣ୍ଣାମେଣ୍ଟର ପରିକଳ୍ପନା କରାଯାଇଛି ବୋଲି ସଭାପତି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ରତିକାନ୍ତ ଦାସ, ସଂଗଠନିକ ସମ୍ପାଦକ ସରୋଜ ଶତପଥୀ, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ, ସହ କୋଷାଧ୍ୟକ୍ଷ ସନ୍ଦୀପ ମୌଳିକ୍ ଓ କମେଣ୍ଟେଟର୍ କେ ପଙ୍କଜ ମହାକୁଡ଼ ଉପସ୍ଥିତ ଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଧନ୍ୟବାଦ ଦେଇଥିଲେ।




**ତିହିଡ଼ି ମହୋତ୍ସବ ଉଦ୍‌ଘାଟିତ**

## ‘ମାଟିର ଗରିମାକୁ ବଜାୟ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ହେଉ’

**ତିହିଡ଼ି,୮।୨/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ମହାକୁମ୍ଭ ୧୦ମ ‘ତିହିଡ଼ି ମହୋତ୍ସବ’ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ତିହିଡ଼ି, ଓଡ଼ିଶାର ସାଂସ୍କୃତିକ ମାନଚିତ୍ର ଓ ମାଟିର ଗରିମାକୁ ବଜାୟ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ହେଉ ବୋଲି କହିଥିଲେ। ବରେଣ୍ୟ ଅତିଥିଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ମହୋତ୍ସବ କମିଟି ସମ୍ପାଦକ ଅଧ୍ୟାପକ ଚନ୍ଦ୍ରକାନ୍ତ ମହାନ୍ତି ଯୋଗ ଦେଇଥିଲେ। ତିହିଡ଼ି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ ବ୍ଲକ୍‌ର ୫ଟି ପ୍ରମୁଖ ଧର୍ମପୀଠରୁ ଶୋଭାଯାତ୍ରାରେ ଜ୍ୟୋତି ଆସି ମହୋତ୍ସବ ସ୍ଥଳରେ ପହଞ୍ଚିଥିଲା। ପାଳିଆର ବିରଞ୍ଚି ନାରାୟଣ, ଈଶ୍ୱରପୁରର ମା’ ଦପାନାୟକାଣୀ, ନରେନ୍ଦ୍ରପୁରର ମା’ ପାଟଣ ମଙ୍ଗଳା, ଗୁଆମାଳର କୁମାରେଶ୍ୱର ଓ ସୟା ବାଂଶବାଗର ବୁଢ଼ା ମହାଦେବଙ୍କ ପୀଠରୁ ଶୋଭାଯାତ୍ରା ମହୋତ୍ସବ ସ୍ଥଳକୁ ଜ୍ୟୋତି ଅଣାଯାଇ ସ୍ଥାପନ କରାଯାଇଥିଲା। ଏହାସହ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୮୨ ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ତିହିଡ଼ି ତହସିଲଦାର୍ ଜୟଦରଥ ଆଚାର୍ଯ୍ୟ, ତିହିଡ଼ି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ସିଆର୍‌ଏସ୍ ହାଇସ୍କୁଲ୍ ପ୍ରଧାନଶିକ୍ଷକ ସୌମେନ୍ଦ୍ର ନାଥ ମିଶ୍ର, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଦାସ, ତିହିଡ଼ି ବ୍ଲକ୍ ସଂସଦ ପ୍ରତିନିଧି ସୀତାକାନ୍ତ ନାୟକ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ବିଜେପି ଜିଲ୍ଲା ଉପସଭାପତି ରଘୁନାଥ ପାତ୍ର ଓ ଫତେପୁର ସରପଞ୍ଚ ପ୍ରଦୀପ ବଳ ପ୍ରମୁଖ ଉପସ୍ଥିତ ରହି ଜ୍ୟୋତିକୁ ସ୍ୱାଗତ କରିଥିଲେ। ମହୋତ୍ସବ କମିଟି ସଭାପତି ସୋମନାଥ ପାଢ଼ୀ ଓ ସମ୍ପାଦକ ଚନ୍ଦ୍ରକାନ୍ତ ନାୟକ, ଡ଼ଃ ଲକ୍ଷ୍ମୀଧର ତ୍ରିପାଠୀ, ଧୀରେନ୍ଦ୍ର ସାହୁ, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ଗିରିଜାରମଣ ଜେନା, ପ୍ରଭାତ ଜେନା, ସୁଶାନ୍ତ ଯତି, ସଞ୍ଜୟ ଦାସ, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ଶୁଭମ୍ ସାର୍ଥକ ଜେନା, କୈଳାସ ବେହେରା, ବିସ୍ମୟ ବିହାରୀ ସାହୁ ଓ ନିରଞ୍ଜନ ବାରିକ୍ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଏହି ମହୋତ୍ସବ ଆଗାମୀ ୬ ଦିନ ଧରି ଚାଲିବାକୁ ଥିବାବେଳେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



**ଶୋଭାଯାତ୍ରାରେ ୫ ଧର୍ମପୀଠରୁ ଆସିଲା ଜ୍ୟୋତି**

**ରକ୍ତଦାନ ଶିବିରରେ ୮୨ ୟୁନିଟ୍ ସଂଗୃହୀତ**

## ମେଘାସନୀ ମହୋତ୍ସବରେ ରକ୍ତଦାନ ଶିବିର



**ବାରିପଦା,୮।୨/ଏନ୍‌ଏନ୍‌ଏସ୍:** ମେଘାସନୀ ମହୋତ୍ସବ-୨୦୨୬ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଓରମାସ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ବର୍ତ୍ତମାନ ପରିବର୍ତ୍ତିତ ସମୟରେ ଥାଲସେମିଆ ଓ ସିକିଲସେଲ୍ ଭଳି ଦୁରାରୋଗ୍ୟ ପାଇଁ ହେଉ କିମ୍ବା ଆକସ୍ମିକ ଦୁର୍ଘଟଣା ପାଇଁ ହେଉ ଅମୂଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ୍ ଆବଶ୍ୟକତା ଦେଖାଦେଉଛି। ମାତ୍ର ବେଳେବେଳେ ରକ୍ତ ଉପଲବ୍ଧ ନହେବାରୁ ରୋଗୀର ଜୀବନ ବଞ୍ଚାଇବା କଷ୍ଟସାଧ୍ୟ ହୋଇପଡୁଛି। ତେଣୁ ଏଭଳି ଏକ ଉତ୍ସବ ଅବସରରେ ଓରମାସ୍‌ର ଏହି ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କହିଥିଲେ। ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ସହକର୍ମୀ ଡା. ନୀଲେଶ ଦାସ, ରୁଚିକା ଖୁରାନା, ସବିତା ଶେଜପଡ଼ା, ଭାଗ୍ୟବତୀ ସିଂ ଓ ଶକୁନ୍ତଳା ମହାନ୍ତଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ଓରମାସ୍‌ର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଣ୍ଡୟା, ଜିଲ୍ଲା ରେଡକ୍ରସ୍ ଶାଖାର ଆଜୀବନ ସଦସ୍ୟ ତଥା ରକ୍ତଦାତା ଅମର କୁମାର ସେଠୀ ପ୍ରମୁଖଙ୍କ ସମେତ ଓରମାସ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବିଜୟରୁ ନ୍ୟୁଜିଲାଣ୍ଡର ଅଭିଯାନ

## ● ଟିମ୍ ସିଫର୍ଟଙ୍କ ଅର୍ଦ୍ଧଶତକ ● ଆଫଗାନିସ୍ତାନକୁ ୫ ୱିକେଟ୍‌ରେ ହରାଇଲା



**ଚେନ୍ନାଇ,୮।୨/ଏଜେନ୍ସି:** ନ୍ୟୁଜିଲାଣ୍ଡ ବିଜୟ ସହିତ ଚଳିତ ଟି-୨୦ ବିଶ୍ୱକପ୍‌ର ଆରମ୍ଭ କରିଛି। ରବିବାର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଡି'ର ପ୍ରଥମ ମ୍ୟାଚ୍‌ରେ କିଓି ଟିମ୍ ଆଫଗାନିସ୍ତାନକୁ ୫ ୱିକେଟ୍‌ରେ ହରାଇ ଦେଇଛି। ଆଫଗାନିସ୍ତାନ ପ୍ରଥମେ ୬ ୱିକେଟ୍ ବିନିମୟରେ ୧୮୨ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୭.୫ ଓଭର୍‌ରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଟିମ୍ ସିଫର୍ଟ ୪୨ ବଲ୍‌ରେ ୬୫ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ଏହା ଟି-୨୦ ବିଶ୍ୱକପ୍ ଇତିହାସରେ ନ୍ୟୁଜିଲାଣ୍ଡର ସବୁଠୁ ବଡ଼ ଟାର୍ଗେଟ୍ ଚେଜ୍। ଏହା ପୂର୍ବରୁ ଟିମ୍ ୨୦୨୧ରେ ଆବୁଧାବିରେ ଇଂଲଣ୍ଡ ବିପକ୍ଷରେ ୧୬୭ ରନ୍‌ର ଲକ୍ଷ୍ୟ ସଫଳତାପୂର୍ବକ ହାସଲ କରିଥିଲା।

୧୮୩ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ନ୍ୟୁଜିଲାଣ୍ଡକୁ ମୁଜିବ୍ ଉର୍ ରହମାନ୍ ଦ୍ୱିତୀୟ ଓଭର୍‌ରେ ହିଁ ଡବଲ୍ ଝଟ୍‌କା ଦେଇଥିଲେ। ମୁଜିବ୍ ଓପ୍ନର୍ ଫିନ୍ ଏଲେନ୍ (୧) ଏବଂ ରଚିନ୍ ରବୀନ୍ଦ୍ରଙ୍କୁ ଖାତା ଖୋଲିବା ପୂର୍ବରୁ ବୋଲ୍ଡ କରି ଫେରାଇଥିଲେ। ଏହାପରେ ଗ୍ଲେନ୍ ଫିଲିପ୍ସ ଓ ଟିମ୍ ସିଫର୍ଟଙ୍କ ମଧ୍ୟରେ ୭୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ତେବେ ୨୫ ବଲ୍‌ରେ ୭ ଚୌକା ଓ ଗୋଟିଏ ଛକା ସହାୟତାରେ ୪୨ ରନ୍ କରିଥିବା ବେଳେ ଫିଲିପ୍ସଙ୍କୁ ଆଉଟ୍ କରି ରଶିଦ୍ ଖାନ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଏହାପରେ ଟିମ୍ ସିଫର୍ଟ ୪୨ ବଲ୍‌ରେ ୭ ଚୌକା ଓ ୩ ଛକା ସହାୟତାରେ ୬୫ ରନ୍‌ର ଇନିଂସ୍ ଖେଳିଥିଲେ। ଦୁହିଁଙ୍କ ଆଉଟ୍ ପରେ ମାର୍କ ଚାପ୍‌ମ୍ୟାନ୍ ଓ ଡାରିଲ୍ ମିଚେଲ୍ ଭଲ ପ୍ରଦର୍ଶନ କରିଥିଲେ। ଚାପ୍‌ମ୍ୟାନ୍ ୧୭ ବଲ୍‌ରେ ୨୮ ରନ୍ କରି ଆଉଟ୍ ହେବାପରେ ଡାରିଲ୍ ମିଚେଲ୍ କ୍ୟାପ୍‌ଟେନ୍ ମିଚେଲ୍ ସାଣ୍ଟନରଙ୍କ ସହ ମିଶି ଟିମ୍‌କୁ ୧୮ତମ ଓଭର୍‌ରେ ବିଜୟୀ କରାଇଥିଲେ। ଡାରିଲ୍ ମିଚେଲ୍ ୧୪ ବଲ୍‌ରେ ୨୫ ଏବଂ ସାଣ୍ଟନର୍ ୮ ବଲ୍‌ରେ ୧୭ ରନ୍ କରି ଅପରାଜିତ ଫେରିଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜିବ୍ ଉର୍ ରହମାନ୍ ସର୍ବାଧିକ ୨ଟି ୱିକେଟ୍ ପାଇଥିଲେ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଆଫଗାନିସ୍ତାନ ୬ଷ୍ଠ ଓଭର୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ଲକି ଫର୍ଗୁସନ୍ ଦୁଇ ଓପ୍ନର୍ ଇବ୍ରାହିମ୍ ଜାଦରାନ୍ (୩୫ ରନ୍) ଏବଂ ରହମନନୁଲ୍ଲାହ ଗୁରବାଜ୍ (୨୭)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ସେଦିକୁଲ୍ଲାହ ଅଟଲ ଓ ଗୁଲବଦିନ୍ ନାୟବ ବିସ୍ଫୋରକ ବ୍ୟାଟିଂ କରି ୫୧ ବଲ୍‌ରେ ୭୯ ରନ୍ ଯୋଡ଼ିଥିଲେ। ଅଟଲ ୨୪ ବଲ୍‌ରେ ୨୯ ରନ୍ କରି ଆଉଟ୍ ହେବା ପରେ ଗୁଲବଦିନ୍ ନାୟବ ୨୯ ବଲ୍‌ରେ ଅର୍ଦ୍ଧଶତକ କରିଥିଲେ। ସେ ୩୫ ବଲ୍‌ରେ ୩ ଚୌକା ଓ ୪ ଛକା ସହାୟତାରେ ୬୩ ରନ୍ କରି ରଚିନ୍ ରବିନ୍ଦ୍ରଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତାଙ୍କର ଏହି ଇନିଂସ୍ ବଳରେ ଆଫଗାନିସ୍ତାନ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୧୮୨ ରନ୍ କରିପାରିଥିଲା। ସେହିପରି ଡାରୱିଶ୍ ରସୁଲ୍ ୨୦, ଅଜମତୁଲ୍ଲାହ ଓମରଜାଇ ୧୪ ଏବଂ ମହମ୍ମଦ ନବୀ ଅପରାଜିତ ୧୦ ରନ୍‌ର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଲକି ଫର୍ଗୁସନ୍ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

## ହସରଙ୍ଗା-ତୀକ୍ଷ୍ଣାଙ୍କ ସ୍ପିନ୍‌ରେ ଫସିଲା ଆୟର୍ଲାଣ୍ଡ

# ଶ୍ରୀଲଙ୍କା ୨୦ ରନ୍‌ରେ ବିଜୟୀ



**କଲମ୍ବୋ,୮।୨/ଏଜେନ୍ସି:** ସହ-ଆୟୋଜକ ଶ୍ରୀଲଙ୍କା ଚଳିତ ଟି-୨୦ ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଟିମ୍ ରବିବାର ତୃତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୨୦ ରନ୍‌ରେ ହରାଇ ଦେଇଛି। ସ୍ଥାନୀୟ ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଶ୍ରୀଲଙ୍କା ଟିମ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୧୬୩ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ଟିମ୍ ୱାନିନ୍ଦୁ ହସରଙ୍ଗା ଓ ମହୀଶା ତୀକ୍ଷ୍ଣାଙ୍କ ସ୍ପିନ୍ ବୋଲିଂର ସମ୍ମୁଖୀନ ହୋଇନପାରି ୧୯.୫ ଓଭର୍‌ରେ ମାତ୍ର ୧୪୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ସତର୍କତାର ସହ ଆରମ୍ଭ କରିଥିଲା। ଚତୁର୍ଥ ଓଭର୍‌ରେ ଟିମ୍‌କୁ କାମିଲା ମିଶରା(୧୪)ଙ୍କ ରୂପରେ ପ୍ରଥମ ଝଟ୍‌କା ଲାଗିଥିଲା। ଏହାପରେ ଓପ୍ନର୍ ପାଥୁମ୍ ନିସଙ୍କା ୨୪ ରନ୍ କରି ବିଦାୟ ନେଇଥିଲେ। ପବନ ରତ୍ନାୟକେ (୫ ରନ୍) ଶସ୍ତାରେ ଆଉଟ୍ ହୋଇଥିଲେ। ୮୬ ରନ୍‌ରେ ୪ ୱିକେଟ୍ ପତନ ସତ୍ତ୍ୱେ କୁସଲ ମେଣ୍ଡିସ୍ ଗୋଟିଏ ପଟେ ତିଷ୍ଠି ରହି ଅପରାଜିତ ୫୬ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିବା ସହିତ ନିସଙ୍କାଙ୍କ ସହ ୩୬ ଏବଂ କାମିନ୍ଦୁ ମେଣ୍ଡିସ୍‌ଙ୍କ ସହ ୬୭ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୬୩ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାମିନ୍ଦୁ ମେଣ୍ଡିସ୍ ୪୪ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବାରୀ ମ୍ୟାକ୍‌କାର୍ଥୀ ଓ ଜର୍ଜ ଡକ୍‌ରେଲ୍ ୨-୨ ୱିକେଟ୍ ନେଇଥିବା ବେଳେ ମାର୍କ ଆଡାୟର୍ ଓ ଗାରେଥ୍ ଡେଲାନୀଙ୍କୁ ୧-୧ ସଫଳତା ମିଳିଥିଲା।

ଲକ୍ଷ୍ୟର ପିଛା କରୁଥିବା ଆୟର୍ଲାଣ୍ଡକୁ କ୍ୟାପ୍‌ଟେନ୍ ପଲ୍ ଷ୍ଟିର୍ଲିଂ (୬)ଙ୍କ ରୂପରେ ଚତୁର୍ଥ ଓଭର୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ତେବେ ଏହାପରେ ରୋସ୍ ଆଡାୟର୍ (୩୪), ହ୍ୟାରୀ ଟେକ୍ଟର୍ (୪୦) ଲୋର୍କାନ୍ ଟକର୍ (୨୧) ଓ କର୍ଟିସ୍ କାମ୍ଫର୍ (୧୩) ଇନିଂସ୍ ସମ୍ଭାଳି ଟିମ୍‌ର ସ୍କୋର୍ ୧୦୦ ରନ୍ ପାର୍ କରିଥିଲେ। ଟିମ୍ ୧୨୦ ରନ୍ ମଧ୍ୟରେ ୫ ୱିକେଟ୍ ହରାଇ ଭଲ ସ୍ଥିତିରେ ଥିଲା। ମାତ୍ର ପରେ ଶ୍ରୀଲଙ୍କା ବୋଲିଂ ଆଗରେ ଟିମ୍ ବେଶୀ ସମୟ ତିଷ୍ଠିପାରି ନଥିଲା ଏବଂ ଶେଷ ୫ ବ୍ୟାଟର୍ ମାତ୍ର ୨୩ ରନ୍ ମଧ୍ୟରେ ଆଉଟ୍ ହୋଇଯାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମହୀଶ ତୀକ୍ଷ୍ଣା ଓ ୱାନିନ୍ଦୁ ହସରଙ୍ଗା ୩-୩ ୱିକେଟ୍ ନେଇଥିବା ବେଳେ ମହୀଶା ପାଥିରାନା ଦୁଇଟି ଏବଂ ଦୁଷ୍ମନ୍ତ ଚମିରା ଓ ଦୁନିଥ୍ ୱେଲ୍ଲାଲାଗା ୧-୧ ସଫଳତା ପାଇଥିଲେ।

## ଟି-୨୦ ବିଶ୍ୱକପ୍: ବେଥେଲ୍ ଓ ବ୍ରୁକ୍‌ଙ୍କ ଅର୍ଦ୍ଧଶତକ

# ବିପର୍ଯ୍ୟୟରୁ ଅଳ୍ପକେ ବର୍ତ୍ତିଲା ଇଂଲଣ୍ଡ



**ମୁମ୍ବାଇ,୮।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ର ଏକ ରୋମାଞ୍ଚକର ଗ୍ରୁପ୍-ସି' ମ୍ୟାଚ୍‌ରେ ନେପାଳକୁ ୪ ରନ୍‌ରେ ହରାଇ ଇଂଲଣ୍ଡ ନିଜର ଅଭିଯାନ ଆରମ୍ଭ ଆରମ୍ଭ କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ନେଇ ଇଂଲଣ୍ଡ ୭ ୱିକେଟ୍ ହରାଇ ୧୮୪ ରନ୍ କରିଥିଲା। ଜବାବରେ ନେପାଳ ଶେଷ ବଲ୍ ପର୍ଯ୍ୟନ୍ତ ଲଢ଼େଇ କରି ଶେଷରେ ମାତ୍ର ୪ ରନ୍‌ରେ ପରାଜିତ ହୋଇଛି। ୨୦ ଓଭର୍‌ରେ ଟିମ୍ ୬ ୱିକେଟ୍ ହରାଇ ୧୮୦ ରନ୍ କରିପାରିଥିଲା। ଅନ୍ତିମ ଓଭର୍‌ରେ ବିଜୟ ପାଇଁ ନେପାଳକୁ ୧୦ ରନ୍‌ର ଆବଶ୍ୟକତା ଥିବାବେଳେ ଇଂଲଣ୍ଡ ବୋଲର୍ ସାମ୍ କୁରାନ୍ ମାତ୍ର ୫ ରନ୍ ଦେଇ ଇଂଲଣ୍ଡକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ।

୧୮୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନେପାଳର ଆରମ୍ଭ ବହୁ ଚମତ୍କାର ଥିଲା। ୩୭ ରନ୍‌ର ସ୍କୋର୍‌ରେ ଆସିଫ୍ ଶେଖ୍ (୭)ଙ୍କ ରୂପରେ ଟିମ୍‌କୁ ପ୍ରଥମ ଝଟ୍‌କା ଲାଗିଥିଲା। ଏହାପରେ ୪୨ ରନ୍‌ର ସ୍କୋର୍‌ରେ ଓପ୍ନର୍ କୁଶଳ ଭୁର୍ତେଲ୍ (୨୯ ରନ୍) ଆଉଟ୍ ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ ରୋହିତ ପୌଡେଲ୍ ଏବଂ ଦୀପେନ୍ଦ୍ର ସିଂହ ଐରୀ ଇନିଂସ୍ ସମ୍ଭାଳି ତୃତୀୟ ୱିକେଟ୍ ୫୪ ବଲ୍‌ରେ ୮୨ ରନ୍ ଯୋଡ଼ିଥିଲେ। ଦୀପେନ୍ଦ୍ରଙ୍କୁ ଆଉଟ୍ କରି ସାମ୍ କରାନ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଦୀପେନ୍ଦ୍ର ବିସ୍ଫୋରକ ବ୍ୟାଟିଂ ସହ ୨୯ ବଲ୍‌ରେ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ସର୍ବାଧିକ ୪୪ ରନ୍ କରିଥିଲେ। ଏହାପରେ କ୍ୟାପ୍‌ଟେନ୍ ରୋହିତଙ୍କ ଉପରେ ବଡ଼ ଦାୟିତ୍ୱ ଥିଲା। ମାତ୍ର ୧୬ଶ ଓଭର୍‌ରେ ସେ ଦୁଇଟି ଲେଖାଏଁ ଚୌକା ଓ ଛକା ବଳରେ ୩୪ ବଲ୍‌ରୁ ୩୯ ରନ୍ କରିଥିବା ବେଳେ ଲିଆମ୍ ଡସନ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେତେବେଳକୁ ନେପାଳ ସ୍କୋର୍ ୧୨୬ ରନ୍ ହୋଇଥିଲା। ଏହାପରେ ଆରିଫ୍ ଶେଖ ୧୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଏହାପରେ ମଧ୍ୟ ମ୍ୟାଚ୍‌ର ରୋମାଞ୍ଚ କମିନଥିଲା। ଲୋକେଶ ବାମ୍ ଗୋଟିଏ ପଟେ ଇନିଂସ୍ ସମ୍ଭାଳି ୧୮ତମ ଓଭର୍‌ରେ ଜୋଫ୍ରା ଆର୍ଚରଙ୍କୁ ଦୁଇଟି ଛକା ମାରିଥିଲେ। ସ୍ଥିତି ଏପରି ହୋଇଥିଲା ନେପାଳକୁ ବିଜୟ ପାଇଁ ଶେଷ ଦୁଇ ଓଭର୍‌ରେ ୨୪ ରନ୍‌ର ଆବଶ୍ୟକ ଥିଲା। ୧୯ତମ ଓଭର୍‌ରେ ଲ୍ୟୁକ୍ ଉଡ୍ ୧୪ ରନ୍ ବ୍ୟୟ କରିଥିଲେ। ତେବେ ଅନ୍ତିମ ବଲ୍‌ରେ ଗୁଲ୍‌ଶନ୍ ଝା (୧) ଆଉଟ୍ ହୋଇଥିଲେ। ଅନ୍ତିମ ଓଭର୍‌ରେ ୧୦ ରନ୍ ଦରକାର ଥିବା ବେଳେ ସାମ୍ କରନ୍ ବୋଲିଂ ପାଇଁ ଆସିଥିଲେ ଏବଂ ଲୋକେଶ ପ୍ରଥମ ଚାରିଟି ବଲ୍‌ରେ ୪ ରନ୍ ଉଠାଇଥିଲେ। ପଞ୍ଚମ ବଲ୍‌ରେ କୌଣସି ରନ୍ ହୋଇନଥିଲା ଏବଂ ଶେଷ ବଲ୍‌ରେ ୬ ରନ୍ ଆବଶ୍ୟକ ଥିବାବେଳେ ଲୋକେଶ କେବଳ ଗୋଟିଏ ରନ୍ କରିପାରିଥିଲେ। ଇଂଲଣ୍ଡ ୪ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ଇଂଲଣ୍ଡ ପକ୍ଷରୁ ଲିଆମ୍ ଡସନ୍ ଦୁଇଟି ୱିକେଟ୍ ପାଇଥିଲେ।

ଏହା ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ଇଂଲଣ୍ଡ ୫ ରନ୍‌ର ସ୍କୋର୍‌ରେ ଦ୍ୱିତୀୟ ଓଭର୍‌ରେ ହିଁ ଫିଲ୍ ସଲ୍ଟ (୧)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଜୋସ୍ ବଟ୍‌ଲର୍ ଭଲ ଇନିଂସ୍ ଖେଳିଥିଲେ ମଧ୍ୟ ୧୭ ବଲ୍‌ରେ ୨୬ ରନ୍ କରି ବିଦାୟ ନେଇଥିଲେ। ଟମ୍ ବାଣ୍ଟନ୍

### ଲଢ଼େଇ କରି ୪ ରନ୍‌ରେ ହାରିଲା ନେପାଳ

ମାତ୍ର ୨ ରନ୍ କରି ଲାମିଛାନେଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଟିମ୍ ୫୩ ରନ୍‌ରେ ୩ ୱିକେଟ୍ ହରାଇବା ପରେ ଜ୍ୟାକବ୍ ବେଥେଲ୍ ଓ ହ୍ୟାରି ବ୍ରୁକ୍ ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଟିମ୍‌କୁ ସମ୍ଭାଳିଥିଲେ। ଉଭୟଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍ ପାଇଁ ୪୫ ବଲ୍‌ରେ ୭୧ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ବେଥେଲ୍ ୩୫ ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ବଳରେ ୫୫ ଏବଂ ବ୍ରୁକ୍ ୩୨ ବଲ୍‌ରେ ୪ ଚୌକା ଓ ୩ ଛକା ସହାୟତାରେ ୫୩ ରନ୍ କରିଥିଲେ। ଶେଷ ଆଡ଼କୁ ୱିଲ୍ ଜ୍ୟାକ୍ ବିସ୍ଫୋରଣ ଇନିଂସ୍ ଖେଳି ଗୋଟିଏ ଚୌକା ଏବଂ ୪ ଛକା ବଳରେ ୧୮ ବଲ୍‌ରେ ୩୯ ରନ୍ କରି ଅପରାଜିତ ରହିଥିଲେ। ନେପାଳ ପକ୍ଷରୁ ଦୀପେନ୍ଦ୍ର ସିଂହ ଐରୀ ଓ ନନ୍ଦନ ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଶେର ମଲ୍ଲା ଓ ସନ୍ଦୀପ ଲାମିଛାନେଙ୍କୁ ୧-୧ ସଫଳତା ମିଳିଥିଲା।

# ସର୍ଭିସେସ୍ ସନ୍ତୋଷ ଟ୍ରଫି ଚାମ୍ପିଅନ୍

## ଫାଇନାଲ୍‌ରେ କେରଳକୁ ୧-୦ରେ ହରାଇଲା



**ନୂଆଦିଲ୍ଲୀ,୮।୨/ଏଜେନ୍ସି:** ଅଭିଷେକ ପୱାର୍‌ଙ୍କ ଅତିରିକ୍ତ ସମୟ ଗୋଲ୍ ବଳରେ ରବିବାର ଆସାମର ଧାକୁଆଖାନା ଫୁଟ୍‌ବଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ କେରଳକୁ ୧-୦ ଗୋଲ୍‌ରେ ହରାଇ ସର୍ଭିସେସ୍ ସନ୍ତୋଷ ଟ୍ରଫି ୨୦୨୫-୨୬ ଚାମ୍ପିଅନ୍ ହୋଇଛି। ପୂର୍ବ ମ୍ୟାଚ୍‌ରେ କେରଳ ବିପକ୍ଷରେ ବିଜୟୀ ଗୋଲ୍ ସ୍କୋର୍ କରିଥିବା ପୱାର୍ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଏକ ଭଲି ଜରିଆରେ ଟୁର୍ଣ୍ଣାମେଣ୍ଟ୍‌ରେ ନିଜର ସପ୍ତମ ଗୋଲ୍ ଦେଇଥିଲେ। ଏହା ସର୍ଭିସେସ୍‌ର ଅଷ୍ଟମ ସନ୍ତୋଷ ଟ୍ରଫି ଟାଇଟଲ୍ ହୋଇଥିବା ବେଳେ ସାତ ଥରର ଚାମ୍ପିଅନ୍ କେରଳର ଲଗାତାର ଦ୍ୱିତୀୟ ଫାଇନାଲ୍ ପରାଜୟ। ଗତ ଫାଇନାଲ୍‌ରେ ଟିମ୍ ପଶ୍ଚିମବଙ୍ଗଠାରୁ ପେନାଲ୍ଟିରେ ହାରିଥିଲା। ସେମିଫାଇନାଲ୍‌ରେ ପଞ୍ଜାବକୁ ୪-୦ ଗୋଲ୍‌ରେ ହରାଇ ଫାଇନାଲ୍ ପ୍ରବେଶ କରିଥିବା କେରଳ ରବିବାର ମ୍ୟାଚ୍‌ରେ ଆକ୍ରଣାତ୍ମକ ଆରମ୍ଭ କରି ୨୭ତମ ମିନିଟ୍‌ରେ ଗୋଲ୍ ସୁଯୋଗ ପାଇଥିଲା। ତେବେ ବକ୍ସ ବାହାରୁ ଅର୍ଜୁନ୍ ଭି' ମାରିଥିବା ଏକ ଏକ ଶଟ୍ ଗୋଲ୍‌ପୋଷ୍ଟ୍‌ରେ ବାଜି ବାହାରକୁ ଚାଲିଯାଇଥିଲା। ଅନ୍ୟପକ୍ଷରେ ଗ୍ରୁପ୍ ପର୍ଯ୍ୟାୟରେ ଦ୍ୱିତୀୟ ଶ୍ରେଷ୍ଠ ରକ୍ଷଣାତ୍ମକ ଟିମ୍ ସର୍ଭିସେସ୍ ଗୋଟିଏ ବି ଗୋଲ୍ ନଖାଇ ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଥିଲା। ଟିମ୍ ପ୍ରତିପକ୍ଷଙ୍କୁ କୌଣସି ସୁଯୋଗ ନଦେଇ ନିଜର ଖ୍ୟାତି ବଜାୟ ରଖିଥିଲା। ଅତିରିକ୍ତ ସମୟର ଦ୍ୱିତୀୟାର୍ଦ୍ଧରେ କେରଳ ମ୍ୟାଚ୍ ଶେଷ କରିବାକୁ ଚାହୁଁଥିବା ବେଳେ ସର୍ଭିସେସ୍ ନିଜର ପ୍ରତିଆକ୍ରମଣ ବଳରେ ଏହାକୁ ପ୍ରତିହତ କରିଥିଲା। ବଦଳ ଖେଳାଳି ଶୁଭମ୍ ରାଣାଙ୍କ ଏକ କ୍ରସ୍‌ରୁ ଅଭିଷେକ ଶର୍ମା ଗୋଲ୍ ସ୍କୋର୍ ଦେଇ ସର୍ଭିସେସ୍‌କୁ ଚାମ୍ପିଅନ୍ କରିଥିଲେ।

## ନବମ ରାଧାରମଣ ପାଣିଗ୍ରାହୀ ସ୍ମାରକୀ ରାଜ୍ୟ ଓପନ୍ ଚେସ୍

# ଭୁବନେଶ୍ୱରର ସଞ୍ଜୀବନ ନାୟକ ଚାମ୍ପିଅନ୍

**ଭୁବନେଶ୍ୱର,୮।୨/ଏଜେନ୍ସି:** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ଏବଂ ଓମ୍ ଗୁରୁକଳ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ କେନାଲ୍ ରୋଡ୍‌ସ୍ଥିତ ସ୍କୁଲ୍ ପରିସରରେ ରବିବାର ନବମ ରାଧାରମଣ ପାଣିଗ୍ରାହୀ ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ୍ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ୍‌ରେ ଭୁବନେଶ୍ୱରର ସଞ୍ଜୀବନ୍ ନାୟକ ମୋଟ ୪.୫ ପଏଣ୍ଟ ହାସଲ କରି ବିଜେତା ହୋଇଛନ୍ତି। ପୁରୀର ବିଶ୍ୱନାଥ ମହାପାତ୍ର (୪.୦) ଉପବିଜେତା ଏବଂ ଭୁବନେଶ୍ୱର ସ୍ୱପ୍ନିଲ ପ୍ରିୟଦର୍ଶୀ ତୃତୀୟ ହୋଇଛନ୍ତି। ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ୍ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ଚାମ୍ପିଅନ୍‌ଶିପ୍‌ର ମହିଳା ବର୍ଗରେ ଦିୟା ଦାସ ପ୍ରଥମ ଏବଂ ଶ୍ରଦ୍ଧା ସ୍ୱରୁପା ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବୟସ ବର୍ଗରେ ସାଇ କ୍ରିଷ୍ଣା ସାମଲ୍, ଅର୍ପିତ ପଟ୍ଟନାୟକ, କିର୍ତିଶ କୁମାର ସାହୁ ଏବଂ ସଞ୍ଜୀବ ଶ୍ରୀଚନ୍ଦନ ପ୍ରଥମ ପୁରସ୍କାର ଜିତିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଜନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଓଡ଼ିଶା ରିଜିଅନ୍ ଭାଇସ୍ ପ୍ରେସିଡେଣ୍ଟ ଏବଂ ରିଜିଓନାଲ୍ ମୁଖ୍ୟ ବିଶ୍ୱନାଥ ଗୋପାଳ ପ୍ରସାଦ, ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ମନୋରଞ୍ଜନ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ରାଧାରମଣ ପାଣିଗ୍ରାହୀଙ୍କ ବୋହୂ ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ନାତୁଣୀ ଶୁଭଶ୍ରୀ ପାଣିଗ୍ରାହୀ, ଶୁଭସ୍ମିତା ପାଣିଗ୍ରାହୀ ଏବଂ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କନୋଜ୍ ବେହୁରା ଅତିଥି ଭାବେ ଯୋଗ ଦେଇଥିଲେ।



# ଦେଶ ବିଦେଶ

# ଗୌରବ ଗୋଗୋଇ ମାମଲା ଗୃହ ମନ୍ତ୍ରଣାଳୟ ପଠାଇବେ ଆସାମ ସରକାର

**ଗୁଆହାଟୀ,୮।୨/ଏଜେନ୍ସି:** କଂଗ୍ରେସ ସାଂସଦ ଗୌରବ ଗୋଗୋଇଙ୍କ ପାକିସ୍ତାନ ଲିଙ୍କ୍ ମାମଲାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପଠାଇବ ଆସାମ ସରକାର। ଆସାମ କ୍ୟାବିନେଟ୍ ଶନିବାର ଏହି ନିଷ୍ପତ୍ତି ନେଇଛି। ରବିବାର ମୁଖ୍ୟମନ୍ତ୍ରୀ ହିମନ୍ତ ବିସ୍ୱ ସରମା ଏକ ପ୍ରେସ୍ କନ୍‌ଫରେନ୍ସରେ ଏହି ସୂଚନା ଦେଇଛନ୍ତି। ସାଂସଦ ଗୋଗୋଇଙ୍କ ପତ୍ନୀ ଏଲିଜାବେଥ୍ କୋଲବର୍ନଙ୍କ ଉପସ୍ଥିତି ଭାରତ ପାଇଁ କ୍ଷତିକାରଣ ହୋଇଥିବାରୁ ତାଙ୍କ ଓସିଆଇ/ଭିସା ରଦ୍ଦ କରିବା ପାଇଁ ମଧ୍ୟ ରାଜ୍ୟ ସରକାର ଦାବି କରିବେ। ଆସାମ ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ପାକିସ୍ତାନୀ ଏଜେଣ୍ଟ ଅଲୀ ତୌକିର୍ ଶେଖ୍ ସହ ସାଂସଦ ଗୌରବ ଗୋଗୋଇ ଏବଂ ତାଙ୍କ ପତ୍ନୀ ଏଲିଜାବେଥ୍‌ଙ୍କ ନିବିଡ଼ ସମ୍ପର୍କ ରହିଛି। ଏକ ପାକିସ୍ତାନୀ ଫାର୍ମ ଗୌରବ ଗୋଗୋଇଙ୍କ ପତ୍ନୀଙ୍କୁ ଚାକିରି ଦେଇଥିଲା ଏବଂ ପରେ ତାଙ୍କୁ ଭାରତ ଟ୍ରାନ୍ସଫର୍ କରାଯାଇଛି। ଅଭିଯୋଗ ଅନୁସାରେ ଏଲିଜାବେଥ୍ ଭାରତ ସହ ଜଡ଼ିତ ବହୁ ସୂଚନା ଏକାଠି କରି ପାକିସ୍ତାନୀ ନାଗରିକ ଅଲୀ ଶେଖ୍‌କୁ ରିପୋର୍ଟ କରୁଥିଲେ। ଅଲୀ ତୌକିର୍ ଶେଖ୍ ଏହି କାମ ପାଇଁ ଏଲିଜବେଥ୍‌ଙ୍କୁ ସାଲାରୀ ମଧ୍ୟ ଦେଉଥିଲା। ହିମନ୍ତ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ଅଲୀ ଶେଖ୍ ୨୦୧୦ରୁ ୨୦୧୩ ମଧ୍ୟରେ ୧୩ ଥର ଭାରତ ଆସିଥିଲା। ସାରା ବିଶ୍ୱରେ ଭାରତ ବିରୋଧୀ ନେରେଟିଭ୍ ପ୍ରସ୍ତୁତ କରିବା ତା'ର ଉଦ୍ଦେଶ୍ୟ ଥିଲା। ଆସାମ ମୁଖ୍ୟମନ୍ତ୍ରୀଙ୍କ ପ୍ରେସ୍ କନ୍‌ଫରେନ୍ସକୁ ନେଇ ଗୋଗୋଇ କହିଛନ୍ତି ଯେ ହିମନ୍ତ ବିସ୍ୱ ସରମା ମିଡ଼ିଆ ଆଗରେ ନିଜକୁ ଲଜ୍ଜିତ କରିଛନ୍ତି। ଆସାମରେ କେହି ତାଙ୍କ କଥାକୁ ଗୁରୁତର ସହ ନେଉନାହାନ୍ତି। ଅନ୍ୟପକ୍ଷରେ



ହିମନ୍ତାଙ୍କ ପରିବାର କଥିତ ଭାବେ ପୂରା ଆସାମରେ କିପରି ୪ ହଜାର ଏକର ଜମି ହାସଲ କରିଛନ୍ତି ବୋଲି ଆସାମ କଂଗ୍ରେସ ସଭାପତି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ରାଜ୍ୟରେ କଂଗ୍ରେସ ସରକାର ଆସିଲେ ଏହି ଜମିକୁ ଗରିବଙ୍କ ମଧ୍ୟରେ ବାଣ୍ଟିଦେବ। ପ୍ରେସ୍ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ବିସ୍ୱ ସରମା କହିଛନ୍ତି, ଆମେ ବର୍ତ୍ତମାନର ସାଂସଦ ଗୌରବ ଗୋଗୋଇଙ୍କୁ ପାକିସ୍ତାନ ଲିଙ୍କ୍ ସମ୍ପର୍କରେ ପଚରା ଉଚରା କରିନାହୁଁ। ତାଙ୍କର ପଦର ଗରିମାକୁ ସମ୍ମାନ ଜଣାଇ ଆମେ ଏହି ମାମଲା କେନ୍ଦ୍ର ଉପରେ ଛାଡ଼ି ଦେଉଛୁ। ହିମନ୍ତ ଆହୁରି କହିଛନ୍ତି, ଯଦି ଗୌରବ ଗୋଗୋଇଙ୍କୁ ଗିରଫ କରିବା ପରେ ପଦକ୍ଷେପ ନେବୁ, ତେବେ ମୋ ଉପରେ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତି କରୁଥିବା ଅଭିଯୋଗ ଲାଗିବ।

## ଜାପାନ ସାଧାରଣ ନିର୍ବାଚନ

# ପ୍ରଧାନମନ୍ତ୍ରୀ ତକାଇଚିଙ୍କ ବିପୁଳ ବିଜୟ



**ଟୋକିଓ,୮।୨/ଏଜେନ୍ସି:** ଜାପାନରେ ରବିବାର ଅନୁଷ୍ଠିତ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ସାନେ ତକାଇଚିଙ୍କ ଲିବରାଲ୍

### ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ

ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପ) ବିପୁଳ ବିଜୟ ହାସଲ କରିଛି। ଏନ୍‌ଏଚ୍‌କ ୱାର୍ଲ୍ଡ ରିପୋର୍ଟ ଅନୁସାରେ ବର୍ତ୍ତମାନ ସୁଦ୍ଧା ଏଲ୍‌ଡିପି ୪୬୫ରୁ ୩୦୦ ଆସନରେ ବିଜୟୀ ହୋଇଛି। ଏହା ଆବଶ୍ୟକ ବହୁମତ ୨୩୩ ଆସନରୁ ବହୁ ଅଧିକ। ତକାଇଚିଙ୍କ ବିଜୟରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ଏକ୍ସ' ପୋଷ୍ଟରେ ମୋଦୀ କହିଛନ୍ତି, ଆପଣଙ୍କ କୁଶଳ ନେତୃତ୍ୱରେ ଆମେ ଭାରତ-ଜାପାନ ମିତ୍ରତାକୁ ନୂଆ ଉଚ୍ଚତାରେ ପହଞ୍ଚାଇବାକୁ ନେଇ ମୁଁ ଆଶାବାଦୀ। ସହଯୋଗୀ ଜାପାନ ଇନୋଭେସନ୍ ପାର୍ଟି (ଇଶିନ୍) ସହ ମିଶି ଏଲ୍‌ଡିପି ନେତୃତ୍ୱାଧୀନ ମେଣ୍ଟ ନିର୍ବାଚନରେ ୩୬୬ ଆସନ ଜିତିପାରେ ବୋଲି ଆକଳନ କରାଯାଉଛି। ମେଣ୍ଟକୁ ଯଦି ୩୧୦ ଆସନ ମିଳିଯାଏ, ତେବେ ଉଚ୍ଚ ସଦନରେ ବିରୋଧୀ ଦଳଙ୍କ ନିୟନ୍ତ୍ରଣ ସତ୍ତ୍ୱେ ସରକାରଙ୍କୁ ଆଇନ ପାସ୍ କରିବା ଶକ୍ତି ମିଳିଯିବ। ତକାଇଚି ଚୀନ୍ ବିରୋଧରେ କଠୋର ଦୃଷ୍ଟିକୋଣ ଆପଣାଇ ସୈନ୍ୟ ଖର୍ଚ୍ଚ ବୃଦ୍ଧି କରିଛନ୍ତି। ଏହା ସହିତ ଆର୍ଥିକ ପ୍ୟାକେଜ୍ ଏବଂ ଟାକ୍ସ କାଟ୍‌ର ଘୋଷଣା କରିଛନ୍ତି। ସେହିପରି ମହଙ୍ଗାରୁ ଆଶ୍ୱସ୍ତି ପାଇଁ ଖାଦ୍ୟ ପଦାର୍ଥ ଉପରେ ୮% ସେଲ୍ସ ଟାକ୍ସକୁ ଦୁଇବର୍ଷ ପାଇଁ ନିଲମ୍ବିତ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହା ତାଙ୍କୁ ନିର୍ବାଚନରେ ବିପୁଳ ସମର୍ଥନ ଦେଇଛି। ରାଜନୈତିକ ବିଶ୍ଳେଷକଙ୍କ ଅନୁସାରେ ଯଦି ତକାଇଚିଙ୍କୁ ବିପୁଳ ବିଜୟ ମିଳେ, ତେବେ ଟାକ୍ସ ହ୍ରାସ ପରି ପ୍ରମୁଖ ନିଷ୍ପତ୍ତି ଲାଗୁ କରିବାରେ ସ୍ୱାଧୀନତା ମିଳିଯିବ।

# ସାମ୍ବାରେ ପାକିସ୍ତାନୀ ଅନୁପ୍ରବେଶକାରୀ ଗିରଫ

**ଶ୍ରୀନଗର,୮।୨/ଏଜେନ୍ସି:** ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଜମ୍ମୁ-କଶ୍ମୀରର ସାମ୍ବା ଜିଲ୍ଲାର ଅନ୍ତର୍ଜାତୀୟ ସୀମାରୁ ରବିବାର ଜଣେ ପାକିସ୍ତାନୀ ଅନୁପ୍ରାବେଶକାରୀକୁ ଗିରଫ କରିଛି। ଅଧିକାରୀଙ୍କ ଅନୁସାରେ ବିଏସ୍‌ଏଫ୍ ଯବାନ ଅନ୍ତର୍ଜାତୀୟ ସୀମାରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିବାକୁ ପାଇଥିଲେ। ଏହାପରେ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ଅନୁପ୍ରବେଶକାରୀକୁ ଧରିଥିଲେ। ସମ୍ପୃକ୍ତ ଅନୁପ୍ରବେଶକାରୀକୁ ପଚରା ଉଚରା ପାଇଁ ବିଏସ୍‌ଏଫ୍ ହାଜକୁ ନିଆଯାଇଛି। ସେ ସୀମା ଅତିକ୍ରମ କରି କାହିଁକି ଆସିଛି ଏବଂ ତା' ଉଦ୍ଦେଶ୍ୟ କ'ଣ, ସେ ସମ୍ପର୍କରେ ସୁରକ୍ଷା ଏଜେନ୍ସି ପତ୍ତା ଲଗାଇବାରେ ଲାଗିଛନ୍ତି।

## ଡେଭିସ୍ କପ୍: ଭାମ୍ବ୍ରୀ-ଧାକ୍ଷିଣେଶ୍ୱରଙ୍କ ମାରାଥନ୍ ଡବଲ୍ସ ବିଜୟ

# ନେଦରଲାଣ୍ଡ ବିପକ୍ଷରେ ଭାରତ ୨-୧ରେ ଆଗୁଆ

**ବେଙ୍ଗାଲୁରୁ,୮।୨/ଏଜେନ୍ସି:** ୟୁକି ଭାମ୍ବ୍ରୀ ଓ ଦାକ୍ଷିଣେଶ୍ୱର ସୁରେଶଙ୍କ ଯୋଡ଼ି ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ ସହ ମାରାଥନ୍ ଡବଲ୍ସ ମ୍ୟାଚ୍ ଜିତି ଡେଭିସ୍ କପ୍ କ୍ୱାଲିଫାୟର୍ସ ରାଉଣ୍ଡ୍-୧ରେ ନେଦରଲାଣ୍ଡ୍ ବିପକ୍ଷରେ ଭାରତକୁ ୨-୧ର ଅଗ୍ରଣୀ କରିଛନ୍ତି। ଭାରତୀୟ ଯୋଡ଼ି ଡେଭିଡ୍ ପିଲେ ଏବଂ ସେଣ୍ଡର୍ ଏରେଣ୍ଡ୍‌ସଙ୍କୁ ତିନି ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ରୋମାଞ୍ଚକର ମ୍ୟାଚ୍‌ରେ ୭-୬ (୦), ୩-୬, ୭-୬ (୧)ରେ ହରାଇଛି। ଉତ୍‌ଥାନ-ପତନ ଭରା ପ୍ରଥମ ସେଟ୍‌ରେ ଭାମ୍ବ୍ରୀଙ୍କ ସର୍ଭିସ୍‌ରେ ଲଗାତାର ଚାପ ସୃଷ୍ଟି ହୋଇଥିଲେ ମଧ୍ୟ ଭାରତୀୟ ଯୋଡ଼ି କେତେକ ବ୍ରେକ୍ ପଏଣ୍ଟ ବଞ୍ଚାଇ ନିଜ ସମ୍ଭାଳିଥିଲା। ଶେଷରେ ମୁକାବିଲା ଟାଇବ୍ରେକ୍‌ରେ ପହଞ୍ଚିଥିଲା ଏବଂ ଭାରତୀୟ ଯୋଡ଼ି ୪-୦ ଅଗ୍ରଣୀ ହାସଲ କରି ବିନା କୌଣସି ପଏଣ୍ଟ ହରାଇ ସେଟ୍ ନିଜ ନାମରେ କରିଥିଲେ। ଦ୍ୱିତୀୟ ସେଟ୍‌ରେ ନେଦରଲାଣ୍ଡ୍ ଯୋଡ଼ି ପ୍ରତ୍ୟାବର୍ତ୍ତନ କରି ଭାମ୍ବ୍ରୀଙ୍କ ଦୁର୍ବଳ ସର୍ଭିସ୍‌ର ଲାଭ ଉଠାଇ ୬-୩ରେ ସେଟ୍ ଜିତି ସ୍ଥିତି ସମାନ କରିଥିଲେ। ତୃତୀୟ ସେଟ୍‌ରେ ଅସଲ ଲଢ଼େଇ ଦେଖିବାକୁ ମିଳିଥିଲା। ଭାରତ ବହୁ ସୁଯୋଗ ପାଇଥିଲେ ମଧ୍ୟ ଏହାର ଉପଯୋଗ କରିପାରି ନଥିଲା। ଏରେଣ୍ଡ୍‌ଙ୍କ ବାମ ହାତରେ ଆଘାତ ଲାଗିବା ପରେ ତାଙ୍କ



ସର୍ଭିସ୍ ଦୁର୍ବଳ ହୋଇପଡ଼ିଥିଲା ଏବଂ ଭାରତୀୟ ଯୋଡ଼ି ଏହାର ଲାଭ ଉଠାଇ ଟାଇବ୍ରେକ୍‌ରେ ଦବ୍‌ଦବା ସହିତ ମ୍ୟାଚ୍ ଜିତି ନେଇଥିଲା। ଏହି ବିଜୟ ସହିତ ଭାରତ ଟାଇରେ ୨-୧ର ଅଗ୍ରଣୀ ହାସଲ କରିଛି। ଏବେ ରିଭର୍ସ ସିଙ୍ଗଲ୍ସରେ ସୁମିତ ନାଗଲଙ୍କ ମୁକାବିଲା ଜେସ୍ପର୍ ଡେ ଜୋଙ୍ଗ୍‌ଙ୍କ ସହ ଏବଂ ଧାକ୍ଷିଣେଶ୍ୱର ସୁରେଶଙ୍କର ଗାଡ ଡେନ୍ ଆଉଡେନ୍‌ଙ୍କ ହେବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra